RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

NITIDIN
# ନିତିଦିନ


www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
30 JULY 2025
ବୁଧବାର
୩୦ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 76 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୭୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ସହକାରୀ ଯନ୍ତ୍ରୀଙ୍କ ବିପୁଳ ସମ୍ପତ୍ତି ଠାବ

**ଏକକାଳୀନ ୧୦ ସ୍ଥାନରେ ଚଢ଼ଉ**



**କଟକ,ନୟାଗଡ଼,୨୯।୭/ଏନ୍ଏନ୍ଏସ୍:**

ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଆର୍ ଆଣ୍ଡ ବି ଡିଭିଜନ୍-୨ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ପୈତୃକ ଘର ସମେତ ୧୦ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ଉ କରୁଛି । ଏପରିକି ନୟାଗଡ଼ରେ ୧୩ ମୂଲ୍ୟବାନ ପ୍ଲଟ୍ ସହିତ ବହୁ ବେନାମୀ ସମ୍ପତ୍ତି ଠାବ କରିଛି । ଭୁବନେଶ୍ୱରର ୮ ଏବଂ ନୟାଗଡ଼ର ୨ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି । ଏଗୁଡ଼ିକ ମଧ୍ୟରେ ନୀଳାଦ୍ରି ବିହାର ସେକ୍ଟର୍-୫ ପ୍ଲଟ୍ ନମ୍ବର ୨୨୬ରେ ଥିବା ତିନିମହଲା କୋଠା, କସ୍ମୋପଲିସ୍ ଅଷ୍ଟମ ମହଲାରେ ଫ୍ଲାଟ୍ ନମ୍ବର ଇ-୦୮୩, ପାହାଳସ୍ଥିତ ସିମ୍ଫନି ମଲ୍‌ରେ ଦୋକାନ ନମ୍ବର ୧୬, ନୟାଗଡ଼ ଜଗନ୍ନାଥପ୍ରସାଦରେ ଅବସ୍ଥିତ ପୈତୃକ ଘର, ଶ୍ରୀ ଜେନାଙ୍କ କାର୍ଯ୍ୟାଳୟ ଚାମ୍ବର, ପଟିଆରେ ଥିବା ତାଙ୍କ ଶ୍ୱଶୁରଙ୍କ ଘର, ନୟାଗଡ଼ର ଶିବାଜୀନଗରରେ ଥିବା ତାଙ୍କ ଅନ୍ୟ ଜଣେ ଶ୍ୱଶୁରଙ୍କ ଘର, ଟାୱାର ଏଚ୍ କସ୍ମୋପଲିସ୍‌ର ଫ୍ଲାଟ୍ ନମ୍ବର ଏଚ୍-୧୬୪, ଡୁମଡୁମାସ୍ଥିତ ପ୍ଲଟ୍ ନମ୍ବର୍ ୫୪୯/୩୧୭୭/୩୩୬୮ ଏବଂ ଜାଗମରାରେ ୬୧୭ ନଂ ପ୍ଲଟ୍‌ସ୍ଥିତ ମେସର୍ସ ଏଏସ୍ଏନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଏକକାଳୀନ ଚଢ଼ଉ କରାଯାଇଛି । ଏଥିସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସୁନା ଗହଣା ଜବତ ହୋଇଛି । ତେବେ ଜଣେ ଯନ୍ତ୍ରୀ କିପରି କୋଟି କୋଟି ଟଙ୍କାର ମାଲିକ ଓ ସିମ୍ଫୋନି ମଲ୍ ଭଳି ବଡ଼ ବଡ଼ ମଲ୍‌ରେ ବ୍ୟବସାୟ କରୁଥିଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି । ଭୁବନେଶ୍ୱର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୭ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୧୧ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଚଢ଼ଉ କରାଯାଉଛି ।

## ୪ ବ୍ଲକ୍‌କୁ ସ୍ୱର୍ଣ୍ଣ, ୭କୁ ରୌପ୍ୟ, ୩କୁ କାଂସ୍ୟ ଓ ୧୧ ବ୍ଲକ୍‌କୁ ତାମ୍ରପଦକ

# ଆକାଂକ୍ଷୀ ଜିଲ୍ଲାରେ ପୂରଣ ହେବ ଆକାଂକ୍ଷା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସ୍‌ନାଲ୍ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ୍ ସାବ୍ୟସ୍ତ ହୋଇଛି । ଏଥିସହିତ ଆଗାମୀ ଦିନଗୁଡ଼ିକରେ ଆକାଂକ୍ଷୀ ଜିଲ୍ଲାର ଆକାଂକ୍ଷା ପୂରଣହେବ । ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ରାଜ୍ୟ କନ୍‌ଭେନସନ୍ କେନ୍ଦ୍ରଠାରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଏକସପ୍ତାହ ବ୍ୟାପି ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସ୍ପିରେସ୍‌ନାଲ୍ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି । ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୩-'ସି' ଯଥା- କନ୍‌ଭର୍‌ଜେନ୍ସ ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କୋଲାବରେସନ୍ ଅର୍ଥାତ୍- କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ ପ୍ରତିଯୋଗିତା ଅର୍ଥାତ୍- ପ୍ରମୁଖ



ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି । ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ୍‌ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ- 'ଭୋକାଲ୍ ଫର୍ ଲୋକାଲ୍' ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହାକୁ ବାସ୍ତବ ରୂପଦେବା ନିମନ୍ତେ ୨୦୨୪ ମସିହାରେ 'ଆକାଂକ୍ଷା ବ୍ରାଣ୍ଡ୍'ର ଶୁଭାରମ୍ଭ କରାଯାଇଛି । ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି, ଏହି ଆକାଂକ୍ଷା ବ୍ରାଣ୍ଡ୍‌କୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି । ଏହି ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ଉପଲବ୍ଧତା ବୃଦ୍ଧିପାଇବ । ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳିପାରିବ । ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଙ୍ଗ୍ ନିମନ୍ତେ ଡିଜିଟାଲ୍ ଇ-ବଜାରଗୁଡ଼ିକରେ ମଧ୍ୟ ଉପଲବ୍ଧ କରାଯିବ । ଏହା ଦ୍ୱାରା ଏହି ଉତ୍ପାଦଗିଡ୍ଡକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇପାରିବ । ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି

**ଦୁର୍ଗମ ଜିଲ୍ଲାକୁ ଯୋଗାଯୋଗ, ପରିବହନକୁ ପ୍ରାଥମିକତା**

**ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସଫଳ ମଡେଲ୍**

ନିମନ୍ତେ ଆକାଂକ୍ଷା ବ୍ରାଣ୍ଡ୍‌ର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁୟାରୀ ମାସରେ ଶୁଭାରମ୍ଭ କରିଥିଲେ । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁୟାରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା । ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି)

▶▶ ୫

**ମୟୂରଭଞ୍ଜରେ ଡବଲ୍ ମର୍ଡର୍**

## ମାଟି ତଳୁ ୨ ମୃତଦେହ ଉଦ୍ଧାର



**ବାରିପଦା,୨୯।୭/ଏନ୍ଏନ୍ଏସ୍:**

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ବଡ଼ ନୂଆଗାଁରେ ଶିହରଣ ସୃଷ୍ଟି କରିବା ଭଳି ଘଟଣା ଘଟିଛି । ସ୍ତ୍ରୀ, ଶାଶୂଙ୍କୁ ଅତି ଜଘନ୍ୟ ଭାବେ ହତ୍ୟାକରି ଜ୍ୱାଇଁ ବାଡ଼ିରେ ପୋତିଦେବା ସହ ସେଠାରେ କଦଳୀଗଛ ଲଗାଇଥିଲା ବେଳେ ପୁଲିସ ପହଞ୍ଚି ମୃତଦେହ ଦୁଇଟି ଉଦ୍ଧାର

**ସ୍ତ୍ରୀ, ଶାଶୂଙ୍କୁ ପୋତି କଦଳୀଗଛ ଲଗାଇଲା ଜ୍ୱାଇଁ**

କରିଛି । ମୃତ ମା' ଓ ଝିଅ ହେଲେ ସୋନାଲି ଦଳେଇ (୨୩) ଓ ସୁମତି ଦଳେଇ (୫୫) । ଅଭିଯୁକ୍ତ ଜ୍ୱାଇଁ ଦେବାଶିଷ ପାତ୍ର ବୋଲି ଜଣାପଡ଼ିଛି ।

ସୂଚନା ମୁତାବକ ଦେବାଶିଷ ପାତ୍ର ଆମ୍ବଡୁବି ଗ୍ରାମର ଲକ୍ଷ୍ମୀଧର ଦଳେଇଙ୍କ ଝିଅ ସୋନାଲି ଦଳେଇଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଗୋଟିଏ ଏକବର୍ଷର ପୁତ୍ର ସନ୍ତାନ ରହିଛି । ଦେବାଶିଷ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ କୁଆବୁଡ଼ା ସବ୍‌ସେଣ୍ଟର୍‌ରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରନ୍ତି । କୌଣସି ଘରୋଇ କଳହ କାରଣ ପାଇଁ ଦେବାଶିଷ ସ୍ତ୍ରୀ ସୋନାଲି ଓ ଶାଶୂ ସୁମତି ଦଳେଇ ଦୁଇଜଣଙ୍କୁ ଗତ ୧୯ ତାରିଖ ଦିନ ପଥରରେ ଛେଚି ହତ୍ୟା କରିଥିଲା । ପରେ ନିଜ ଲେମ୍ବୁବାଡ଼ିରେ ଗାତ ଖୋଳି ମୃତଦେହ ଦୁଇଟିକୁ ପୋତି ଦେଇଥିଲା । ତେବେ ଲୋକଙ୍କ ସନ୍ଦେହ ଏଡ଼ାଇବା ପାଇଁ ପୋତା ସ୍ଥାନ ଉପରେ କଦଳୀଗଛ ଲଗାଇଥିଲା । ତେବେ କିଛିଦିନ ଧରି ହତ୍ୟାକାରୀଙ୍କ ସ୍ତ୍ରୀ ନିଖୋଜ ଥିବାରୁ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ବାଡ଼ିରେ ଗାତ ଖୋଳି ପୋତା ଯାଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାତଖୋଳି ମୃତଦେହ ଦୁଇଟିକୁ ଉଦ୍ଧାର କରିଛି । ଥାନା ଆଇଆଇସି ମଧୁମିତା ମହାନ୍ତି, ମାଜିଷ୍ଟ୍ରେଟ୍ ଦୁର୍ଗା ଚରଣ ମୁର୍ମୁଙ୍କ ଉପସ୍ଥିତରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି । ଅଭିଯୁକ୍ତ ପୁଲିସ ଆଗରେ ହତ୍ୟାକରି ପୋତି ଦେଇଥିବା କଥା ସ୍ୱୀକାର କରିଛି । ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ ।

## ଶ୍ରୀମନ୍ଦିର ଭିତରେ ହିଡେନ୍ କ୍ୟାମେରା

**ପୁରୀ,୨୯।୭/ଏନ୍ଏନ୍ଏସ୍:**

ଶ୍ରୀମନ୍ଦିର ଭିତରେ ହିଡେନ୍ କ୍ୟାମେରା । ଜଣେ ଯୁବକ ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପୁଲିସ ହାତରେ ଧରାପଡ଼ିଛନ୍ତି । ସିଂହଦ୍ୱାର ଥାନା ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ କ୍ୟାମେରା ଓ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି ।

ସୂଚନା ମୁତାବକ, ଅଟକ ଯୁବକ ଜଣକ ପୁରୀ ଗଜପତି ନଗରର ଅଭିସିତ୍ କର ବୋଲି ଜଣାପଡ଼ିଛି । ତେବେ ତାଙ୍କ ସହ କେଉଁ ସେବକ ଯାଇଥିଲେ, ସେନେଇ ସିଂହଦ୍ୱାର ଥାନା ପୁଲିସ ତଦନ୍ତ କରୁଛି । ତେବେ ସମ୍ପୃକ୍ତ ଯୁବକ ଜଣକ ଅଭିନବ ଉପାୟରେ ଶ୍ରୀମନ୍ଦିର ଭିତରେ ଫଟୋ ଓ ଭିଡିଓ ହିଡେନ୍ କ୍ୟାମେରା ମାଧ୍ୟମରେ କଏଦ କରିଥିବା ସନ୍ଦେହ କରାଯାଉଛି । ଅଭିଯୁକ୍ତ ନିଜ ଚଷମାରେ ହିଡେନ୍ କ୍ୟାମେରା ଲେନ୍ସ ଲଗାଇ ଶ୍ରୀମନ୍ଦିରର ଭିତର ଭିଜୁଆଲ୍ ଉତ୍ତୋଳନ କରୁଥିଲେ । ଚଷମାରେ ଲାଗିଥିବା ଲେନ୍ସରୁ ଫଟୋ ଓ ଭିଡିଓ ସିଧାସଳଖ ମୋବାଇଲ୍‌କୁ ଟ୍ରାନ୍ସଫର୍ ହେବାର ସୁବିଧା ରହିଛି ଏହି କ୍ୟାମେରାରେ । ତେବେ ବେହରଣ ଦ୍ୱାର ନିକଟରେ



- ପଚରାଉଚରା ପରେ ନୋଟିସ୍ ଦେଇ ଅଭିଯୁକ୍ତକୁ ଛାଡ଼ିଲା ପୁଲିସ
- ତଦନ୍ତ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଏସ୍‌ପି

ପୁଲିସ ସନ୍ଦେହ କରିବାରୁ ସମ୍ପୃକ୍ତ ଯୁବକଙ୍କୁ ଧରି ସିଂହଦ୍ୱାର ଥାନାକୁ ନେଇଥିଲା । ସେପଟେ ଶ୍ରୀମନ୍ଦିର ଚାରି ଦ୍ୱାରରେ କଡ଼ା ସୁରକ୍ଷା ଏବଂ ଚେକିଂ ସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ଏହି ଯୁବକ ଜଣକ କ୍ୟାମେରା ଓ ମୋବାଇଲ୍ ଫୋନ୍ ନେବାକୁ କିଭଳି ସାହାସ କଲେ ତାକୁ ନେଇ ଏବେ ସୁରକ୍ଷା ବ୍ୟବସ୍ଥା ଉପରେ

▶▶ ୫

## ଅଗଷ୍ଟ ୨୯ରୁ ଏସ୍‌ସି ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷ ସମ୍ମିଳନୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ଆସନ୍ତା ଅଗଷ୍ଟ ମାସ ୨୯ ଓ ୩୦ତାରିଖରେ ଭୁବନେଶ୍ୱରଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ । ଆଲୋଚନା ଅନୁଯାୟୀ ଏହି ଜାତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ଡ. ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ

**ଯୋଗଦେବେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି**


▶▶ ୫

**ଟ୍ରକ୍‌କୁ ଧକ୍କା ଦେଲା ବସ୍**

## ୧୮ କାଉଡ଼ିଆ ମୃତ, ୨୦ ଆହତ

**ରାଞ୍ଚି,୨୯।୭/ଏଜେନ୍ସି:**

ଝାଡ଼ଖଣ୍ଡର ଡୁମ୍‌କା ଜିଲ୍ଲାରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୧୮ଜଣ ପ୍ରାଣ ହରାଇଛନ୍ତି । ରିପୋର୍ଟ ଅନୁସାରେ କିଛି କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ଗ୍ୟାସ୍ ସିଲିଣ୍ଡର୍ ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କାହେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଇନ୍ସପେକ୍ଟର୍ ଜେନେରାଲ୍ (ଡୁମ୍‌କା ଜୋନ୍) ଶୈଳେନ୍ଦ୍ର କୁମାର ସିହ୍ନା ପିଟିଆଇକୁ ସୂଚନା ଦେଇ କହିଛନ୍ତି ଯେ ଦେଓଘରର ମୋହନପୁର ଥାନା ଅନ୍ତର୍ଗତ ଜାମୁନିଆ ଜଙ୍ଗଲ ନିକଟରେ କାଉଡ଼ିଆଙ୍କୁ ନେଇଯାଉଥିବା ଏକ ୩୨ ସିଟ୍ ବିଶିଷ୍ଟ ବସ୍ ଏକ ଟ୍ରକ୍ ସହିତ



ଧକ୍କା ହୋଇଥିଲା । ପ୍ରତ୍ୟକ୍ଷଦର୍ଶୀ ପୁଲିସ୍‌କୁ ଦେଇଥିବା ବୟାନ୍ ଅନୁସାରେ ବସ୍‌ଟି ଅତ୍ୟଧିକ ବେଗରେ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ ଏହି ଧକ୍କା ହୋଇଥିଲା । ଘଟଣାସ୍ଥଳରେ ହିଁ ଅଧିକାଂଶ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ମଙ୍ଗଳବାର ଭୋର୍ ପ୍ରାୟ ୪.୩୦ ସମୟରେ ଘଟିଥିବା କୁହାଯାଉଛି ।

ସ୍ଥାନୀୟ ପୁଲିସ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆହତମାନଙ୍କୁ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କ ଚିକିତ୍ସା ଚାଲିଛି ।

▶▶ ୫

**ଅପରେସନ୍ ସିନ୍ଦୂର' ଉପରେ ଚର୍ଚ୍ଚା ଜାରି: ପ୍ରଧାନମନ୍ତ୍ରୀ ରଖିଲେ ବିବୃତି**

# '୨୨ ମିନିଟ୍‌ରେ ନେଇଛୁ ପହଲଗାମ୍‌ର ପ୍ରତିଶୋଧ'

**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:**

ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଲୋକସଭାରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର' ସମ୍ପର୍କୀତ ଆଲୋଚନାଚକ୍ରରେ ସାମିଲ ହୋଇଛନ୍ତି । ମୋଦୀ ନିଜ ଭାଷଣରେ କହିଛନ୍ତି, ୨୨ ଏପ୍ରିଲ୍‌ର ଆକ୍ରମଣର ପ୍ରତିଶୋଧ ୨୨ ମିନିଟ୍ ମଧ୍ୟରେ ନିଆଯାଇଥିଲା । ୬ ମେ' ରାତି ଓ ୭ ମେ' ସକାଳେ ଭାରତୀୟ ସେନା ନିର୍ଦ୍ଧାରିତ ଲକ୍ଷ୍ୟ ସହିତ ୯ଟି ଆତଙ୍କବାଦୀ ଶିବିର ସମେତ ପାକିସ୍ତାନର ଅନେକ ଏୟାରବେସ୍‌କୁ ଉଡାଇ



ଦେଇଥିଲା । ଭାରତୀୟ ସେନାର ପ୍ରଚଣ୍ଡ ପରାକ୍ରମ ତଥା ଆକ୍ରମଣରେ ଧୂଳିସାତ୍ ହୋଇଯାଇଥିବା ପାକିସ୍ତାନର ଅନେକ ସାମରିକ ଆଡ୍ଡା ଆଜି ବି ଆଇସିୟୁରେ ପଡ଼ିରହିଛି । ପାକିସ୍ତାନ ଭାରତର ଏପ୍ରକାର ଆକ୍ରମଣକୁ କଦାପି ଭୁଲିପାରିବ ନାହିଁ । ଭାରତୀୟ ସେନା ଅପରେସନ୍ ସିନ୍ଦୂର' ମାଧ୍ୟମରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ କେବଳ ନଷ୍ଟ କରିଛି ତାହା ନୁହେଁ ପାକିସ୍ତାନରେ ନିର୍ଭୟରେ ବିଚରଣ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ମଧ୍ୟ ନିପାତ କରି ପାକିସ୍ତାନର ଅଣ୍ଟା ଭାଙ୍ଗିଦେଇଛି । ଆଜି ସେ ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ଭାରତର ପକ୍ଷ ରଖିବା ପାଇଁ ଏବଂ ଯେଉଁମାନେ


▶▶ ୫

**ଆଉ ୨ ଦିନ ପ୍ରବଳ ବର୍ଷା**

## ୨୪ ଘଣ୍ଟାରେ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ଆସନ୍ତା ୨ ଦିନ ଓଡ଼ିଶାରେ ପ୍ରବଳ ବର୍ଷିବ । ଦକ୍ଷିଣ ବାଂଲାଦେଶ ଏବଂ ଏହାର ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ବିଶେଷ କରି ଉତ୍ତର ଆଭ୍ୟନ୍ତରଣ, ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ଆକଳନ କରିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୫ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା



**ରାଜ୍ୟରେ ଏପର୍ଯ୍ୟନ୍ତ ୫୯୬.୯ ମିମି ବର୍ଷା ରେକର୍ଡ**

ସହ ବିଜୁଳି ଘଡ଼ଘଡ଼ି ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ

▶▶ ୫

## ସ୍ତ୍ରୀକୁ ମିଛରେ ନିଖୋଜ ଦର୍ଶାଇବା ମହଙ୍ଗା ପଡ଼ିଲା

# କୋର୍ଟଙ୍କ ସମୟ ଅପଚୟ କରିଥିବାରୁ ୨୫ ହଜାର ଦଣ୍ଡ

**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ବାପଘରକୁ ଯାଇଥିବା ସ୍ତ୍ରୀକୁ ମିଛରେ ନିଖୋଜ ଦର୍ଶାଇ ମାମଲା ଦାୟର କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଅଦାଲତଙ୍କ ମୂଲ୍ୟବାନ ସମୟ ଅପଚୟ କରିଥିବା କାରଣରୁ ହାଇକୋର୍ଟ ସଂପୃକ୍ତ ଯୁବକ ଉପରେ ୨୫ ହଜାର ଟଙ୍କାର ଫାଇନ୍ ଲଗାଇଛନ୍ତି। ୩ ସପ୍ତାହ ମଧ୍ୟରେ ଉପରୋକ୍ତ ଅର୍ଥରାଶି ରାଜ୍ୟ ଆଇନସେବା ପ୍ରାଧିକରଣରେ ଦାଖଲ କରିବାକୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଯୁବକ ପ୍ରକାଶ କୁମାର ନାହାକଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ ଆବେଦନକାରୀ ଯୁବକ ତାଙ୍କ ପତ୍ନୀ ଗତ ଏପ୍ରିଲ୍ ୨୧ ତାରିଖରୁ ନିଖୋଜ ଥିବା ଦର୍ଶାଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏପରିକି ଖଣ୍ଡପଡ଼ା ଥାନାରେ ତାଙ୍କ ପତ୍ନୀଙ୍କ ନିଖୋଜ ସମ୍ପର୍କିତ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ତେବେ ପୁଲିସ୍ ଏ ସମ୍ପର୍କରେ ପଦକ୍ଷେପ ନେଉନଥିବା ଦର୍ଶାଇ ଆବେଦନକାରୀ ଏଥିପାଇଁ ପୁଲିସ୍‌କୁ ଦାୟୀ କରିଥିଲେ। ଏହାପରେ ସେ ହାଇକୋର୍ଟରେ ଏକ ହେବିୟସ୍ କର୍ପସ୍ ମାମଲା ଦାୟର କରିଥିଲେ। ହାଇକୋଟରେ ଆଜି ଶୁଣାଣି ବେଳେ ପୁଲିସ୍ ରିପୋର୍ଟ ଆଧାରରେ ରାଜ୍ୟ ସରକାର ଦର୍ଶାଇଥିଲେ ଯେ ଆବେଦନକାରୀ ତାଙ୍କ ପତ୍ନୀ ନିଖୋଜ ଥିବା ଦର୍ଶାଇ ଯେଉଁ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ପୁଲିସ୍ ତଦନ୍ତ ବେଳେ ଜଣା ପଡ଼ିଥିଲା ଯେ ଆବେଦନକାରୀଙ୍କ ପତ୍ନୀ ନିଖୋଜ ନାହାନ୍ତି ବରଂ ବିବାହର ଏକମାସ ପରେ ସେ ତାଙ୍କ ବାପ ଘରକୁ ଯାଇଥିଲେ। ସେଠାରେ ଆବେଦନକାରୀ ନିଜ ଶ୍ୱଶୁର ଘରେ ନିଜ ପତ୍ନୀଙ୍କ ସହ ମଧ୍ୟ ରହୁଥିବା ଖବର ପୁଲିସ୍ ତଦନ୍ତ ବେଳେ ସ୍ପଷ୍ଟ ହୋଇଥିଲା। ଏହି ଖବର ପରେ ମଧ୍ୟ ଆବେଦନକାରୀ ଜାଣିଶୁଣି କୋର୍ଟଙ୍କୁ ଅବଗତ କରିନଥିଲେ। ଏପରିସ୍ଥିତିରେ ଆବେଦନକାରୀ କୋର୍ଟଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ହାଇକୋର୍ଟ ଆବେଦନକାରୀଙ୍କ ହେବିୟସ୍ କର୍ପସ୍ ଆବେଦନକୁ ଖାରଜ କରିବା ସହ ଆବେଦନକାରୀଙ୍କ ଉପରେ ୨୫ ହଜାର ଟଙ୍କା କଷ୍ଟ୍ କରିଛନ୍ତି।

## ଆଇଏଏସ୍ ତେଜସ୍ୱିନୀ ପାଇବେ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଝାଡେଶ୍ୱର-କଡ଼େଇ ଗ୍ରାମର ଝିଅ ତେଜସ୍ୱିନୀ ବେହେରା, ଆଇଏଏସ୍ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ' ପୂଜ୍ୟପୂଜା ସମାରୋହ'ରେ ପ୍ରଦାନ କରାଯାଉଥିବା କର୍ମଯୋଗୀ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପାଇବା ଲାଗି ମନୋନୀତ ହୋଇଛନ୍ତି। ୨୦୨୩ ବ୍ୟାଚ୍ ଓଡ଼ିଶା କ୍ୟାଡର୍‌ର ତେଜସ୍ୱିନୀ ଆଇଏଏସ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୫୧୬ ର୍ୟାଙ୍କ୍ ହାସଲ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଆସନ୍ତା ୧୦ତାରିଖରେ ସେ ସୁନ୍ଦରଗଡ଼ ଉପଜିଲ୍ଲାପାଳ ଭାବରେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏଥିପୂର୍ବରୁ ତେଜସ୍ୱିନୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମଧ୍ୟ ପ୍ରଥମ ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କର ପିତା ରାଜ୍ୟ ପଶୁ ସମ୍ପଦ ବିଭାଗରେ କାର୍ଯ୍ୟରତ ଚିକିତ୍ସକ ଡା. ଲୋକନାଥ ବେହେରା ଓ ଜୟନ୍ତୀ ବେହେରାଙ୍କ ସୁପୁତ୍ରୀ ତେଜସ୍ୱିନୀଙ୍କ ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଶୁଭେଚ୍ଛା ଜଣାଇବା ସହ ତାଙ୍କ ପାଇଁ ଟାଙ୍ଗୀ ଅଞ୍ଚଳବାସୀ ଗର୍ବିତ ବୋଲି କହିଛନ୍ତି।

## ଖ୍ରୀଷ୍ଟ କଲେଜ୍ କନିଷ୍ଠ କିରାଣୀଙ୍କ ବିୟୋଗରେ ଶୋକସଭା

**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ଖ୍ରୀଷ୍ଟ କଲେଜର କନିଷ୍ଠ କିରାଣୀ ମଧୁବ୍ରତ ଦାଶଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ କଲେଜ ପରସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଲିଭର୍ ସିରୋସିସ୍ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ୩୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିବାରୁ କଲେଜରେ ଏକ ଶୋକାକୁଳ ପରିସ୍ଥିତ ସୃଷ୍ଟି ହୋଇଛି। ତାଙ୍କର ସରଳ ବ୍ୟବହାର, କାର୍ଯ୍ୟ ନିପୁଣତା, ଦାୟିତ୍ୱବୋଧକୁ ମନେପକାଇ ପରିଚାଳନା ସମିତିର କର୍ମକର୍ତ୍ତା, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ପ୍ରଶାସନିକ ବର୍‌ସାର୍, ଶିକ୍ଷକ ସଂଘର ସଂପାଦକ, ସହସଂପାଦକ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା କଲେଜର ବିଦ୍ୟାର୍ଥୀମାନେ ଭାବବିହ୍ୱଳପୂର୍ଣ୍ଣ ସ୍ମୃତିଚାରଣ ପୂର୍ବକ ତାଙ୍କ ଅମର ଆତ୍ମାର ମୁକ୍ତିପାଇଁ ପ୍ରାର୍ଥନା କରିଥିଲେ।

## ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାରସ୍ଥିତ ଏଲ୍.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସଂପାଦକୀୟ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଲବଙ୍ଗଲତା ବିଶୋଇ ବର୍ତ୍ତମାନ ଯୁଗରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ରୂପେ କୁନଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ। କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ଅକ୍ଷୟ କୁମାର ନନ୍ଦ, ସମ୍ବିତ କୁମାର ରାୟ, ବିଭୁତି ଭୂଷଣ ପାଣି, ପ୍ରଣବ କୁମାର ନନ୍ଦୀ, ମାଳତି କୁମରି ପରଡା, ରଂଜନ ରାଉତ, ସ୍ୱର୍ଣ୍ଣପ୍ରିୟା ଦଳେଇ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନକଲ୍ୟାଣ କ୍ଲବ୍ ପକ୍ଷରୁ ନରାଜ ବ୍ରିଜ୍ ନିକଟରେ ସେବାକାର୍ଯ୍ୟ



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ତେଲେଙ୍ଗା ବଜାରର ଜନକଲ୍ୟାଣ କ୍ଲବ୍ ପକ୍ଷରୁ ସଭାପତି ଦେବେନ୍ଦ୍ର ପ୍ରସାଦ ସେଠୀ ନେତୃତ୍ୱରେ ନରାଜ ବ୍ରିଜ୍ ନିକଟରେ ସିଦ୍ଧେଶ୍ୱର ଓ ଧବଳେଶ୍ୱର ପୀଠକୁ ଯାଉଥିବା ହଜାର ହଜାର କାଉଡ଼ିଆଙ୍କ ପାଇଁ ମାଗଣା ପ୍ରସାଦ ସେବନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସେବା ଯୋଗାଇ ଦିଆଯାଇଛି। ତିନି ହଜାରରୁ ଅଧିକ କାଉଡିଆ ଭକ୍ତ ଏଠାରେ ପ୍ରସାଦ ସେବନ କରିଛନ୍ତି। ଏଥିରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଏବଂ ଯୁବ ଉଦ୍ୟୋଗୀ ସେଖ ମିରାଜୁଲ୍ ହକ୍ ଯୋଗଦେଇ କ୍ଲବର ସଭ୍ୟମାନଙ୍କୁ ଏଭଳି ଜନକଲ୍ୟାଣ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ପରିଡ଼ା, ମଦନ ବେହେରା, ସୁରଜ୍ ବାରିକ, ଦୀପକ ମାଝୀ, ସମ୍ୟକ୍ ମହାପାତ୍ର, ସଂଗ୍ରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ବିଜେପି ପକ୍ଷରୁ ପ୍ରତିବାଦ ସଭା, କୁଶପୁତ୍ତଳିକା ଦାହ




**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ନାବାଳିକା ଦୁଷ୍କର୍ମରେ ଗିରଫ ହୋଇଥିବା ବିଜେଡି ନେତା ତଥା କର୍ପୋରେଟର୍ ଅମରେଶ ଜେନାଙ୍କ ଘଟଣାକୁ ନେଇ ବିଜେପି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରିବା ସହ ବିଜୁ ଜନତା ଦଳର ନୈତିକତା ଉପରେ ପ୍ରଶ୍ନ ସୃଷ୍ଟିକରିଛି। କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଏକ ପ୍ରତିବାଦ ସଭା କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖରେ କରାଯାଇଛି। ଏଥିସହ ଅଭିଯୁକ୍ତ କର୍ପୋରେଟର୍ ଅମରେଶ ଜେନା, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥବରେ ବିଜେପି ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ, ରବିନାରାୟଣ ମିଶ୍ର, ଭାଗୀରଥି ଦଳାଇ, ମହେନ୍ଦ୍ର ମହାନ୍ତି, ଦୀପକ ଦାସ, ବିଶ୍ୱରଥ ସ୍ୱାଇଁ, ମୁନିନ୍ଦ୍ର ଭୋଳ, ବୈଦେଶ୍ୱର ପଣ୍ଡା, ଚିରଞ୍ଜିବ ଖଣ୍ଡାୟତ ରାୟ, ଦୀପକ ଦାସ,ଗୋପାଳ ବେହେରା, ବୈରାଗୀ ଚରଣ ପ୍ରଧାନ, ବ୍ରଜ କିଶୋର ବେହେରା, ପ୍ରସାଦ ଜ୍ୟୋତି କୁମାର, ସୁରଥ ରାଉତ, ଜୟଦେବ ପୃଷ୍ଟି, ସୁରେଶ ମହାନ୍ତି, ସୌମେନ୍ଦ୍ର ପଲାଇ, ହରିଚନ୍ଦନ ନାୟକ, ରାଜେଶ ବେହେରା, ଦୀପକ ସାହୁ, ସୁନିଲ କୁମାର ସ୍ୱାଇଁ, ପ୍ରବିଣା ମହାପାତ୍ର, ରଶ୍ମିରେଖା ଦାସ, ମଧୁସ୍ମିତା ପ୍ରଧାନ, ମାମିନା ମହାନ୍ତି, କଳ୍ପନା ବେହେରା, ମନସ୍ୱିନି ଦିକ୍ଷିତ, ହରିପ୍ରିୟା ଧଳ, ସୀତା ସାହୁ, ମିତାଲି ଦାସ, ସୁଚିତ୍ରା ରାୟ, ଅମ୍ବିକା ଦାସ, ନିର୍ମଳା ଆଚାର୍ଯ୍ୟ, କଲ୍ୟାଣୀ ମହଲା, ମମତା ମଲ୍ଲିକ, ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଟକ ସଦର ପଞ୍ଚାୟତସମିତି କାର୍ଯ୍ୟାଳୟରେ ବିଚିତ୍ର ସ୍ଥିତି

**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** କଟକସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପ୍ରତିଦିନ ଶହଶହ ଲୋକ ବିଭିନ୍ନ କାର୍ଯ୍ୟପାଇଁ ଆସୁଥିଲା ବେଳେ ବ୍ଲକର ସମ୍ମୁଖରେ ବର୍ଷାଜଳ ଜମି ରହୁଥିବାରୁ ନାନାବିଧ ସମସ୍ୟା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷାରେ ବ୍ଲକ କାର୍ଯ୍ୟାଳୟର ଚାରିଆଡ଼େ ବର୍ଷା ପାଣି ଜମି ରହିଥିବା ଯୋଗୁଁ ଜରୁରୀକାଳୀନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡ଼ିଛି। ସଦର ବ୍ଲକ କାର୍ଯ୍ୟାଳୟ ଭିତରକୁ ଯିବା ପାଇଁ ହେଲେ ଇଟା ଉପରେ ଚାଲିବାକୁ ପଡ଼େ। ଏହି ଭଳି ଦୃଶ୍ୟ ଦେଖି ଜରୁରୀ କାର୍ଯ୍ୟ ଆସୁଥିବା ଲୋକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକକୁ ବିଭିନ୍ନ ସମୟରେ ସାଂସଦ, ବିଧାୟକ, ଜିଲ୍ଲାପାଳ ଆସୁଥିବା ବେଳେ ଏହା କିପରି ତାଙ୍କ ଦୃଷ୍ଟି ପଡୁନାହିଁ, ତାହା ବିସ୍ମୟ ସୃଷ୍ଟିକରିଛି। କିପରି ଏହି ସମସ୍ୟାର ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ଲାଗି ସାଧାରଣଙ୍କର ଦାବି ହେଉଛି।




## ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଶ୍ରାଦ୍ଧବାର୍ଷିକୀ




**କଟକ,୨୯।୭/ଏନ୍‌ଏନ୍‌ଏସ୍ :** ଭାରତ ବର୍ଷର ନବଜାଗରଣର ମହାନ ପୁରୋଧା ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୧୩୪ତମ ଶ୍ରାଦ୍ଧବାର୍ଷିକୀ ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କମିଟି ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ସର୍ବପ୍ରଥମେ ବିଦ୍ୟାସାଗରଙ୍କ ଫଟୋ ଚିତ୍ରରେ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ସଂପାଦକ ତରୁଣସେନ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଆଜିର ପୁଞ୍ଜିବାଦୀ ସମାଜରେ ଭୋଗବାଦୀ ସଂସ୍କୃତିରୁ ଉର୍ଦ୍ଧ୍ୱରେ ରହି ସମାଜର ସାଧାରଣ ମଣିଷ ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ଛାତ୍ରମାନେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଏଥି ସହିତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ସାମନ୍ତବାଦୀ ଚିନ୍ତାଧାରାରୁ ମୁକ୍ତ ହୋଇ ଏକ ଯୁକ୍ତିବାଦୀ, ବୈଜ୍ଞାନିକ ଚିନ୍ତା ଚେତନାକୁ ପ୍ରଚାର ପ୍ରସାର ସହ ସରକାରୀ ଶିକ୍ଷା ଉପରେ ଆସୁଥିବା ଆକ୍ରମଣ ତଥା ଜାତୀୟ ଶିକ୍ଷାନୀତି ୨୦୨୦ ଯାହା ଶିକ୍ଷା ସଭ୍ୟତା ବିରୋଧୀ ତା' ବିରୋଧରେ ପ୍ରତିବାଦକୁ ଜୋରଦାର କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଏହି ଅବସରରେ କ୍ୟାମ୍ପସ୍ ପରିସରରେ ଛାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ମାଦକଦ୍ରବ୍ୟ, ଅଶ୍ଳୀଳତା ଓ ଅପସଂସ୍କୃତି ବିରୁଦ୍ଧରେ ପ୍ରତିବାଦ କରିବାକୁ ଛାତ୍ରମାନେ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ବିଶ୍ୱବିଦ୍ୟାଳୟ କମିଟି ସଂପାଦକ ଗାୟତ୍ରୀ ସାହୁ ଓ ଉପସଭାପତି କସକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିକଶିତ ଭାରତର ସ୍ୱପ୍ନକୁ ବାସ୍ତବରେ ପରିଣତ ସଂକଳ୍ପ



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ଖପୁରିଆସ୍ଥିତ ଓସିଆ( ଓଏସ୍‌ଏସ୍‌ଆଇ) ସମ୍ମିଳନୀ କକ୍ଷରେ ଏକ କର୍ମଶାଳାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଜିଲ୍ଲା କାର୍ଯ୍ୟାଳୟ, କଟକର ଭବିଷ୍ୟନିଧି ଆୟୁକ୍ତ ଡକ୍ଟର ଦାଶରଥି ନାଗ ସଭାପତିତ୍ୱ କରିଥିଲେ। ପ୍ରବର୍ତ୍ତନ ଅଧିକାରୀ ଓ ସଂଯୋଜକ ଅଧିକାରୀ ମନୋରଞ୍ଜନ ମହାପାତ୍ର କାର୍ମଶାଳାର ପରିଚାଳନା କରିଥିଲା ବେଳେ ସୂର୍ଯ୍ୟନାରାୟଣ ବେହେରା, ରଘୁନାଥ ମହାରଣା ଓ ଦେବେନ୍ଦ୍ର କୁମାର ସାହୁ ପ୍ରବର୍ତ୍ତନ ଅଧିକାରୀମାନେ ମଧ୍ୟ ସଭାରେ ଉପସ୍ଥିତ ରହି ସମସ୍ତ ନିଯୁକ୍ତିଦାତାଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। କଟକର ବିଭିନ୍ନ ଶିଳ୍ପ ସଂଗଠନର ଅଧିକାରୀ ସ୍ୱରଜିତ ମହାନ୍ତି, ସଭାପତି, ସଞ୍ଜୟ କୁମାର ସ୍ୱାଇଁ, ମିହିର କୁମାର କାନୁନଗୋ, ସୁବ୍ରତ ଗରାବଡୁ କର୍ମଶାଳାରେ ଯୋଗଦେଇ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସଂକଳ୍ପ ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରିତ କରିବାକୁ ପିଏମ୍‌ଭିବିଆର୍‌ୱାଇ ବା ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ମାଧ୍ୟମରେ ଭାରତବର୍ଷରେ ୩.୫ କୋଟି ନିଯୁକ୍ତିର ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। ସେଥିପାଇଁ ୯୯,୪୪୬ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟ କରାଯାଇଛି। ଏହି ଯୋଜନା ଆସନ୍ତା ଅଗଷ୍ଟ ୧ରେ ଶୁଭାରମ୍ଭ ହେବାକୁ ଯାଉଛି।

## ଉଠାଦୋକାନୀ ମହାସଂଘ ପକ୍ଷରୁ ଦାବିପତ୍ର



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ପ୍ରେସ୍‌ଛକ ଉଠାଦୋକାନୀଙ୍କ ଥଇଥାନ ଓ ସେମାନଙ୍କୁ ଭେଣ୍ଡିଂଜୋନ ଯୋଗାଇଦେବାକୁ ମଙ୍ଗଳବାର କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ଏକ ଦାବିପତ୍ର କଟକ ମହାନଗର ନିଗମ କମିଶନରଙ୍କୁ ପ୍ରଦାନ କରାଯାଇଛି। ସଂଘର ସଭାପତି ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛବିନ୍ଦ୍ର ଖୁଣ୍ଟିଆ, ଅକ୍ଷୟ ସାହୁ, ମନମୋହନ ବାରିକ, ସନ୍ତୋଷ ସାହୁଓ ନୈନା ଦେହୁରୀ ପ୍ରମୁଖ କଟକର ନବ ନିଯୁକ୍ତ ମ୍ୟୁନିସପାଲ୍ କମିଶନରଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଖେଳପଡ଼ିଆରେ ୨୦ ଫୁଟ୍ ରାସ୍ତା ନେବାକୁ ଉଦ୍ୟମ

# ଏକାଠିହେଲେ ଅଞ୍ଚଳବାସୀ, ଅନୁଧ୍ୟାନ କଲେ ପୂର୍ବତନ ବିଧାୟକ



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** କଟକ ମହାନଗର ନିଗମ ଅନ୍ତର୍ଗତ ୫୪ନଂ ୱାର୍ଡ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆକୁ ନେଇ ସ୍ଥାନୀୟଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜୈନିକ ବ୍ୟକ୍ତି ନିଜ ଘରର ଯାତାୟାତ ପାଇଁ ପ୍ରସସ୍ଥ ରାସ୍ତା ଥିଲେ ମଧ୍ୟ ଖେଳପଡ଼ିଆ ଭିତର ଦେଇ ଆଉ ଏକ ରାସ୍ତା ନେବା ପାଇଁ ମସୁଧା ଚଳାଇଛନ୍ତି। ଏହାଦ୍ୱାରା ଖେଳପଡ଼ିଆଟି ସଙ୍କୁଚିତ ହେବ। ଏହାକୁ ଘୋର ବିରୋଧ କରିବା ସହ ଖେଳପଡ଼ିଆର ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକେ ଏକାଠି ହୋଇଛନ୍ତି। ଉକ୍ତ ଖେଳପଡ଼ିଆକୁ ୧୯୯୧ ବନ୍ଦୋବସ୍ତ ନିୟମ ଅନୁଯାୟୀ ନେତାଜୀ ଖେଳପଡ଼ିଆରେ ପରିଣତ କରାଯାଇଥିଲା। ଯାହାର ପ୍ଲଟ ନଂ୨୮୮ ଅଟେ। ସରକାର ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପଡ଼ିଆରେ ଖେଳ ଦେଖିବା ପାଇଁ ଗ୍ୟାଲେରୀ ନିର୍ମାଣ କରାଯାଇ ବର୍ତ୍ତମାନ ଖେଳପଡ଼ିଆର ଉନ୍ନତିକରଣ କାର୍ଯ୍ୟ ଜାରିରହିଛି। ଏହି ଖେଳପଡ଼ିଆରେ କ୍ରିକେଟ୍ ଖେଳି ବହୁ ଖେଳାଳି ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳୁଛନ୍ତି। ଏହାସହିତ ଆଖପାଖ ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକମାନେ ଜଳବନ୍ଦୀରୁ ରକ୍ଷା ପାଇବା ନିମନ୍ତେ ଜଳ ନିଷ୍କାସନ ପାଇଁ ଏହି ଖେଳପଡ଼ିଆର ପାଚେରୀ କଡ଼େ କଡ଼େ ଜାଇକା ପକ୍ଷରୁ ଢ଼ଳେଇ ଡ୍ରେନ୍ ନିର୍ମାଣ କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି। ତେବେ ଖେଳପଡ଼ିଆ ଭିତରେ ୨୦ଫୁଟର ଯିବା ଆସିବା ନିମନ୍ତେ ରାସ୍ତା ନେବା ପାଇଁ ଅତିରିକ୍ତ ଜିଲ୍ଲା ଜଜ୍‌କୋର୍ଟଙ୍କ ନିକଟରେ ମାମଲା କରି ଖେଳପଡ଼ିଆ ମଧ୍ୟରେ ରାସ୍ତା ନେବାକୁ ମସୁଧା ଚାଲିଛି। ଉକ୍ତ ବ୍ୟକ୍ତିଙ୍କ ଘରକୁ ଯିବା ଆସିବା ପାଇଁ ଘରର ଉତ୍ତର ଓ ପଶ୍ଚିମ ପଟରେ ଦୁଇଟି ୨୦ଫୁଟର ରାସ୍ତା ଥିଲେ ମଧ୍ୟ ଜିଦ୍‌ଖୋର୍ ମନୋଭାବରେ ଏଭଳି କାର୍ଯ୍ୟ କରୁଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଏକତ୍ର ହୋଇ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଡକାଇ ଖେଳପଡ଼ିଆ ପରିଦର୍ଶନ କରାଇ କ୍ଷୟକ୍ଷତି ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏହି ଘଟଣା ଜିଲ୍ଲା ଓ ସିଏମ୍‌ସି ପ୍ରଶାସନକୁ ଅବଗତ କରାଯାଇ ସାମୁହିକ ସ୍ୱାର୍ଥ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବତନ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ୫୪ନଂ ୱାର୍ଡ କର୍ପୋରେଟର୍ ତାପସ ରଂଜନ ସାମନ୍ତରାୟ, ଚାଉଳିଆଗଞ୍ଜ ପୂଜାକମିଟି ସମ୍ପାଦକ ନିରଞ୍ଜନ ସାହୁ (ଶିବ), ପୋତାପୋଖରୀ ପଇସା ପୂଜା କମିଟିର କାର୍ଯ୍ୟକାରୀ ସମ୍ପାଦକ ବାପି ରାୟ, ବୀରେନ୍ଦ୍ର ସିଂହ, ଆଶୁତୋଷ ବିଶ୍ୱାଳ, ଚନ୍ଦ୍ରକାନ୍ତ ଦାସ, ସୁମନ୍ତ ନାୟକ, ପ୍ରତାପ ଦାସ, ମନୋଜ ସାହୁ, ଜଗବନ୍ଧୁ ଦାସ, ରଞ୍ଜିତ ଦାସ, ନିରଞ୍ଜନ ମଲ୍ଲିକ, ରବୀନ୍ଦ୍ର ସେଠୀ, କଳିଙ୍ଗ ଦାସ, ସମ୍ପାଦକ ରଞ୍ଜନ ସାହୁ, ଘନଶ୍ୟାମ ନାୟକ, ସଂଜୟ ଦାସ, ବିନୋଦ ନାୟକ, ସମ୍ବିତ ଦାସ, ରଞ୍ଜିତ ମହାନ୍ତି, ସନତ ନାୟକ, ସମ୍ବିତ ମହାରଣା, ହେମନ୍ତ ଦାସ, ରମେଶ ଦାସ, ପ୍ରକାଶ ପଟ୍ଟନାୟକ, ଅତିଶ ଦାସ, ସଂଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପମନ୍ତ୍ରୀଙ୍କୁ ଭେଟିଲା ଓଡ଼ିଶା ଶିଳ୍ପ ସଂଘ



**କଟକ,୨୯।୭/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜଗତପୁର ଏବଂ ଚୌଦ୍ୱାର ଶିଳ୍ପାଞ୍ଚଳ ଗସ୍ତ ଅବସରରେ ମଙ୍ଗଳବାର ଓଡ଼ିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋଙ୍କ ନେତୃତ୍ୱରେ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ସ୍ଥାନୀୟ ଜଗତପୁର ଇଡ୍‌କୋ ଅଫିସରେ ସୌଜନ୍ୟମୂଳକ ସାକ୍ଷାତ୍ କରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜଗତପୁର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ କର୍ମଚାରୀଙ୍କ ପାଇଁ ୱାର୍କିଂ ହଷ୍ଟେଲ୍ ସ୍ଥାପନ ଓ ଏକ ୱେଷ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସଂଘ ପକ୍ଷରୁ ଦାବି ଜଣାଯାଇଛି। ଏଥି ସହିତ ଶିଳ୍ପାଞ୍ଚଳରେ ଆବଶ୍ୟକୀୟ ଭିତ୍ତିଭୂମି ଯଥା ରାସ୍ତା, ଡ୍ରେନ୍, ଲାଇଟ୍ ଓ ପାଣି ସପ୍ଲାଏକୁ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ସେହିପରି ୧୦୦କେବି ପର୍ଯ୍ୟନ୍ତ ଇଲେକ୍ଟ୍ରି କନେକ୍ସନ୍ ପାଇଁ ଦରକାର ଥିବା ଟ୍ରାନ୍ସଫର୍ମର୍‌କୁ ଇଡ୍‌କୋ ପକ୍ଷରୁ ଯୋଗାଇଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହାଛଡ଼ା ସମଗ୍ର ଶିଳ୍ପାଞ୍ଚଳରେ ପାଚେରୀ ନିର୍ମାଣ କରାଯାଇ ପ୍ରବେଶ ଏବଂ ପ୍ରସ୍ଥାନ ଗେଟ୍‌ରେ କ୍ୟାମେରା ଲଗାଯିବା ପାଇଁ ମଧ୍ୟ ଦାବି କରାଯାଇଛି। ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ ଦାବିପତ୍ର ଗ୍ରହଣ କରିବା ସହିତ ଏସବୁର ସମାଧାନ ପାଇଁ ଆଶ୍ୱାସନା ପ୍ରଦାନ କରିଥିଲେ। ଆଜିର ଏହି ଆଲୋଚନାରେ ଓଡ଼ିଶା ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ, ଉପସଭାପତି ବିନୋଦ ଭୁତ, ସଂପାଦକ ଦେବେନ୍ଦ୍ର ଶର୍ମା, ସହ-ସଂପାଦକ ସିର୍ଦ୍ଧାଥ କାନୁନଗୋ ଓ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ବିଦେଶରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସନ୍ଦୀପ ଚୌଧୁରୀ, ଜୁଲାଇ ୩୦ରେ ଭଗବାନ ଜଗନ୍ନାଥଙ୍କ ଭୂମି ଓଡ଼ିଶାର ଭୁବନେଶ୍ୱରରୁ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବେ।

**ସନ୍ଦୀପ ଚୌଧୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଠାରୁ ପାଇଥିବା ପ୍ରେରଣାକୁ ତାଙ୍କ ସଫଳତାର ଆଧାର ବୋଲି ବର୍ଣ୍ଣନା କରନ୍ତି। 'ଏକ ପେଡ୍ ମା' କେ ନାମ୍' ମିଶନ ସହିତ ସୃଷ୍ଟି କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡକୁ ସେ ନୂତନ ଶକ୍ତି ସହିତ ଭାରତ ମା' ପାଇଁ ସମର୍ପିତ କରିଛନ୍ତି।**



'ସେଭ୍ ଆର୍ଥ ମିଶନ୍' ଅନ୍ତର୍ଗତ ଇଣ୍ଡିଆ ଚାପ୍ଟରର ଅଧ୍ୟକ୍ଷ ସନ୍ଦୀପ ଚୌଧୁରୀ ଗୋଟିଏ ଘଣ୍ଟାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛନ୍ତି। ସେ 'ଦି ଅନ୍‌ଏଭିଲ୍' ନାମକ ଏକ ପରିବେଶ-ଆଧ୍ୟାତ୍ମିକ ପ୍ରଯୁକ୍ତି ଢାଞ୍ଚା ଉପସ୍ଥାପନ କରିଥିଲେ, ଯେଉଁଥିରେ ସେ ମାତ୍ର ତିନି ମିନିଟ୍ ମଧ୍ୟରେ ନ୍ୟୁମେରୋଲୋଜି ମାଧ୍ୟମରେ ଏୟାରଇଣ୍ଡିଆ ଫ୍ଲାଇଟ୍ ଏଆଇ-୧୭୧ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ #SandeepDecodedAI171 ଅଭିଯାନ ଆରମ୍ଭ କରିଥିଲେ; ଗ୍ଲୋବାଲ୍ ଭିଜନ୍ ଉନ୍ମୋଚନରେ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ଲଗାଇବାର ଅଭିବୃଦ୍ଧି ରଣନୀତି, ବ୍ଲକଚେନ୍-ଆଧାରିତ ସବୁଜ କ୍ରେଡିଟ୍ ମଡେଲ୍, ଏଆଇ-ଆଧାରିତ ଟ୍ରାକିଂ, ଜିଓ-ଟ୍ୟାଗ୍ ହୋଇଥିବା ପୁନରୁଦ୍ଧାର ଏବଂ ଡିଜିଟାଲ୍ ସଚେତନତା ପଦକ୍ଷେପ ଘୋଷଣା କରିଥିଲେ - ଏହିପରି ସନ୍ଦୀପ ବିଶ୍ୱ ଜଳବାୟୁ ବିପ୍ଳବ ପାଇଁ ତାଙ୍କ ଯୋଜନା ଏବଂ ମାନସିକତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

## ପରିଚୟ: ଚାଷୀ ପରିବାରରୁ ଜଣେ ପରିବେଶ କର୍ମୀ ସାଜିବା ପର୍ଯ୍ୟନ୍ତ

ସନ୍ଦୀପ ଚୌଧୁରୀ ରାଜସ୍ଥାନର ଝୁନ୍‌ଝୁନୁ ଜିଲ୍ଲାର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଏକ ସାଧାରଣ ପୃଷ୍ଠଭୂମିରୁ ଆସି, ସେ ଆଇଟି, ଇଲେକ୍ଟ୍ରୋନିକ୍ସ, ରିଅଲ୍ ଇଷ୍ଟେଟ୍ ଏବଂ ଫିନ୍-ଟେକ୍ କ୍ଷେତ୍ରରେ ସଫଳତା ହାସଲ କରିଥିଲେ। ସେ ଭିସି-ଫଣ୍ଡେଡ୍ (ପ୍ରାୟ ବହୁ ନିୟୁତ ଡଲାର)ର ବ୍ୟାଙ୍କ୍‌ସାଥୀ ଟେକ୍ନୋଲୋଜି ଛାଡି ମାନବତା ସେବା ପାଇଁ ପରିବେଶ ସୁରକ୍ଷା କ୍ଷେତ୍ରରେ ସକ୍ରିୟ ହୋଇଥିଲେ। ସେ ଇନଫ୍ଲୁଏଞ୍ଜର୍ ଇଣ୍ଡିଆ ଏବଂ ୟେସ୍ ୱାର୍ଲ୍ଡ କ୍ଲାଇମେଟ୍ ଟେକ୍‌ର ସହ-ପ୍ରତିଷ୍ଠାତା ମଧ୍ୟ ଅଟନ୍ତି, ଯାହାକି କାର୍ବନ ନିର୍ଗମନ ହ୍ରାସ ଏବଂ ଜଳବାୟୁ ପ୍ରଯୁକ୍ତିବିଦ୍ୟାରେ ଅଧିକ ରୁଚି ରଖିଥାଏ।



ସନ୍ଦୀପ ଚୌଧୁରୀ ଭାରତକୁ ଆତ୍ମନିର୍ଭରଶୀଳ କରିବାର ସ୍ୱପ୍ନକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ସାରା ଦେଶରେ ୧୦୧ରୁ ଅଧିକ ଷ୍ଟାର୍ଟଅପ୍ ଆରମ୍ଭ କରି ନିବେଶ, ନିଯୁକ୍ତି ଏବଂ ନବସୃଜନକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ। ସେ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରୁ ସଫଳ କରିବାରେ ନିରନ୍ତର ଯୋଗଦାନ ଦେଇଥିଲେ। ପ୍ରତ୍ୟେକ ଷ୍ଟାର୍ଟଅପ୍ ସହିତ ସାମାଜିକ ଏବଂ ପରିବେଶଗତ ଚିନ୍ତା ଜଡିତ ଥିଲା। ଏବେ ସେ 'ଏକ ପେଡ୍ ମା' କେ ନାମ୍' ଅଭିଯାନ ସହ ଯୋଡ଼ି ହୋଇ ପୃଥିବୀକୁ ରକ୍ଷା କରିବା ପାଇଁ ଐତିହାସିକ କାର୍ଯ୍ୟ କରୁଛନ୍ତି। ସନ୍ଦୀପ ଚୌଧୁରୀ ଆଜିର ଭାରତରେ ଉଦ୍ୟୋଗ, ସେବା ଏବଂ ପରିବେଶ ସଚେତନତାର ପ୍ରତୀକ ପାଲଟିଛନ୍ତି।

### ୧୦୧ ଷ୍ଟାର୍ଟଅପ୍ ସୃଷ୍ଟି କରିଥିବା ସନ୍ଦୀପ ଚୌଧୁରୀ ଜୁଲାଇ ୩୦ରେ ଓଡ଼ିଶାରେ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବେ, ଯାହା ସେଭ୍ ଆର୍ଥ ମିଶନ୍ ପାଇଁ ଉତ୍ସର୍ଗୀକୃତ।

ଦେଶ ଏବଂ ବିଦେଶରେ ଷ୍ଟାର୍ଟଅପ୍ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସନ୍ଦୀପ ଚୌଧୁରୀ ଜୁଲାଇ ୩୦ରେ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ଶୁଭାରମ୍ଭ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ବିଶେଷ କଥା ହେଉଛି ଏହି ଷ୍ଟାର୍ଟଅପ୍‌କୁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ଭଳି ବିଶ୍ୱସ୍ତରୀୟ ପ୍ରସଙ୍ଗକୁ ଧ୍ୟାନରେ ରଖି 'ସେଭ୍ ଆର୍ଥ ମିଶନ୍' ଅଧୀନରେ ଆରମ୍ଭ କରାଯାଉଛି।

ସନ୍ଦୀପଙ୍କର ଲକ୍ଷ୍ୟ ହେଉଛି ୨୦୪୦ ସୁଦ୍ଧା ଭାରତ ସମେତ ବିଶ୍ୱରେ ୩୦୦୦ କୋଟି ଗଛ ଲଗାଇବା, ଯାହାଦ୍ୱାରା ପୃଥିବୀକୁ ପୁଣିଥରେ ସବୁଜ ଏବଂ ବାସଯୋଗ୍ୟ କରାଯାଇପାରିବ।

## 'ସେଭ୍ ଆର୍ଥ ମିଶନ୍'ର ଉଦ୍ଦେଶ୍ୟ ଏବଂ ପରିସର



ସେଭ୍ ଆର୍ଥ ମିଶନ୍ ହେଉଛି ଏକ ବିଶ୍ୱ ସମ୍ପ୍ରଦାୟ ପଦକ୍ଷେପ ଯେଉଁଥିରେ ୬୮ଟି ଦେଶର ପ୍ରାୟ ୧ କୋଟିରୁ ଅଧିକ ଲୋକ ସାମିଲ ହୋଇଛନ୍ତି। ଏହାର ଉଦ୍ଦେଶ୍ୟ ୨୦୪୦ ସୁଦ୍ଧା ପୃଥିବୀକୁ କାର୍ବନ୍-ନ୍ୟୁଟ୍ରାଲ୍ କରିବାର ଲକ୍ଷ୍ୟ ରଖିଛି। ଏହି ମିଶନରେ ନବୀକରଣୀୟ ଶକ୍ତିର ପ୍ରୋତ୍ସାହନ, ବୃକ୍ଷରୋପଣ ଅଭିଯାନ, ପ୍ଲାଷ୍ଟିକ୍-ମୁକ୍ତ ପଦକ୍ଷେପ, ଡିଜିଟାଲ୍ ସଚେତନତା ଏବଂ ଜୀବନଶୈଳୀ ପରିବର୍ତ୍ତନ ଭଳି ଦିଗ ଅନ୍ତର୍ଭୁକ୍ତ ରହିଛି।

## କିପରି ଏଲୋନ ମସ୍କଙ୍କ ପେପାଲ୍ ସନ୍ଦୀପ ଚୌଧୁରୀଙ୍କ ଅଫିସ୍ ଛଡ଼ାଇ ନେଇଗଲା - ଏବଂ ଗୁଗୁଲ୍ ତାଙ୍କ ଘର ବଞ୍ଚାଇଲା






**ଜୟପୁର, ଭାରତ**

ଏହି କାହାଣୀଟି କୌଣସି ନେଟ୍‌ଫ୍ଲିକ୍ସ ସିରିଜ୍‌ର ଏକ ସ୍କ୍ରିପ୍ଟ ଭଳି ଅନୁଭବ ହୋଇପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। ଭାରତର ଜଳବାୟୁ ଯୋଦ୍ଧା ଏବଂ ଉଦ୍ଭାବକ ସନ୍ଦୀପ ଚୌଧୁରୀଙ୍କ ସ୍ୱପ୍ନ ୨୦୦୭ରେ ସେସମୟରେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା ଯେତେବେଳେ ଏଲୋନ୍ ମସ୍କଙ୍କ ସହପ୍ରତିଷ୍ଠିତ କମ୍ପାନୀ ପେପାଲ୍ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପେମେଣ୍ଟକୁ ରୋକି ଦେଇଥିଲା- ପରିଣାମସ୍ୱରୂପ ଦେଖୁ ଦେଖୁ ତାଙ୍କ ସନ୍ଦୀପ ଚୌଧୁରୀଙ୍କ ଜୟପୁରସ୍ଥିତ ଅଫିସ୍ ବନ୍ଦ ହୋଇଯାଇଥିଲା। ଜି-୩୪, ସିଟି ସେଣ୍ଟର, ସଂସାର ଚନ୍ଦ୍ର ରୋଡ୍, ଜୟପୁରରୁ ଚାଲୁଥିବା ସନ୍ଦୀପଙ୍କର ଏହି ଛୋଟ କିନ୍ତୁ ମହତ୍ତ୍ୱାକାଂକ୍ଷୀ ଷ୍ଟାର୍ଟଅପ୍ ସେସମୟରେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପେପାଲ୍‌ରୁ ଦେୟ ଅଟକିଗଲା, ଋଣ ବୃଦ୍ଧି ପାଇଲା, ଅଫିସ୍ ଭଡ଼ା ଦିଆଯାଇପାରିଲା ନାହିଁ, ଏବଂ ଶେଷରେ ଅଫିସ୍ ବନ୍ଦ କରିବାକୁ ପଡିଥିଲା।

୨୦୦୮ରେ, ସନ୍ଦୀପ ଜୟପୁରର ସିଭିଲ୍ ଲାଇନ୍ସର ୧୦, ମହାପୁରା ଠାରେ ଏକ ଭଡା ଘରକୁ ସିଫ୍ଟ ହୋଇଥିଲେ, ଯେଉଁଠାରେ ପରିସ୍ଥିତି ଆହୁରି ଅଧିକ ଖରାପ ହୋଇଯାଇଥିଲା। ତାଙ୍କ ବାପା ତାଙ୍କୁ କହିଥିଲେ, 'ଯଦି ତୁମେ ଘର ଚଳାଇପାରୁନାହଁ, ତେବେ ଗାଁକୁ ଫେରିଯାଅ। ସିଲେଇ ଏବଂ କାରୁକାର୍ଯ୍ୟ ଶିଖ ଏବଂ ସ୍ୱପ୍ନ ଦେଖିବା ବନ୍ଦ କରିଦିଅ। ଏହି ଶବ୍ଦଗୁଡ଼ିକ ଯେକୌଣସି ବ୍ୟକ୍ତିକୁ ଭିତରୁ ଭାଙ୍ଗିବା ପାଇଁ ଯଥେଷ୍ଟ କିନ୍ତୁ ଏହା ସନ୍ଦୀପଙ୍କୁ ଆହୁରି ଶକ୍ତିଶାଳୀ କରିଥିଲା। କିନ୍ତୁ ଏହାପରେ ଚମତ୍କାର ହେବା ଆରମ୍ଭ ହୋଇଥିଲା। ଆମେରିକାର ଗୁଗଲ୍ ଆଡସେନ୍ସରୁ ତାଙ୍କର ଏକ ମାମୁଲି ଚେକ୍ ଆସିଲା। ସନ୍ଦୀପଙ୍କ କହିବାନୁସାରେ ଏହି ଚେକ୍ ଏତେ ବଡ଼ ପରିମାଣର ନଥିଲା, କିନ୍ତୁ ଉକ୍ତ ଚେକ୍ ଏପରି ଏକ ସମୟରେ ତାଙ୍କ ପାଖକୁ ଆସିଥିଲା ଯେତେବେଳେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ଥିଲା। ସିଧାସଳଖ ଭାବେ କହିଲେ ପେପାଲ୍ ତାଙ୍କୁ ତଳସ୍ତରକୁ ନେଇଆସିଥିବା ବେଳେ ଗୁଗୁଲ୍ କିନ୍ତୁ ତାଙ୍କୁ ସମ୍ଭାଳି ନେଇଥିଲା।

ଆଜି, ସନ୍ଦୀପ ଚୌଧୁରୀ କୋଟି କୋଟି ଡଲାର ମୂଲ୍ୟର ଷ୍ଟାର୍ଟଅପ୍ ଭାଲ୍ୟୁ ସହ 'ସେଭ୍ ଆର୍ଥ ମିଶନ'ର ଭାରତ ଚାପ୍ଟରର ଅଧ୍ୟକ୍ଷ ମଧ୍ୟ ଅଟନ୍ତି। ଏଥିସହ ତାଙ୍କ ଦଳ କେବଳ ଗୋଟିଏ ଘଣ୍ଟାରେ ବିଶ୍ୱସ୍ତରରେ ରେକର୍ଡ ପରିମାଣର ୫ ଲକ୍ଷରୁ ଅଧିକ ଗଛ ଲଗାଇ ଗିନିଜ୍ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି।

ସନ୍ଦୀପଙ୍କୁ ଏବେ ଫୋର୍ବସ୍, ରଏଟର୍ସ, ଟେଡ୍‌ଏକ୍ସ, ବିଜନେସ୍ ଇନ୍‌ସାଇଡର, ଗ୍ଲୋବ୍ ଏବଂ ମେଲ୍ ଭଳି ଶୀର୍ଷ ଅନ୍ତର୍ଜାତୀୟ ପ୍ଲାଟଫର୍ମ ଦ୍ୱାରା ଜଣେ ବିଶ୍ୱ ପରିବେଶବିତ୍ ବା ପର୍ଯ୍ୟାବରଣ ନେତା ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ତାଙ୍କର ନୂତନ ପଦକ୍ଷେପ, ' ଦି ବିଗେଷ୍ଟ କେସ୍ ଷ୍ଟଡି ଅନ୍ ଆର୍ଥ ', ଦ୍ୱାରା ସେ ଏବେ ବିଶ୍ୱବ୍ୟାପୀ ପଡ଼କାଷ୍ଟ, ପ୍ରକାଶନ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ଯୁବପିଢ଼ିଙ୍କୁ ବଡ଼ ଚିନ୍ତା କରିବା, ନବସୃଜନ କରିବା ଏବଂ ନିଜ ଉପରେ ବିଶ୍ୱାସ କରିବାକୁ ପ୍ରେରଣା ଦେଉଛନ୍ତି।

## ପ୍ରମୁଖ ସଫଳତା



### ୩.୧ ରେକର୍ଡ ଭଙ୍ଗ ବୃକ୍ଷରୋପଣ ଅଭିଯାନ

ସେଭ୍ ଆର୍ଥ ମିଶନ ଅନ୍ତର୍ଗତ 'ଭାରତ ଚାପ୍ଟର' କେବଳ ଗୋଟିଏ ଘଣ୍ଟାରେ ଭାରତ, ୟୁଏଇ, ଥାଇଲାଣ୍ଡ, କେନିଆ ଏବଂ ଆମେରିକା ଭଳିରେ ଏକକାଳୀନ ପ୍ରାୟ ୫ ଲକ୍ଷ ଗଛ ରୋପଣର ନେତୃତ୍ୱ ନେଇଥିଲା। ଜିଓ-ଟ୍ୟାଗିଂ ଏବଂ ରିଅଲ୍-ଟାଇମ୍ ଟ୍ରାକିଂ କୌଶଳ ଯୋଗୁଁ ଏହି ଅଭିଯାନ ସଫଳ ହୋଇଥିଲା, ଯାହା ମିଶନର ବିଶ୍ୱସନୀୟତା ଏବଂ ପ୍ରଭାବ ପ୍ରଦର୍ଶନ କରିଥିଲା। ଏହି ପଦକ୍ଷେପ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ରୋପଣ କରିବା ପାଇଁ ସେଭ୍ ଆର୍ଥ ମିଶନର ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ୩.୨ 'ଦି ଅନ୍‌ଭିଲ୍' ଫ୍ରେମୱାର୍କର ଉଦଘାଟନ

ଅହମଦାବାଦର ଗିଫ୍ଟ ସିଟିରେ ଆୟୋଜିତ 'ଗ୍ଲୋବାଲ୍ ଭିଜନ୍ ଅନଭିଲିଂ' କାର୍ଯ୍ୟକ୍ରମରେ, ସନ୍ଦୀପ ଚୌଧୁରୀ 'ଦି ଅନଭିଲ୍' ନାମକ ଏକ ନୂତନ ବିଶ୍ୱ ପରିବେଶଗତ ଏବଂ ଆଧ୍ୟାତ୍ମିକ ଫ୍ରେମୱାର୍କ ଉପସ୍ଥାପନ କରିଥିଲେ। ଏହି ଉପସ୍ଥାପନା ଅନେକ ଗଣମାଧ୍ୟମ ସଂସ୍ଥା ଦ୍ୱାରା ପ୍ରସାରିତ ହୋଇଥିଲା। ଏହି ଫ୍ରେମୱାର୍କ ପରିବେଶ ବିଜ୍ଞାନ, ଆଧ୍ୟାତ୍ମିକ ଜ୍ୟାମିତି ଏବଂ ନୂତନ ଜଳବାୟୁ ପ୍ରଯୁକ୍ତିର ଏକ ସମନ୍ୱୟ। ଏହି କାର୍ଯ୍ୟକ୍ରମରେ ସାରା ବିଶ୍ୱର ବୈଜ୍ଞାନିକ, ନିତି ନିର୍ମାତା ଏବଂ ପରିବେଶବିତ୍ ଅଂଶଗ୍ରହଣ କରିଥିଲେ।

### ୩.୩ ଏଆଇ ୧୭୧ ବିମାନ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ




ଗିଫ୍ଟ ସିଟିରେ ଆୟୋଜିତ ଗ୍ଲୋବାଲ୍ ଭିଜନ୍ ଅନଭିଲିଂରେ, ସନ୍ଦୀପ ଚୌଧୁରୀ ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ ୧୭୧ ଦୁର୍ଘଟଣାର ବିଶ୍ଳେଷଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ମାତ୍ର ତିନି ମିନିଟ୍ ମଧ୍ୟରେ ସେ ଏହି ଦୁର୍ଘଟଣାର ପ୍ରକୃତ ସୂଚନା ଚିହ୍ନଟ କରିଥିଲେ। ଏହି ପ୍ରକାଶନ ୯ଝଦଭୟରରକ୍ସଉରମଂକ୍ଷୟରୟଇଓ୧୭୧ ହ୍ୟାସଟ୍ୟାଗ୍ ଅଧୀନରେ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଆଲୋଚନା ସୃଷ୍ଟି କରିଥିଲା। ଏହି ବିଷୟ କେବଳ ପରିବେଶ ଦୃଷ୍ଟିକୋଣରୁ ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ଏବଂ ସ୍ୱଚ୍ଛତା ଦୃଷ୍ଟିକୋଣରୁ ମଧ୍ୟ ପ୍ରାସଙ୍ଗିକ ହୋଇଯାଇଥିଲା।

### ସାମାଜିକ ଗଣମାଧ୍ୟମ ଏବଂ ସଚେତନତା ଅଭିଯାନ

ସନ୍ଦୀପ ଚୌଧୁରୀଙ୍କ ନାମ ଭାରତ, ୟୁଏଇ ଏବଂ ଆମେରିକାରେ ଏକ୍ସ (ପୂର୍ବରୁ ଟ୍ୱିଟର)ରେ ଟ୍ରେଣ୍ଡ କରିଥିଲା। ଶକ୍ତି, ଚେତନା ଏବଂ ପରିବେଶ ସମ୍ବନ୍ଧିତ ବିଚାରଧାରା ବାଣ୍ଟିବା ପାଇଁ ତାଙ୍କର ଦୃଷ୍ଟିକୋଣ ତାଙ୍କୁ ଜଣେ ବିଶ୍ୱ ଯୁବ ନେତା ଭାବରେ ପ୍ରତିଷ୍ଠା କରିଛି। ତାଙ୍କର ପୋଷ୍ଟ ଏବଂ ସାକ୍ଷାତକାର ବିଶେଷ ଭାବରେ ଜଳବାୟୁ ପ୍ରଯୁକ୍ତିବିଦ୍ୟା ଏବଂ ସାର୍ବଜନୀନ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରେ।

ଏହି ପରିପ୍ରେକ୍ଷୀରେ ସନ୍ଦୀପ ଏକ ବଡ଼କଥା କହିଛନ୍ତି। ସନ୍ଦୀପଙ୍କ କହିବାନୁସାରେ 'ଏଲୋନ୍ ମସ୍କ ମଙ୍ଗଳ ଗ୍ରହକୁ ଯିବାର ସ୍ୱପ୍ନ ଦେଖନ୍ତି, କିନ୍ତୁ ମୁଁ ପୃଥିବୀକୁ ଠିକ୍ କରିବାର ସ୍ୱପ୍ନ ଜିଉଁଛି। ଗୁଗଲ୍ ମୋତେ ଦ୍ୱିତୀୟ ଜୀବନ ଦେଇଥିଲା - ଏବେ ମୁଁ ପୃଥିବୀକୁ ଦ୍ୱିତୀୟ ସୁଯୋଗ ଦେବାକୁ ଚାହୁଁଛି।'

### ଅନ୍ତର୍ଜାତୀୟ ସମ୍ମାନ ଏବଂ ସ୍ୱୀକୃତି

ସନ୍ଦୀପ ଚୌଧୁରୀଙ୍କୁ ୨୦୨୨ ମସିହାରେ ଲିଡରସିପ୍ ଏକ୍ସଲେନ୍ସ ପୁରସ୍କାର (ମୁମ୍ବାଇ), ଆଇକନ୍ସ ଏବଂ ଟ୍ରେଲବ୍ଲେଜର୍ସ ପୁରସ୍କାର (ନୂଆଦିଲ୍ଲୀ), ରାଇଜିଂ ଷ୍ଟାର ପୁରସ୍କାର, ଗ୍ଲୋବାଲ୍ ବିଜନେସ୍ ଆଚିଭର୍ ପୁରସ୍କାର, ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାର ମିଳିଛି।

ଭାରତର ଅନେକ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ମଞ୍ଚରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି।




### ଅନ୍ତର୍ଜାତୀୟ ସମ୍ମାନ ଏବଂ ସ୍ୱୀକୃତି

ସନ୍ଦୀପ ଚୌଧୁରୀଙ୍କୁ ୨୦୨୨ ମସିହାରେ ଲିଡରସିପ୍ ଏକ୍ସଲେନ୍ସ ପୁରସ୍କାର (ମୁମ୍ବାଇ), ଆଇକନ୍ସ ଏବଂ ଟ୍ରେଲବ୍ଲେଜର୍ସ ପୁରସ୍କାର (ନୂଆଦିଲ୍ଲୀ), ରାଇଜିଂ ଷ୍ଟାର ପୁରସ୍କାର, ଗ୍ଲୋବାଲ୍ ବିଜନେସ୍ ଆଚିଭର୍ ପୁରସ୍କାର, ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତର ଅନେକ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ମଞ୍ଚରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି।

### ଭବିଷ୍ୟତ ଦିଗଦର୍ଶନ ଏବଂ ମିଶନ୍ ବିସ୍ତାର

ସେଭ୍ ଆର୍ଥ ମିଶନ୍ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ଲଗାଇବାର ଲକ୍ଷ୍ୟ ରଖିଛି, ଯେଉଁଥିରେ ବୈଷୟିକ ଟ୍ରାକିଂ, ନାଗରିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛତା ଅନ୍ତର୍ଭୁକ୍ତ ରହିଛି। ଦି ଅନିଭିଲ୍ ଫ୍ରେମୱାର୍କ ପରିବେଶ, ଆଧ୍ୟାତ୍ମିକ ଚେତନା ଏବଂ ବିଜ୍ଞାନକୁ ସଂଯୋଗ କରି ସାମଗ୍ରିକ ପରିବର୍ତ୍ତନର ପଥ ଦେଖାଏ। ନାଗରିକ, ନୀତି ନିର୍ଦ୍ଧାରକ ଏବଂ ବ୍ୟବସାୟଗୁଡ଼ିକୁ ସଂଯୋଗ କରି ପରିବେଶ ନୀତି ଏବଂ ଆଚରଣଗତ ପରିବର୍ତ୍ତନ ପାଇଁ କାର୍ଯ୍ୟ କରାଯାଉଛି।

### ନିଷ୍କର୍ଷ: ଆଶା ଏବଂ ସମ୍ଭାବନା

ସନ୍ଦୀପ ଚୌଧୁରୀଙ୍କ କାହାଣୀ ପ୍ରେରଣାଦାୟକ - ଜଣେ ଚାଷୀ ପରିବାରରୁ ବିଶ୍ୱ ପରିବେଶ ଆନ୍ଦୋଳନର ନେତୃତ୍ୱ ନେବା ପର୍ଯ୍ୟନ୍ତ ତାଙ୍କ ସଫଳତା, ବୈଷୟିକ ସମାଧାନ ଏବଂ ବିଶାଳ ସାମୁଦାୟିକ ଯୋଗାଯୋଗ ପ୍ରଶଂସନୀୟ..

କିନ୍ତୁ ତାଙ୍କର ବର୍ତ୍ତମାନର ଲକ୍ଷ୍ୟ - 'ଦି ଅନଭିଲ୍', ୩୦ ବିଲିୟନ ବୃକ୍ଷ ଅଭିଯାନ, ଜଳବାୟୁ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ଚିନ୍ତାଧାରା ନେତୃତ୍ୱ - ସୂଚାଇ ଦିଏ ଯେ ତାଙ୍କର ଦୃଷ୍ଟିକୋଣ ବ୍ୟାପକ ଏବଂ ସୁଦୂରପ୍ରସାରୀ। ସେ ଏଆଇ ୧୭୧ ରହସ୍ୟର ଉନ୍ମୋଚନକୁ ପରିବେଶଗତ ରିପୋର୍ଟିଂ ସହିତ ମିଶ୍ରଣ କରିଥିଲେ, ଯାହା ଦର୍ଶାଇଥିଲା ଯେ ସେ ସମାଜରେ ସଚେତନତା-ନିର୍ମାଣ ଏବଂ ସତ୍ୟ-ଖୋଜିବାରେ ଆଗ୍ରହ ରଖୁଛନ୍ତି।

## ସନ୍ଦିପ ଚୌଧୁରୀଙ୍କର ସଫଳତାର ଫଟୋ ବିବରଣୀ



# ସିମେଣ୍ଟ କମ୍ପାନୀର ମନମାନିକୁ ନେଇ ବର୍ଷିଲେ କଂଗ୍ରେସ ନେତା

**ଟାଙ୍ଗୀ,୨୯।୭/ଏନ୍ଏନ୍ଏସ୍:** ଗ୍ରାମାଞ୍ଚଳରେ କମ୍ପାନୀ ହେଲେ ଅଞ୍ଚଳର ବିକାଶ କରାଯିବ ବୋଲି କମ୍ପାନୀଗୁଡିକ ଡେଙ୍ଗୁରା ପିଟନ୍ତି। ହେଲେ ବିକାଶ ଏଭଳି ରହିଛି ଯାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବନି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଛପଦା ଓ ଗରୁଡ଼ ଗାଁ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ। ରାସ୍ତାର ଅବସ୍ଥା ଏଭଳି ରହିଛି ବାଇକ୍ ସାଇକେଲ ତ ଛାଡ଼ ଖାଲିପାଦରେ ଯିବା କଷ୍ଟ ହୋଇପଡୁଛି। ଯାହାକୁ ନେଇ କଂଗ୍ରେସର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରି କଂଗ୍ରେସ ନେତାମାନେ ଉକ୍ତ ପଞ୍ଚାୟତକୁ ଗସ୍ତ କରିଥିଲେ। ସ୍ୱାଧୀନତାର ୭୫ବର୍ଷ ପରେ ବି କଟକ ଜିଲ୍ଲାରେ ଏଭଳି ରାସ୍ତା ଦେଖି ସିମେଣ୍ଟ କମ୍ପାନୀର ମାନମାନି ଉପରେ ବର୍ଷିବା ସହ କମ୍ପାନୀ ବିଜେଡି ଓ ବିଜେପି ନେତାଙ୍କୁ ଢାଲ କରି ନିଜର ପୁଞ୍ଜିପତି ବଢ଼ାଇଥିବା ବେଳେ ସ୍ଥାନୀୟ ଲୋକଙ୍କୁ ମାରିବାରେ ପଛଘୁଞ୍ଚା ଦେଉ ନାହିଁ ବୋଲି କଂଗ୍ରେସ ଦଳର ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ସଂଯୋଜକ ସୁଧାଂଶୁ ଶେଖର ଦେଓ, ମାଗୁଣି ଜେନା, ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ଆକିବ୍ଧୁ ଖାନ୍, କଟକ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଦୀପ ଦାସ, ଆଶୁତୋଷ ବରାଳ, ତ୍ରିନାଥ ମଲ୍ଲିକ, ଅମୂଲ୍ୟ ମାଝି, ନିର୍ମଳ ସାମଲ , କାଳନ୍ଦୀ ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ କହିଥିଲେ। ଖାଲି ସେତିକି ନୁହେଁ ବିଶ୍ୱାଳ ଫାଣ୍ଡି ରହିଥିଲେ ସୁଦ୍ଧା କୌଣସି ଅପରାଧୀ ଘଟାଇ ଉକ୍ତ ରାସ୍ତାରେ ଚାଲିଗଲେ ପୁଲିସ ଧରିବା ମଧ୍ୟ ମୁସ୍କିଲ୍ ହୋଇଯିବ।



ପରେ କଂଗ୍ରେସ ନେତା କମ୍ପାନୀ ନିକଟରେ ଥିବା ଆଦିବାସୀ ବସ୍ତିକୁ ଆସି ସୁବିଧା ଅସୁବିଧା ବୁଝିବା ସହ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେଠାରେ ରହୁଥିବା ପରିବାରକୁ କେବଳ ଭୋଟ ହାତେଇବା ପାଇଁ ରାସନ୍ କାର୍ଡ ଓ ଆଧାର କାର୍ଡ ଦେଇ କାମସାରି ବସି ଯାଇଛନ୍ତି ନେତା। ହେଲେ ଜମି ପଟ୍ଟା ନ ଦେବା କଂଗ୍ରେସ ନେତାକୁ ଆଶ୍ଚର୍ଯ୍ୟ କରିଛି। ଏମିତି କି ବେଳ ବୁଡ଼ିଲେ ହାତୀ ଉପଦ୍ରବ ରହୁଥିବା ବେଳେ ଖୁଣ୍ଟିରେ ଲାଇଟ୍ ବ୍ୟବସ୍ଥା ନାହିଁ କି ପିଲାମାନଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ଯାହାଫଳରେ ପିଲାମାନଙ୍କୁ ୫କିମି ରାସ୍ତା ଯିବାକୁ ପଡୁଛି। ଏକ ବଡ଼ ସିମେଣ୍ଟ କମ୍ପାନୀ ଥାଇ ମଧ୍ୟ ଅଞ୍ଚଳବାସୀଏ ଭଳି ସମସ୍ୟାରେ ସମ୍ମୁଖୀନ ହେବା ୨୪ବର୍ଷର ବିଜେଡି ଶାସନ ଓ ୧ବର୍ଷ ବିଜେପି ଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କଂଗ୍ରେସ ନେତା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀରେ ଏଭଳି ସମସ୍ୟାର ସମାଧାନ ପାଇଁ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବା ସହ ଆଦିବାସୀମାନଙ୍କ ହକ୍ ପାଇଁ ଲଢ଼େଇ କରିବ ବୋଲି ଶ୍ରୀ ଖାନ୍ ଚେତାବନୀ ଦେଇଛନ୍ତି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଓଡ଼ଗାଁ,୨୯।୭/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସିର କଦଳୀବନ୍ଧ ନିକଟ ରଗଡ଼ିସାହିର କୃଷ୍ଣଚନ୍ଦ୍ର ବିଶୋଇ(୨୦) ହାତୀ ଆକ୍ରମଣରେ ଗୁରୁତର ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନା ଓ ପରେ ତାକୁ ନୟାଗଡ଼ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ କୃଷ୍ଣ ବିଶୋଇ ଗୃହ କାର୍ଯ୍ୟସାରି ଗାଈ ଚରେଇବାକୁ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟା ସମୟରେ ଗାଈନେଇ ଗୋଠ ଆଗରେ ଆସୁଥିବାବେଳେ କୃଷ୍ଣ ବିଶୋଇଙ୍କୁ ଜଙ୍ଗଲ ମଧ୍ୟରୁ ଏକ ହାତୀ ଆକ୍ରମଣ କରିଥିଲା। ଏହି ସମୟରେ ଅନ୍ୟ ସାଥିମାନେ ପଛରେ ଗାଈମାନଙ୍କୁ ଜଗି ଆସୁଥିଲେ। ଆକ୍ରମଣ ବେଳେ ଦନ୍ତାହାତୀର ଦାନ୍ତ କୃଷ୍ଣର ଜଙ୍ଘରେ ଗଳି ଯାଇଥିଲା। ତେବେ ସାଥୀମାନେ ନିଜକୁ ସୁରକ୍ଷିତ ରଖି ପାଟିତୁଣ୍ଡ କରିଥିବାବେଳେ ପାଟିଶୁଣି ସ୍ଥାନୀୟ ଲୋକେ ପହଞ୍ଚି ସହଯୋଗ କରିବାରୁ ହାତୀ କୃଷ୍ଣକୁ ଛାଡି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ପରେ କୃଷ୍ଣକୁ ଓଡ଼ଗାଁ ଡାକ୍ତରଖାନା ଅଣାଯାଇଥିଲା। ଦୁର୍ଘଟଣା ସଂପର୍କରେ ଖବରପାଇ ଓଡ଼ଗାଁ ବନାଞ୍ଚଳର ବନକର୍ମଚାରୀ ଡାକ୍ତରଖାନାରେ ପହଞ୍ଚି କୃଷ୍ଣଙ୍କ ଚିକିତ୍ସାରେ ସହଯୋଗ କରିଥିବା ଜଣାପଡ଼ିଛି।

# ତ୍ରୁଟି ସଂଶୋଧନ କଲେ କଟକ ତହସିଲଦାର



**ବୟାଳିଶମୌଜା,୨୯।୭/ଏନ୍ଏନ୍ଏସ୍:** ୪୨ମୌଜା କଳପଡ଼ା ପଞ୍ଚାୟତ ଦହିଗାଁ ଗ୍ରାମର କର୍କଟ ରୋଗରେ ପୀଡିତ ଅରବିନ୍ଦ ବାରିକଙ୍କୁ କଟକ ତହସିଲଦାର ୧୦ହଜାର ଟଙ୍କା ସରକାରୀ ସହାୟତା ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ଭୁଲବଶତଃ ହେଉ କିମ୍ବା କାର୍ଯ୍ୟବ୍ୟସ୍ତତା କାରଣରୁ ଗୋଟିଏ ଶୂନ ଅଧିକ ଅର୍ଥାତ୍ ୧ଲକ୍ଷ ଟଙ୍କା ଲେଖିଦେଇ ଚଳିତ ମାସ ୨୩ ତାରିଖରେ ଟ୍ୱିଟ୍ କରିଥିଲେ। ଏହି ବିଷୟରେ ତହସିଲଦାରଙ୍କୁ ଗତ ୨୬ ତାରିଖରେ ବସନ୍ତ କୁମାର ପଣ୍ଡା ଟ୍ୱିଟ୍‌ରେ ସଠିକ ତଥ୍ୟ ବିଷୟରେ ପ୍ରଶ୍ନ କରିଥିଲେ। ଏଥିସହିତ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଏହାର ପ୍ରତିବାଦ ଓ ଅପପ୍ରଚାର ବହୁଳ ଦେଖିବାକୁ ମିଳିଥିଲା। ଗତ ୨୮ ତାରିଖରେ ତହସିଲଦାର ଭ୍ରମ ସଂଶୋଧନ କରି ପୁନଶ୍ଚ ସଠିକ୍ ୧୦ହଜାର ଟୁଇଟ୍ କରିଛନ୍ତି। ଏହି ସହାୟତାକୁ ଏକ ଗୋଷ୍ଠୀ ପକ୍ଷରୁ ସୋସିଆଲ ମିଡିଆରେ ବହୁଳ ଭାବରେ ପ୍ରସାରଣ କରି ପୀଡ଼ିତଙ୍କୁ ମାନସିକ କଷ୍ଟ ଦେଇଥିବାରୁ ଶିକ୍ଷାବିତ ତଥା ସମାଜସେବୀ ମନୋଜ ନାୟକ, ଚନ୍ଦନ ମହାନ୍ତି, ଭଗବତି ପ୍ରସାଦ ପତି, ବିଜୟ କୁମାର ନାୟକ, ମାନସ ଚୌଧୁରୀ, ସଞ୍ଜୟ କୁମାର ବେହେରା, ସୁନିଲ ପରିଡ଼ା, ଅଶୋକ ଭୋଇ ଓ ପ୍ରକାଶ ମାଝି ପ୍ରମୁଖ ଦୃଢ଼ ନିନ୍ଦା କରିଛନ୍ତି।

# କଂଗ୍ରେସ ନେତାଙ୍କ ମୃତ୍ୟୁରେ ଶୋକ

**ସାଲେପୁର,୨୯।୭/ଏନ୍ଏନ୍ଏସ୍:** ସାଲେପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ଶିଶୁଆ ପଞ୍ଚାୟତ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପୀ ଧର୍ମ ପରାୟଣ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଖବର ପାଇ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ରନାଥ କର, ଶିଶୁଆ ସମିତି ସଭ୍ୟ ମାନସ ଦାଶ, ବିଜ୍ଞାନ ଭୂୟାଁ, ରବୀନ୍ଦ୍ର ଜେନାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣରେ ସମସ୍ୟା

**ଚାରିଛକ,୨୯।୭/ଏନ୍ଏନ୍ଏସ୍:** ଜନସାଧାରଣଙ୍କ ଜମିଜମା କାଗଜପତ୍ର ସଂଶୋଧନ ନ ହେବା ଫଳରେ ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ କରିପାରୁନଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜମିବାଡି କାଗଜପତ୍ର ସଂଶୋଧନ ପ୍ରକ୍ରୀୟା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଠିକ ଭାବେ ସରକାରଙ୍କ ତରଫରୁ ପ୍ରଚାର ପ୍ରସାର ହୋଇ ନଥିବାରୁ ଅନେକ ଗ୍ରାମାଞ୍ଚଳର ଲୋକମାନେ ଜାଣିପାରୁ ନାହାନ୍ତି। ଜମିବାଡି କାଗଜପତ୍ର ସବୁ ବାପା ଓ ଜେଜେ ବାବାଙ୍କ ନାମରେ ଥିବାରୁ ତାଙ୍କର ବିୟୋଗପରେ ପିଲାମାନେ ପ୍ରଧାନମନ୍ତ୍ରୀ କୃଷକ ଫସଲ ବୀମା ଓ ଧାନ ବିକ୍ରି ପଞ୍ଜୀକରଣ ଇକେଓ୍ୱାଇସି କରିବାରୁ ବଞ୍ଚିତ ହୋଇଛନ୍ତି। ଜମି ନିଜ ନାମରେ ନଥିଲେ ଅନ୍ ଲାଇନରେ କୃଷିବୀମା ନିମନ୍ତେ ପଂଜିକରଣ ହୋଇ ପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶ ନାମା ଜାରି କରାଯାଇଥିଲା। ମାତ୍ର ଏତେ କମ ସମୟରେ ଚାଷୀମାନେ ଜମିର କାଗଜପତ୍ର ସଂଶୋଧନ କରିବା ସମ୍ଭବପର ହୋଇ ପାରୁନାହିଁ। ଜଳବାୟୁ ପରିବର୍ତ୍ତନ ନେଇ ବର୍ତ୍ତମାନ ଚାଷକାର୍ଯ୍ୟ ବିଳମ୍ବ ହୋଇଥିବା ବେଳେ ଚାଷିମାନେ ଚାଷକାର୍ଯ୍ୟରେ ବ୍ୟସ୍ତ ରହିଥିବା ବେଳେ ପଂଜିକରଣ କରିବା ଚାଷୀମାନଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ତେଣୁ କୃଷକବୀମା କରାଇବାରେ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାଜ୍ୟ ସରକାର ଏହି ପଞ୍ଜୀକରଣକୁ ଆଧାରକାର୍ଡ ଜରିଆରେ ପଞ୍ଜୀକରଣ କରିବା ପାଇଁ କୃଷକନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ରଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି।

ଚଳିତବର୍ଷ ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରି ଅଧାରକାର୍ଡ ମାଧ୍ୟମରେ ଫସଲବୀମା, ଧାନମଣ୍ଡି ଇକେଓ୍ୱାଇସି ଓ ପିଏମ୍ କିଶାନ ପଞ୍ଜୀକରଣ କରା ନ ଗଲେ ଆଗାମୀ ଦିନରେ ସିପିଆଇ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସିପିଆଇ ପୁରୀ ଜିଲ୍ଲା ସଂପାଦକ କୃଷ୍ଣଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମ୍ନମାନର ଅଭିଯୋଗ

**ବଲଙ୍ଗା,୨୯।୭/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ପିପିଲି ବ୍ଲକ ଅଧୀନ କୋଳିତଳ ଗ୍ରାମରେ ନୂତନ କରି ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ହେଉଥିବା ବେଳେ ଏହା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ପିପିଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ନିକଟରେ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ କୋଳିତଳ ଗ୍ରାମରେ ନୂତନକରି ନିର୍ମାଣ କରାଯାଉଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣର ଚାରିପାଖରେ ନିଅଁ ଖୋଳା ନଯାଇ ଗୋଟିଏ ଗୋଟିଏ ପଥର ଦେଇ କାନ୍ଥ କରାଯାଇଥିବା ଅଭିଯୋଗ ହୋଇଛି। ପାର୍ଟିସନ୍‌ରେ ଗୋଟିଏ ପଥର ଦେଇ ଡିପିସି ପକାଯାଇଛି। ଏହି କାମକୁ ଗ୍ରାମବାସୀ ବିରୋଧ କରିବାରୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦିଆଯାଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

# ବିଶ୍ୱବିଜିତା ମହାନ୍ତିଙ୍କୁ କବି ଗୌରାଙ୍ଗ ଗୌରବ ସମ୍ମାନ

**ନୟାଗଡ଼,୨୯।୭/ଏନ୍ଏନ୍ଏସ୍:** କବି ଗୌରାଙ୍ଗ ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ଦଶମ ବାର୍ଷିକ ସଭା ଶରଣକୁଳ ନିକଟ ଆଶ୍ରୟ ପରିସର ମଧ୍ୟରେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଓ କବିତା ଆସର ମହାସମାରୋହରେ ପାଳନ କରାଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ପ୍ରତଷ୍ଠିତ କବିମାନେ ସ୍ୱରଚିତ କବିତାମାନ ପାଠ କରିଥିଲେ ଏବଂ ଆହ୍ୱାନ ଥିଲା ସଂସ୍କାର ଧର୍ମୀ କବିତା ନିର୍ଭିକଭାବେ ରଚନା କରିବା। ଅତିଥି ମାନଙ୍କ ଦ୍ୱାରା ସ୍ମୃତି ଚାରଣ କରାଯାଇଥିଲା ଯଥା ସ୍ୱର୍ଗତ ଗୌରାଙ୍ଗ ପ୍ରଧାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କର ଘନିଷ୍ଠ ବନ୍ଧୁ ଥିଲେ। ମୁଖ୍ୟଅତିଥି ଭାବେ ଡ଼. କୈଳାଶ ବାଷ୍ଟ, ସମ୍ମାନିତ ଅତିଥି ଭାବେ ଡ଼. ଆଶୁତୋଷ ମିଶ୍ର ଯୋଗଦେଇଥିଲେ। ସଭାରେ ଲୋକନାଥ ଦାସ ସଭାପତିତ୍ୱ କରିଥିବା ବେଳେ ସଂପାଦକ ବିବରଣୀ ପାଠ କରିଥିଲେ ଆଡ଼ଭୋକେଟ ଚିତ୍ତରଞ୍ଜନ ପ୍ରଧାନ। ମଞ୍ଚ ସଂଯୋଜନା କରିଥିଲେ ଅଧାପିକା ନୀଳିମା ନନ୍ଦ। ନିକଟରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ



ପ୍ରତିଯୋଗିତାରେ ବିତର୍କରେ ବିଜେତା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନରେ ପୁରସ୍କୃତା ନୟାଗଡର ଗୌରବ କୁନିପ୍ରତିଭା ମେଧାବୀ ଛାତ୍ରୀ ବିଶ୍ୱବିଜିତା ମାନ୍ତିଙ୍କୁ 'କବି ଗୌରାଙ୍ଗ ଗୌରବ ସମ୍ମାନ -୨୦୨୫' ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱବିଜିତା ତାଙ୍କ ବକ୍ତବ୍ୟରେ ଅନେକ ଉପାଦେୟ ତତ୍ତ୍ୱ ଭରିରହିଥିବାରେ ଉପସ୍ଥିତ ଶ୍ରୋତା ମଣ୍ଡଳୀ ଅଭିଭୂତ ହେବା ସହିତ କରତାଳି ସାଙ୍ଗକୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ ଓ ଭବିଷ୍ୟତ ଉଜ୍ଜଳ ପାଇଁ ଆଶୀର୍ବାଦ ଦେଇଥିଲେ। ବିଶ୍ୱବିଜିତା ହେଉଛନ୍ତି ନୟାଗଡ଼ ବ୍ଲକ କଣ୍ଟାବଣିଆ ଗ୍ରାମର ଆଡ଼ଭୋକେଟ ବଳଭଦ୍ର ମହାନ୍ତି ଓ ମଞ୍ଜୁଳା ମହାନ୍ତିଙ୍କ କନିଷ୍ଠା କନ୍ୟା।

# ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ଧାରଣା

**ସାଲେପୁର,୨୯।୭/ଏନ୍ଏନ୍ଏସ୍:** ଶିକ୍ଷୟିତ୍ରୀଙ୍କ ବଦଳିର ପ୍ରତିବାଦ କରି ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ବ୍ଲକ ବାଲିସାହି ଗ୍ରାମ ପଞ୍ଚାୟତର ମାଛୁଆତି ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟର ଜଣେ ଭଲ ଶିକ୍ଷୟିତ୍ରୀ ଭାବେ ପିଲାମାନଙ୍କୁ ନାଚ, ଗୀତଠାରୁ ଆରମ୍ଭକରି ପାଠ ପଢ଼ାଇ ଆସୁଥିଲେ ସୁନିତା ଷଡ଼ଙ୍ଗୀ। ବିଦ୍ୟାଳୟରେ ଶିଶୁବଟିକାଠାରୁ ପଞ୍ଚମ ଶ୍ରେଣୀ ପ୍ରଯ୍ୟନ୍ତ ଥିବାବେଳେ ଏଠାରେ ଆବଶକୀୟ ଶିକ୍ଷକଙ୍କ ଅଭାବ ରହିଥିଲା। ହେଲେ ହଠାତ ଶିକ୍ଷୟିତ୍ରୀ ସୁନିତା ଷଡଙ୍ଗୀଙ୍କୁ ଶିକ୍ଷା କମିଟି କି ସରପଞ୍ଚଙ୍କ ନଜଣାଇ ରାତାରାତି ବଦଳି କରିଦେଇଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଜେପର୍ଯ୍ୟନ୍ତ ଶିକ୍ଷୟତ୍ରୀ ଙ୍କ ବଦଳି ବାତିଲ ନକରି ବିଦ୍ୟାଳୟକୁ ଫେରାଇ ଦିଆଯାଇନି ସେ ପ୍ରର୍ଯ୍ୟନ୍ତ କୁନି କୁନି ପିଲା ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଥିଲେ। ଅପରପକ୍ଷରେ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ଖୁବ୍‌ଶୀଘ୍ର ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଦୁଇ ନୂତନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ,୨୯।୭/ଏନ୍ଏନ୍ଏସ୍:** କାକଟପୁର ଶିକ୍ଷା ବିଭାଗ ଅଧିନ ଉନ୍ନୀତ ପାଟସୁନ୍ଦର ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ସହକାରୀ ଶିକ୍ଷକଭାବେ ହରିଶ୍ ଚନ୍ଦ୍ର ଦଳାଇ ଓ ଦୀଲ୍ଲୀପ କୁମାର କାଣ୍ଡି ଯୋଗଦାନ କରିଛନ୍ତି। ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇ ଶିକ୍ଷକ ୨୦୦୪ ମସିହାରୁ ନିଯୁକ୍ତ ପାଇ ସହକାରୀ ଶିକ୍ଷକ ରୁପେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦକ୍ଷତା ସହିତ କାର୍ଯ୍ୟରତ ଥିଲେ। ଏବେ ଏହି ବିଦ୍ୟାଳୟ ରେ ତାଙ୍କର ଯୋଗଦାନ କରିବା ପରେ ବିଭିନ୍ନ ଶିକ୍ଷକ ସଂଗଠନ, ବିଦ୍ୟାଳୟ ପରିଚାଳନା କମିଟି , ଗ୍ରାମବାସୀ, ଆଲମୁନୀ କମିଟି କର୍ମଚାରୀ, ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେମାନେ ଦୀର୍ଘଦିନ ଧରି ଶିକ୍ଷାଦାନ ଦକ୍ଷତାର ସହ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ଏହି ସ୍ୱାଗତ ସଭାରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦାଶ, ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ, ବିନୀତା ବେହେରା, ପରିଚାଳନା କମିଟି ସଭାନେତ୍ରୀ ଶକିନା କାଣ୍ଡି ଓ ସିଆରସିସି ଏକବାଲ ହୋସେନ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ନୂତନ ଶିକ୍ଷକଙ୍କୁ ସହକର୍ମୀ ଭାବରେ ପାଇ ପ୍ରଧାନ ଶିକ୍ଷକ ଶ୍ରୀ ଦାଶ ଖୁସି ପ୍ରକଟ କରିବା ସହିତ ବିଦ୍ୟାଳୟର ଶୈକ୍ଷିକ ପରିବେଶ ତଥା ଶିକ୍ଷାଦାନ ଅଧିକ ସରସ ଓ ସୁନ୍ଦର ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

# ସେଲ୍ଫ ଏମ୍ପାଓ୍ୱାର୍‌ମେଣ୍ଟ୍ ପକ୍ଷରୁ ବୃକ୍ଷରୋପଣ



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଆଜି ପବିତ୍ର ନାଗ ପଞ୍ଚମୀ ଅବସରରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ କାସିଆଶାସନଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସେଲ୍ଫ ଏମ୍ପାଓ୍ୱାର୍‌ମେଣ୍ଟ୍ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଦୀପକ ସାହୁ ଓ ଶିକ୍ଷାବିତ୍ ସୌଦାମିନୀ ଦାସ, ଗୋପୀନାଥ ପାତ୍ର, ସୁଦର୍ଶନ ପ୍ରଧାନ, ଅକ୍ଷୟ ବସ୍ତିଆ, ଗୀତାଞ୍ଜଳି ଚାନ୍ଦ, ଇତିଶ୍ରୀ ସାହୁ, ପ୍ରମୋଦ ବରାଳ, ଭବାନୀ ସ୍ୱାଇଁ ଓ ବାପି ଖୁଣ୍ଟିଆ ଓ ଅନେକ ସାଦସ୍ୟ ଓ ସଦସ୍ୟାଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମାଜସେବୀ ବ୍ରଜବନ୍ଧୁ ସାହୁ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏଥିରେ ସାମିଲ୍ ହୋଇ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ଯଥା ହରିଡ଼ା, ଅଁଳା, ଗୁଆ, ବାହାଡା, ନଡ଼ିଆ, ବଉଳ, ପଣସ ଆଦି ୫୦ରୁ ଅଧିକ ବୃକ୍ଷରୋପଣ କରିଥିଲେ। ଅନୁଷ୍ଠାନର ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଚିତ୍ରାଙ୍କନ, ହସ୍ତଶିଳ୍ପ ପ୍ରତିଯୋଗିତା

**ଖୋର୍ଦ୍ଧା,୨୯।୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ସ୍ଥିତ ମସଜିଦ ନାସିର ଠାରେ ଅହମଦିୟା ମୁସଲିମ ମହିଳା ସଂଗଠନ ନାସରାତୁଲ ଅହମଦିୟା ମେହମୁଦାବାଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୁପ ମୋହସିନାତର ପିଲାମାନଙ୍କୁ ରଚନା (ନମାଜ କି ଅହମିୟତ କିମ୍ବା ଅରକାନେ ଇସଲାମ) ଏହି ବିଷୟରେ ୨୦୦ଶବ୍ଦରେ ରଚନା ଲେଖିବାକୁ ଦିଆ ଯାଇଥିଲା ଏବଂ ଗ୍ରୁପ କାନେତାତ ପିଲାମାନଙ୍କ ମଧ୍ୟରେ ଅରକାନେ ଇସଲାମ ବିଷୟରେ ରଚନା ତଥା ହସ୍ତଶିଳ୍ପ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ଜଣ ପିଲା ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ ହୋଇଥିଲା । ମାରିୟା ଫୟାଜ ପବିତ୍ର କୋରାନ ପାଠ କରିଥିବା ବେଳେ ସଭାନେତ୍ରୀ ତସୁର୍ରୁନ ନାଜେରିନ ନୀରବ ପ୍ରାର୍ଥନା ଦୁଆ କରାଇଥିଲେ। ମୁଖ୍ୟ ଅତିଥି ଭାବେ ମହିଳା ସଂଗଠନର ସଭାନେତ୍ରୀ ତସୁର୍ରୁନ ନାଜେରିନ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସେକ୍ରେଟାରୀ ନାସରାତ ରୁକସାନା ଅଞ୍ଜୁମ ପରିଚାଳନା କରିଥିଲେ ।

## ଅଟଳସେନା ପକ୍ଷରୁ ବିଜେପି ମୁଖ୍ୟ ବିନ୍ଧାଣୀଙ୍କ ଜୟନ୍ତୀ ଉତ୍ସବ

# 'ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଦେବେନ୍ଦ୍ର'

**ସାଲେପୁର,୨୯।୭/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ସହପ୍ରାନ୍ତ କାର୍ଯ୍ୟବାହ ଓ ଓଡ଼ିଶା ବିଜେପିର ମୁଖ୍ୟ ବିନ୍ଧାଣୀ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ୮୩ତମ ଜନ୍ମ ଜୟନ୍ତୀ ସାଲେପୁର ସ୍ଥିତ ମଧୁମଣ୍ଡପଠାରେ ଅଟଳ ସେନା ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଅଧ୍ୟକ୍ଷ ଦିବାକର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ର ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇ ସ୍ୱର୍ଗତ ଦେବେନ୍ଦ୍ର ମହାପାତ୍ରଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ତାଙ୍କୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ବର୍ଣ୍ଣନା କରିଥିଲେ। ତାଙ୍କ ଦ୍ୱାରା ଓଡ଼ିଶାରେ ବିଜେପିର ମୂଳଦୁଆ ପଡ଼ିଥିଲା। ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେପି ନେତା ଭକ୍ତବନ୍ଧୁ ମିଶ୍ର ଓଡ଼ିଶାରେ ସଂଘ ଓ ବିଜେପିର ପ୍ରଚାର ପ୍ରସାରରେ ତାଙ୍କର ଅବଦାନ ଯୋଗୁ ଆଜି ଓଡ଼ିଶାରେ ବିଜେପି ସରକାର ଗଠିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଶିବା ମହାନ୍ତି ଓ ଅଟଳ ସେନା ଚିନ୍ତନ ପରିଷଦର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ। ଜୟନ୍ତୀ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ତଥା ଶିଶୁସାହିତ୍ୟିକ ଶଶିଭୂଷଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ବିଜେପି ନେତ୍ରୀ ବିଜୟ ଲକ୍ଷ୍ମୀ ଦାଶ, ସାଲେପୁର ଓକିଲ ସଂଘର ସଭାପତି ବିକ୍ରମ କେଶରୀ ବଳ ମୁଖ୍ୟ ଅତିଥି ଗୋଲଖ ପ୍ରସାଦ ମହାପାତ୍ର ଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସେନାର କାର୍ଯ୍ୟକ୍ରମ ରୂପାୟନ କମିଟିର ସମ୍ପାଦକ ତାପସ ରଞ୍ଜନ ତ୍ରିପାଠୀ, ଉପ ସଭାପତି ଗୌତମ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ଉପଦେଷ୍ଟା ଶ୍ରୀଚରଣ ନାୟକ, ରତ୍ନାକର ମିଶ୍ର, ସହ ସଂଗଠନ ମନ୍ତ୍ରୀ ଅଧିବକ୍ତା ଅକ୍ଷୟ ବିଶ୍ୱାଳ, ଯୁବ ସଂଘ ରାଜ୍ୟ ସଭାପତି ଜନ୍ମେଜୟ ମହାପାତ୍ର, ସମ୍ପାଦକ ବନବିହାରୀ ସାହୁ, ବରିଷ୍ଠ ବିଜେପି ନେତା କୁଞ୍ଜ ମୋହନ ସେଠୀ, ବୁଦ୍ଧିଜୀବୀ ସଂଘ ସମ୍ପାଦକ ଅଜୟ ମହାନ୍ତି, ସାଲେପୁର ଓକିଲ ସଂଘ ସଭାପତି ବିକ୍ରମ କେଶରୀ ବଳ, ସଞ୍ଜୟ କୁମାର ତ୍ରିପାଠୀ, ନାଗମଣି ସ୍ୱାଇଁ, ବିଜୟଲକ୍ଷ୍ମୀ ଦାଶ, ଆଶ୍ରିବାଦ ଦାସ, ମନୋରଞ୍ଜନ ନାୟକ, ଝରି ସୁନ୍ଦର ମଲ୍ଲିକ, ନିଗମାନନ୍ଦ କର, ମହେଶ୍ୱର ନନ୍ଦ, ସୁରେନ୍ଦ୍ର ଲେଙ୍କା, ଦିଲ୍ଲୀପ ମଲ୍ଲିକ, ହରେକୃଷ୍ଣ ସାମଲ, ଧ୍ରୁବନନ୍ଦ ଶରଣ, ଲକ୍ଷ୍ମୀନାରାୟଣ ନାୟକ, ପ୍ରତିଷ୍ଠାତା ସଭ୍ୟ ସନ୍ତୋଷ କୁମାର ଭୂୟାଁ, ଦୀପ ନାରାୟଣ ମହାନ୍ତି, କିଶୋର ଚନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ଅଟଳ ସୈନିକ ଉପସ୍ଥିତ ଥିଲେ। କବି ଚନ୍ଦ୍ରମଣି ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ରାଜ୍ୟ ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ଧନ୍ୟବାଦ୍ ଦେଇଥିଲେ।

ନିତିଦିନ NITIDIN



ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଷ୍କ୍ରିୟ

# ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତା ଅବସ୍ଥା ଶୋଚନୀୟ

**କଣ୍ଟିଲୋ, ୨୯।୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ସଦର ମହକୁମାଠାରୁ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ଓ ସୁଳିଆଛକ ବାଟ ଦେଇ କଣ୍ଟିଲୋ ଯାଇଥିବା ରାସ୍ତାର ଦୂରତ୍ୱ ମାତ୍ର ୩୩ କିମି। ସୂଚନାରୁ ପ୍ରକାଶ ଯେ, ଖଣ୍ଡପଡ଼ା ବ୍ଲକ ଠାରୁ ସୁଳିଆ ଛକ ଦେଇ କଣ୍ଟିଲୋ ମାତ୍ର ୧୩ କିଲୋମିଟର ଦୂର। ଏହି ୧୩ କିଲୋମିଟର ରାସ୍ତା ମଧ୍ୟରୁ ଖଣ୍ଡପଡ଼ାରୁ ସୁଳିଆ ଛକ ପର୍ଯ୍ୟନ୍ତ ଖଣ୍ଡପଡ଼ା ପୂର୍ତ୍ତ ବିଭାଗର ୧୦କିମି ଓ ସୁଳିଆ ଛକରୁ କଣ୍ଟିଲୋ ମାତ୍ର ୩କିମି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର। ବର୍ତ୍ତମାନ୍ ଖଣ୍ଡପଡ଼ାଠାରୁ କଣ୍ଟିଲୋ ପର୍ଯ୍ୟନ୍ତ ଉଭୟ ବିଭାଗର ରାସ୍ତା ଏତେ ଶୋଚନୀୟ ତଥା ମରଣଯନ୍ତା ପାଲଟିଛି ତାହା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ ହେବ ନାହିଁ। ପ୍ରତ୍ୟେକ ଦିନ କିଛିନା କିଛି ଦୁର୍ଘଟଣା ଓ ଅଘଟଣ ଘଟୁଥିବା ନଜିର ଅଛି। କଣ୍ଟିଲୋରୁ ଆର୍‌ଡି ବିଭାଗର ଯେଉଁ ରାସ୍ତା ସୁଳିଆଛକର ପୂର୍ତ୍ତବିଭାଗ ରାସ୍ତାରେ ସଂଯୋଗ ହୋଇଛି ଠିକ୍ ସେହି ସ୍ଥାନରେ ରାସ୍ତା ଦୁଇଫୁଟ ଗଭୀର ଖାଲ ହୋଇଥିବା ଯୋଗୁ ପ୍ରତ୍ୟେକ ଦିନ ସ୍କୁଲ ଛାତ୍ରଛାତ୍ରୀ, ସାଇକେଲ ଓ ମୋଟର ସାଇକେଲ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଗୋପୀନାଥପୁର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଦୁଃଖର ବିଷୟ ଏହା ଯେ, ଉଭୟ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କର ଆନ୍ତରିକତା ନଥିବା ଓ ଇଚ୍ଛାଶକ୍ତିର ଅଭାବ ଏବଂ ସର୍ବୋପରି ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର ପ୍ରତି





ଥିବା ବୈମାତୃକ ମନୋଭାବ ସ୍ପଷ୍ଟ ବାରି ହେଉଛି। ଉଭୟ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏହା ଚାଲିଛି ବୋଲି ଅଭିଯୋଗ ହେଉଛି। ତେଣୁ ଉଭୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭକରି ଏସଡିଓ, ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଭୃତି ଏହି ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରକୁ ଯାତାୟାତ କରୁଥିବା ହଜାର ହଜାର ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବାଟୋଇ, ସାଇକେଲ, ବାଇକ୍ ଓ ଚାରିଚକିଆ ଓ ଭାରୀଯାନର ସୁରକ୍ଷା ସହିତ ଜୀବନ ପ୍ରତି ଥିବା ବିପଦକୁ ଦୂରେଇବା ପାଇଁ ଯଥାଶୀଘ୍ର ଏହି ୧୩କିମି ରାସ୍ତାକୁ ଉଭୟ ବିଭାଗ ଦ୍ୱାରା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶ୍ରୀବିଗ୍ରହଙ୍କ ବନକଲାଗି ନୀତି, ୪ଘଣ୍ଟା ବନ୍ଦରହିବ ଦର୍ଶନ



**ପୁରୀ, ୨୯।୭/ଏନ୍‌ଏନ୍‌ଏସ୍:** ବୁଧବାର ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି। ବୁଧବାର ଅର୍ଥାତ କାଲି ୪ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ। ଆସନ୍ତାକାଲି ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ୨ୟ ଭୋଗମଣ୍ଡପ ଭୋଗ ଶେଷ ପରେ ଆରମ୍ଭ ହେବ ନୀତି। ସନ୍ଧ୍ୟା ୬ଘଟିକାଠାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବ ସାଧାରଣ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଅପରାହ୍ନରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦତ୍ତ ମହାପାତ୍ର ସେବକ ମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ଲାଗି ଗର୍ଭଗୃହକୁ ପ୍ରବେଶ କରିବେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ,କଳା ଆଦି ବ୍ୟବହାର କରାଯିବ। ଏହାଦ୍ୱାରା ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରି

**ସାଲେପୁର, ୨୯।୭/ଏନ୍‌ଏନ୍‌ଏସ୍:** ପୁଣି ଲୁଟେରାଙ୍କର ପୁଲିସକୁ ଖୋଲା ଚ୍ୟାଲେଞ୍ଜ। ଅପରାହ୍ନ ସମୟରେ ଜନଗହଳିପୂର୍ଣ୍ଣ ମାଛୁଆତି ଗ୍ରାମରୁ ଚୋରି ହୋଇଥିବା ଜଣାପଡ଼ିଛି। ଘରେ କେହି ନଥିବାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ରୁପା ଗହଣା ସହ ନଗଦ ୩୦ହଜାର ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ମାଛୁଆତି ଗ୍ରାମରେ। ମାଛୁଆତି ଗ୍ରାମର ମଧୁସ୍ମିତା ପଣ୍ଡାଙ୍କ ଗ୍ରୀଲ କାଟି ଘରେ ପଶି ଚୋରି ହୋଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ମଧୁସ୍ମିତା ପଣ୍ଡା ଓ ସ୍ୱାମୀ ଅଜୟ କୁମାର ମଲ୍ଲିକ ଦିନ୪ଟା ବେଳେ ମେଡିକାଲ ଯାଇଥିବା ବେଳେ ରାତି ୭ଘଟିକା ସମୟରେ ଘରକୁ ଫେରି ଦେଖିଥିଲେ ଚୋରମାନେ ଘରେ ପଶି ଗଡ଼ରେଜ ଭାଙ୍ଗି ସୁନା ଚେନ ୪ଟା ଲକେଟ ୧ଟା ମଙ୍ଗଳସୂତ୍ର ୧ଟା ମୁଦି ୧ଟା କାନଫୁଲ ୧ହଳ ନାକଫୁଲ ୪ଟା ଓ ରୁପା ଗହଣା ସହ ନଗଦ ୩୦ହଜାର ଟଙ୍କା ଚୋରି ହୋଇଥିବା ନେଇ ସାଲେପୁର ଥାନାରେ ମଧୁସ୍ମିତା ଅଭିଯୋଗ କରିଛନ୍ତି। ଗଡ଼ରେଜ ଭାଙ୍ଗି ୮ଲକ୍ଷ ଟଙ୍କା ମୂଲ୍ୟର ସୁନା ରୁପା ଗହଣା ଚୋରି ହୋଇଥିବା ନେଇ ମଧୁସ୍ମିତା ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗ ପାଇବା ପରେ ସାଇଣ୍ଟିଫିକ୍ ଟିମ ସହ ତଦନ୍ତ କରିଥିବା ବେଳେ ଚୋରକୁ ଧରିବାରେ ସଫଳ ହୋଇନାହିଁ। ବାରମ୍ବାର ସାଲେପୁରରେ ଚୋରି ହେଉଥିବାବେଳେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

# ୟୁଏନ୍ କଲେଜରେ କର୍ମଶାଳା

**କଣ୍ଟାପଡ଼ା, ୨୯।୭/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅଡ଼ଶପୁରସ୍ଥିତ ୟୁଏନ କଲେଜ ଅଧ୍ୟକ୍ଷା ଚିରଶ୍ରୀ ଇନ୍ଦ୍ରସିଂଙ୍କ ପରାମର୍ଶରେ ‘ସୋସିଆଲ ମିଡ଼ିଆ ମାଧ୍ୟମରେ ସାମାଜିକ ସେବା’ ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ସିନେମା ଅଭିନେତା ସବ୍ୟସାଚୀ ମିଶ୍ର, ରେଡ଼କ୍ରସ ଅଧିକାରୀ ଡଃ.ରମେଶଚନ୍ଦ୍ର ବେହେରା, ଲକ୍ଷ୍ମଣ ସ୍ୱାଇଁ, ଡଃ.ଗୋଲକକୃଷ୍ଣ ମିଶ୍ର, ଡଃ.ସସ୍ମିତା ପଟ୍ଟନାୟକ ଓ ଅକ୍ଷୟକୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସୋସିଆଲ ମିଡ଼ିଆ ମାଧ୍ୟମରେ ଯୋଗାଯୋଗ ଦକ୍ଷତା, ସାଇବର ଠକେଇ, ଡିଜିଟାଲ ସୁରକ୍ଷା, ସୃଜନଶୀଳ ଲେଖା, ସମ୍ପ୍ରଦାୟ ସହ ଯୋଡ଼ିହେବା ଆଦି ଉପରେ ମୁଖ୍ୟତଃ ଆଲୋକପାତ କରିଥିଲେ। ଅଧ୍ୟାପିକା ଅମିତାବାଳା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡିସିପିଙ୍କୁ ଶାନ୍ତି କମିଟିର ସମ୍ବର୍ଦ୍ଧନା



**ଫୁଲନଖରା, ୨୯।୭/ଏନ୍‌ଏନ୍‌ଏସ୍:** ସଦର ଥାନା ଅଞ୍ଚଳର ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଇନ୍ଧା-ନଛିପୁର ଆଞ୍ଚଳିକ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ନୂତନ କର୍ମକର୍ତ୍ତାମାନେ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶେଷ କରି ସଦର ଥାନା ଅଞ୍ଚଳରେ ଆଗାମୀ ପାର୍ବଣ ଋତୁ ପରିପ୍ରେକ୍ଷୀରେ ଗଣେଶ ପୂଜା, ଗଜଲକ୍ଷ୍ମୀ ପୂଜା, ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ପାଳନ ଓ ସାଂସ୍କୃତିକ ଉତ୍ସବର ସୁପରିଚାଳନା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏତଦ ବ୍ୟତୀତ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମଧ୍ୟ କମିଟି କାର୍ଯ୍ୟକର୍ତ୍ତାମାନେ ଡିସିପି ଓ ଅତିରିକ୍ତ ଡିସିପି ଦେବଦତ୍ତ କରଙ୍କ ସହ ସବିଶେଷ ବିଚାର ବିମର୍ଷ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଡିସିପି ଓ ଅତିରିକ୍ତ ଡିସିପିଙ୍କୁ ସମ୍ମାନିତ କରାଯାଇଥିଲା। ସଇନ୍ଧା-ନଛିପୁର ଆଞ୍ଚଳିକ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ସଭାପତି ପ୍ରଦୀପକୁମାର ଦାସ, ଉପସଭାପତି ପ୍ରମୋଦକୁମାର ସାହୁ, ସମ୍ପାଦକ ସଞ୍ଜୟ ମୁଦୁଲି, ସହ ସମ୍ପାଦକ ବିଭୂତି ଭୂଷଣ ତରାଇ ଏବଂ କୋଷାଧ୍ୟକ୍ଷ ଭାବଗ୍ରାହୀ ସାହୁଙ୍କ ସମେତ କମିଟି ସଦସ୍ୟ ଓ ସାମ୍ବାଦିକ ଗଜେନ୍ଦ୍ରନାଥ ଦାସ ଉପସ୍ଥିତ ଥିଲେ।

# କଂଗ୍ରେସ ନେତାଙ୍କ ବିୟୋଗରେ ଶୋକ

**କୁଆଁପାଳ, ୨୯।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ମଧୁପୁର ପଞ୍ଚାୟତର ଦୋବନ୍ଧିଆ ଗ୍ରାମର ଜଣେ ନିଷ୍ଠାପର, ନିର୍ଭିକ କଂଗ୍ରେସ ନେତା ଫଗୁବଲ୍ଲଭ ଜେନାଙ୍କ ଦେହାନ୍ତ ଖବରପାଇ ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତ ଜେନାଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଜେନାଙ୍କ ଜ୍ୟେଷ୍ଠପୁତ୍ର ଅମିତ୍ କୁମାର ଜେନା ଓ ତାଙ୍କର ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ଆବାସ ଗୃହର ହକ୍‌ଦାର୍‌ଙ୍କ ପ୍ରତି ଅବିଚାର ଅଭିଯୋଗ



**ଖଣ୍ଡପଡ଼ା, ୨୯।୭/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଏନ୍‌ଏସି ୬ନମ୍ବର ୱାର୍ଡର ପ୍ରଫୁଲ୍ଲ କୁମାର ସିଂ ଓ ତାଙ୍କର ଦୁଇଜଣ ଅବିବାହିତା ଭଉଣୀ ଚାଳ ଓ ପଲିଥିନ୍ ଘରେ ରହି ବହୁ ଦୁଃଖ କଷ୍ଟରେ ଜୀବନଯାପନ କରୁଥିବା ବେଳେ ସେମାନଙ୍କ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଘରଟିଏ ପାଇବା ପାଇଁ ବାରମ୍ବାର ଆପତ୍ତି ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ପ୍ରଫୁଲ୍ଲ କହିଛନ୍ତି। ଏହିଭଳି ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନ୍‌ଏସସିର ଆବାସ ଗୃହ ଚୟନ କରୁଥିବା ଦୁର୍ନୀତିଖୋର୍ କର୍ମଚାରୀଙ୍କ ଯୋଗୁଁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ଫଳରେ ଆବାସଗୃହ ପାଇବା ସେମାନଙ୍କ ପାଇଁ ସାତସପନ ପାଲଟିଛି। ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରଥମ ଚୟନ ତାଲିକାରେ ଥିବା ଜଣା ପଡ଼ିବାରୁ ସହରସାରା ଚର୍ଚ୍ଚାର ବିଷୟ ହୋଇଛି। ଏହାର ପୁନର୍ବାର ତଦାରଖ କରାଯାଇ ଉପଯୁକ୍ତ ହିତାଧିକାରୀଙ୍କୁ ଦିଆଗଲେ ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ। ଏ ଦିଗରେ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟିଦେଇ ତ୍ୱରିତ ପଦେକ୍ଷପ ଗ୍ରହଣ କରିବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

ସରୁନି ଜାତୀୟ ରାଜପଥ ସର୍ଭିସ୍ ରୋଡ୍ ଓ ଡ୍ରେନ୍ କାମ

# ଲଗାଣବର୍ଷାରେ ଘରେ ପଶିଲା ପାଣି

**ମୁଣ୍ଡମୁହାଣ, ୨୯।୭/ଏନ୍‌ଏନ୍‌ଏସ୍:** ୧୬ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱରରୁ ଖୋର୍ଦ୍ଧା ମଧ୍ୟରେ ଥିବା ସର୍ଭିସ୍ ରାସ୍ତା କାମ ପ୍ରାୟ ସବୁ ସ୍ଥାନରେ ସରିଛି। କିନ୍ତୁ ଯାଁଲା ବଜାର ଉପରେ ଥିବା ଉଭୟପାର୍ଶ୍ୱରେ କେତେକ ସ୍ଥାନରେ ସର୍ଭିସ୍ ରାସ୍ତା କାମ ଛାଡ଼ି ଦେଇଥିବାବେଳେ କେତେକ ସ୍ଥାନରେ ଡ୍ରେନ୍ କାମ ମଧ ହୋଇନାହିଁ। ଏଥି ଯୋଗୁ ପ୍ରାୟ ୮ରୁ ୧୦ ପରିବାର ସହ କିଛି ଦୋକାନୀ ବଡ଼ ହଇ ରାଣ ଶିକାର ହେଉଛନ୍ତି। ରାଜପଥ ବିଭାଗ ଏହି ସ୍ଥାନରେ ଜମି ଅଧିଗ୍ରହଣ କରି ସାରିଛି। କିନ୍ତୁ ଜମି ମାଲିକମାନଙ୍କୁ କ୍ଷତି ପୂରଣ ବାବଦ ଅର୍ଥ ଦେଇ ନଥିବା କାରଣରୁ ଏଠାରେ ଡ୍ରେନ୍ ନିର୍ମାଣ ବିଳମ୍ୱ ହେଉଥିବା ଜମି ମାଲିକମାନେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥର ସର୍ଭିସ୍। ରାସ୍ତା ଉଚ୍ଚରେ ଥିବାବେଳେ ଏଠାରେ ଘରଗୁଡ଼ିକ ପ୍ରାୟ ୩ରୁ ୪ ଫୁଟ୍ ତଳେ ରହିଛି,କାଳ ବୈଶାଖୀ ବର୍ଷା ହେଉ କି ମୌସୁମୀ ବର୍ଷା ସମୟରେ ଛାଡ଼ି ଯାଇଥିବା ଡ୍ରେନ ଗୁଡିକରେ ରାଜପଥରୁ ଗଡୁଥିବା ପାଣି ଘରେ ପଶିଯାଉଛି ଫଳରେ ଘରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ବୈଦ୍ୟୁତିକ ଜିନିଷଗୁଡ଼ିକ ପାଣିରେ ପଡ଼ି ନଷ୍ଟ ହେଉଛି। ତେଣୁ ସାଧାରଣ ଲୋକ ଅଜଥା କ୍ଷତି ସହୁଛନ୍ତି। ବର୍ଷା ସମୟରେ ଘରୁ ପାଣି ବୋହି ଲୋକଙ୍କୁ ନୟାନ୍ତ ହେବାକୁ ପଡୁଛି। ଉକ୍ତ ସ୍ଥାନରେ ଡ୍ରେନ୍ କାମ ସରିଥିଲେ ରାଜପଥରୁ ଗଡୁଥିବା ପାଣି ଡ୍ରେନ୍‌ରେ ପଡ଼ି ଗଡ଼ିଯାଇଥାନ୍ତା। ଜାତୀୟ ରାଜପଥ ବିଭାଗର ଅବହେଳା ଯୋଗୁ ଡ୍ରେନ ନ ଥିବା କାରଣରୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି, କେବେ ଏହି ସର୍ଭିସ୍ ରାସ୍ତା ଓ ଡ୍ରେନ୍ ସରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମେ ପ୍ରଥମରେ ଗଣମାଧମ ଅଭିଯୋଗ କରିବା ସତ୍ତ୍ୱେ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଏ ନେଇ ଜାତୀୟ ରାଜପଥ ବିଭାଗ ସହ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନାହିଁ।



# ମାହାଙ୍ଗା ଥାନାରେ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ, ହରିହର ବିବାହ



**ମାହାଙ୍ଗା, ୨୯।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ଥାନା ପରିସରରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପରମ୍ପରା ଅନୁଯାୟୀ ପ୍ରଭୁ ସତ୍ୟପୀର ମନ୍ଦିରରୁ ମା ଭୁବନେଶ୍ୱରୀଙ୍କୁ ଏକ ସୁସଜ୍ଜିତ ବିମାନରେ ମାହାଙ୍ଗା ମେଡିକାଲ ପରିସରରେ ଥିବା ଧବଳେଶ୍ୱର ମନ୍ଦିରକୁ ଏକ ଶୋଭାଯାତ୍ରାରେ ନିଆଯିବା ସହ ପ୍ରଭୁ ହରିହରଙ୍କ ସହ ଭେଟ ହୋଇଥିଲା।

ସେଠାରେ ମେଡିକାଲ ଅଧିକାରିଣୀ ତନୁସ୍ମିତା ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ହରିହରଙ୍କ ବିବାହଉତ୍ସବ ସଂପନ୍ନ ହେବା ପରେ ପୁନଶ୍ଚ ସତ୍ୟପିର ମନ୍ଦିର ପରିସରରେ ମନ୍ଦିରକୁ ମା ଭୁବନେଶ୍ୱରୀଙ୍କୁ ଅଣାଯାଇଥିଲା। ଏଥିରେ କନ୍ୟାପିତାଭାବେ ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତ ଓ ବରପିତା ଭାବେ ଡାକ୍ତର ସାଙ୍ଗ ପ୍ରକାଶ ପରିଡା କାର୍ଯ୍ୟ ସଂପାଦନ କରିଥିଲେ। ଏଥିରେ ମାହାଙ୍ଗାର ମେଡିକାଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହାପରେ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ସହ ବରିଷ୍ଠ ପଣ୍ଡିତ ଅନନ୍ତ ଶତପଥି, ଅଶୋକ କୁମାର ଶତପଥି, ରଜନୀକାନ୍ତ ଦାଶ, କ୍ଷୀରୋଦ ଶତପଥି ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତାଭାବେ ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତ ପୂଜା କାର୍ଯ୍ୟ ସମାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍.ଆଇ ରାକେଶ ଖୁଣ୍ଟିଆ, ଆର୍ତ୍ତବନ୍ଧୁ ସେଠୀ, କର୍ମା ଲାକ୍ରା, ଚନ୍ଦ୍ରଶେଖର ବେହେରା, ଜୟପୁର ଫାଣ୍ଡି ଅଧିକାର ମନୋଜ ବେହେରା, ଦିଗମ୍ବର ମୁଦୁଲି, ପରେଶ କରଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ। ଏଥିରେ କଟକ ଜିଲ୍ଲାର ବିଭିନ୍ନ ବହୁ ପୁଲିସ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଉତ୍ସବରେ ଯୋଗ ଦେଇଥିଲେ। ପୂଜା ଉତ୍ସବରେ ମାହାଙ୍ଗା ବ୍ଲକ ଅଂଚଳର ଜନସାଧାରଣମାନେ ସହଯୋଗ କରିଥିବାବେଳେ ପାଲା ଓ ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅପହରଣ ପରେ ୩ଲକ୍ଷ ଟଙ୍କା ମାଗିଲା ଅପହରଣକାରୀ

# ଭୁବନେଶ୍ୱର ରେଳଷ୍ଟେସନରୁ ନାବାଳିକା ଉଦ୍ଧାର

**ଓଡ଼ଗାଁ, ୨୯।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ନାବାଳିକାକୁ ଓଡ଼ଗାଁର ଜଣେ ଯୁବକ ଅପହରଣ କରି ନେଇଥିବା ପୀଡ଼ିତାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପହରଣକାରୀ ଝିଅର ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଦାବିକରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୁଲିସ ଖୋଳତାଡ କରି ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଗତକାଲି ନାବାଳିକା ଝିଅ ନିଜଘର ପାଖରେ ଥିବା ସମୟରେ ବିଜୟମଣ୍ଡପ ସାହିର ସୁଶାନ୍ତ କୁମାର ପଣ୍ଡାଙ୍କ ପୁଅ ଶୁଭମ୍

## ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ

ପଣ୍ଡା ତାଙ୍କୁ ଅପହରଣ କରିନେଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ସନ୍ଧ୍ୟା ସମୟରେ ଏକ ମୋବାଇଲ ନମ୍ବରରୁ ଫୋନ୍ ଆସିଥିଲା ଓ ୩ ଲକ୍ଷ ଟଙ୍କା ଦେବାକୁ ପରିବାର ଲୋକଙ୍କୁ ଦାବି କରିଥିଲେ। ନଚେତ୍ ତାଙ୍କର ନଗ୍ନ ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ। ନାବାଳିକାର ପରିବାର ଲୋକେ ୧୧୨ ସହାୟତାରେ ପୁଲିସକୁ ଖବର ଦେବାପରେ ପୁଲିସ ଉକ୍ତ ନମ୍ବରକୁ ଯାଞ୍ଚ କରି ଭୁବନେଶ୍ୱର ରେଳଷ୍ଟେସନରୁ ଉଭୟ ଯୁବକ ଓ ନାବାଳିକାକୁ କାବୁକରି ନେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଯୁବକ ଜଣକ ନାବାଳିକାକୁ ନିଶାଦେଇ ଶାରୀରିକ ସମ୍ପର୍କ ରଖି ସୋସିଆଲ ମିଡିଆରେ ଭାଇରାଲ୍ କରିବାକୁ ଧମକ ଦେଉଥିବା ନାବାଳିକାର ମାଆ କହିଛନ୍ତି। ଏପଟେ ଭୁବନେଶ୍ୱର ପୁଲିସ ଯୁବକଙ୍କୁ ଗିରଫକରି ଓଡ଼ଗାଁ ଥାନାକୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।




# ବାଣପୁର ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ

**ବାଣପୁର, ୨୯।୭/ଏନ୍‌ଏନ୍‌ଏସ୍:** ଛାତ୍ର ଛାତ୍ରୀମାନଙ୍କ ସ୍କୁଲ୍ ବସ୍ତାନି ବୋଝ ଦିନକୁ ଦିନ ବଢ଼ିଚାଲିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ବରୁ ଏନେଇ କଟକଣା ଥିଲେ ମଧ ଅନେକ ସ୍କୁଲ୍ ଏହାକୁ ମାନୁନଥିବା ନେଇ ଅଭିଯୋଗ ଆସିବା ପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଓଜନର ୧୦ ପ୍ରତିଶତରୁ କମ୍ ଓଜନର ସ୍କୁଲ୍ ବ୍ୟାଗ ନେବେ ବୋଲି ନିର୍ଦ୍ଦେଶ ନାମାରେ ସ୍ପଷ୍ଟ କରାଯାଇଛି। ଉଦାହରଣ ସ୍ୱରୂପ ୩୦ କିଲୋ ଓଜନର ଛାତ୍ରଛାତ୍ରୀମାନେ ୩କିଲୋରୁ କମ୍ ଓଜନର ସ୍କୁଲ୍ ବ୍ୟାଗ ନେବେ। ବିଇଓମାନେ ସେମାନଙ୍କ ବ୍ଲକ୍‌ର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଏ ନିର୍ଦ୍ଦେଶନାମା ସଂକ୍ରାନ୍ତରେ ସୂଚନା ଜାରି କରିବାକୁ କୁହାଯାଇଛି। ଜୁଲାଇ ୩୦ ତାରିଖ ସୁଦ୍ଧା ପଦକ୍ଷେପ ସଂକ୍ରାନ୍ତରେ ରିପୋର୍ଟ ପ୍ରକଳ୍ପ ସଂଯୋଜକଙ୍କ ଅଫିସ୍‌କୁ ଜଣାଇବାକୁ ନିର୍ଦ୍ଦେଶ ନାମାରେ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ବିଇଓମାନେ ଆଜି ଏନେଇ ପ୍ରତ୍ୟେକ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଛାତ୍ରଛାତ୍ରୀଙ୍କ ସ୍କୁଲ୍ ବ୍ୟାଗ୍ ଓଜନ କମାଇବାକୁ କ୍ଲାସ୍ ଟିଚର୍ ବା ଶ୍ରେଣୀ ଶିକ୍ଷକମାନେ ଛାତ୍ରଛାତ୍ରୀମାନେ କେଉଁ ବହି ଓ ଖାତା ଆଣିବେ ତାର ସୂଚନା ପୂର୍ବ ଦିନ ସଂଧ୍ୟାରୁ ପ୍ରଦାନ କରିବେ। ପ୍ରତ୍ୟେକ ସ୍କୁଲ୍ କର୍ତ୍ତୃପକ୍ଷ ପ୍ରବେଶ ଫାଟକ ନିକଟରେ ଓଜନ ମେସିନ୍ ରଖିବେ। ବ୍ୟାଗ୍ ଓଜନ କରିବା ପରେ ଛାତ୍ରଛାତ୍ରୀଙ୍କୁ କ୍ଲାସ୍ ରୁମ୍‌କୁ ଛଡ଼ାଯିବ। ସେହିପରି କିଭଳି ସ୍କୁଲ୍ ବ୍ୟାଗରେ କମ୍ ବହି ରହିବ ସେଥିପାଇଁ ମଧ ମାର୍ଗଦର୍ଶିକାରେ ସୂଚନା ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶନାମା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନା ସେ ସଂକ୍ରାନ୍ତରେ ବିଇଓମାନେ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍କୁଲ୍ ପରିଦର୍ଶନ କରିବେ ଓ ନିୟମ ଉଲଂଘନ କରୁଥିବା ସ୍କୁଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଥମ ଦିନରେ ଖୋର୍ଦ୍ଧାଜିଲ୍ଲା ଅନ୍ତର୍ଗତ ବାଣପୁର ବିଇଓ ସନାତନ ଜାଲି ବାଣପୁର ସ୍ଥିତ ଦୁଇ ଗୋଟି ଘରୋଇ ବିଦ୍ୟାଳୟ ଯଥା ଲଡୁକେଶ୍ୱର ବିଦ୍ୟା ମନ୍ଦିର ଏବଂ ସେଣ୍ଟ ଜାଭିୟର ହାଇ ସ୍କୁଲ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏ ବାବଦରେ ସଚେତନ କରାଇବା ସହ ବିଭିନ୍ନ ବିଦ୍ୟାର୍ଥୀ ଙ୍କ ବ୍ୟାଗ ର ଓଜନ ଯାଞ୍ଚ ମଧ କରିଥିଲେ। ଉକ୍ତ ଯାଞ୍ଚରେ ବିଇଓ ଉଭୟ ବିଦ୍ୟାଳୟ ନିୟମ ମାନିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ।



**ନିତି ଭାରତୀ** | ସମ୍ପର୍କ ଚାରିଗୋଟି ନୀତି ଉପରେ ପର୍ଯ୍ୟବସିତ- ସମ୍ମାନ ପ୍ରଦର୍ଶନ, ବୁଝାମଣା, ଗ୍ରହଣ କରି ନେବା ଏବଂ ପସନ୍ଦ କରିବାର ମାନସିକତା। - **ମହାତ୍ମା ଗାନ୍ଧୀ**

# ଗଣତନ୍ତ୍ର, ଆଡ଼ମ୍ବର ଓ ଅହଙ୍କାର



**ଛାୟାକାନ୍ତ ଷଡ଼ଙ୍ଗୀ**

ରାଜତନ୍ତ୍ରରେ ରାଜାଙ୍କ ଜୀବନ ଥିଲା ଆଡ଼ମ୍ବରପୂର୍ଣ୍ଣ। ରାଜା ନିଜକୁ ଈଶ୍ୱରଙ୍କ ପ୍ରତିନିଧି ବୋଲି ବିବେଚନା କରୁଥିଲେ। ରାଜା ଓ ପ୍ରଜାଙ୍କ ମଧ୍ୟରେ ଥିଲା ଏକ ବିରାଟ ପ୍ରାଚୀର। ରାଜାଙ୍କ ସ୍ଥାନ ଥିଲା ସର୍ବଦା ଉଚ୍ଚରେ। ମାତ୍ର ଗଣତନ୍ତ୍ରରେ ଶାସକ ଓ ଶାସିତ ମଧ୍ୟରେ କୌଣସି ଦୂରତା ନଥାଏ। ଗଣତନ୍ତ୍ର ସମାନତା ଉପରେ ଆଧାରିତ। ଗଣ ହିଁ ଶାସକ ଚୟନ କରେ। ନିର୍ବାଚନ ସମୟରେ ବିଧାୟକ/ସାଂସଦ ପ୍ରାର୍ଥୀମାନେ ନିରାଡ଼ମ୍ବର ଭାବେ ଗାଁ, ସହର ସର୍ବତ୍ର ଦ୍ୱାରକୁ ଦ୍ୱାର ବୁଲି ଭୋଟ୍ ଭିକ୍ଷା କରନ୍ତି। ସେତେବେଳେ ସେମାନେ ଅତ୍ୟନ୍ତ ନମ୍ର ଓ ଭଦ୍ର ବ୍ୟବହାର ପ୍ରଦର୍ଶନ କରନ୍ତି। ଭୋଟରମାନଙ୍କୁ ହାତ ଯୋଡ଼ି ନମସ୍କାର କରନ୍ତି। ମାତ୍ର ନିର୍ବାଚନ ଜିଣି ସାରିବା ପରେ ଦୃଶ୍ୟପଟ ବଦଳି ଯାଏ। ଆରମ୍ଭ ହୁଏ ରାଜକୀୟ ଥାଟ। ତା' ପରେ ସେମାନଙ୍କୁ ଆଉ ଜନସାଧାରଣଙ୍କୁ ନମସ୍କାର କରିବାକୁ ପଡ଼େନାହିଁ। ଜନସାଧାରଣ ନିର୍ବାଚନ ପୂର୍ବରୁ ପାଇଥିବା ଗୋଟିଏ ନମସ୍କାର ପ୍ରତିଦାନରେ ପାଞ୍ଚ ବର୍ଷ ଧରି ଶତାଧିକ ଥର ନମସ୍କାର କରନ୍ତି। ତା' ପରେ ପ୍ରମାଣିତ ହୁଏ ସମସ୍ତେ ସମାନ, ହେଲେ ଶାସକମାନେ ଅନ୍ୟମାନଙ୍କଠାରୁ ବେଶୀ ସମାନ (All are equal, but some are more equal than others- George Orwell)।

ଗଣଦ୍ୱାରା ନିର୍ବାଚିତ ସରକାର ଗଣ ପାଇଁ ହିତକର କାର୍ଯ୍ୟ କରିବା ସ୍ୱାଭାବିକ କଥା। ସରକାର ଯେଉଁସବୁ ହିତକର କାର୍ଯ୍ୟ କରନ୍ତି, ତାହା ଗଣଠାରୁ ସଂଗୃହୀତ ବିଭିନ୍ନ ଟିକସ ଅର୍ଥରେ ହିଁ ସଂପାଦିତ ହୋଇଥାଏ। ଜାତୀୟ ରାଜପଥ ନିର୍ମିତ ହୁଏ। ତା' ପରେ ଟୋଲ୍‌ଗେଟ୍ ସ୍ଥାପନ କରି ଜନସାଧାରଣଙ୍କ ପାଖରୁ ଟିକସ ଆଦାୟ କରି ସମସ୍ତ ଖର୍ଚ୍ଚ ପୂରଣ କରାଯାଏ। ସ୍କୁଲ, କଲେଜ, ଗାଁ, ସହର- ସର୍ବତ୍ର ଯେଉଁସବୁ ପୋଲ, କୋଠା ଆଦି ନିର୍ମାଣ କରାଯାଏ, ସେଥିରେ ସାଂସଦ ବା ବିଧାୟକଙ୍କ ବ୍ୟକ୍ତିଗତ ଧନ ବ୍ୟୟିତ ହୁଏନାହିଁ। ମାତ୍ର ନିର୍ମାଣ ସରିଲେ ସେମାନେ ହିଁ ଶ୍ରେୟ ନେଇ ବ୍ୟୟବହୁଳ ଉଦ୍‌ଘାଟନ ସଭା କରନ୍ତି। ଫଳକରେ ନିଜ ନାମଟି ଅନ୍ତର୍ଭୁକ୍ତ କରନ୍ତି। ଅଥଚ ଯେଉଁମାନଙ୍କ କାରିଗରୀ କୌଶଳ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସେସବୁ ସମ୍ଭବ ହୋଇଥାଏ, ସେମାନଙ୍କ କଥା କେହି ମନେ ପକାନ୍ତି ନାହିଁ। ଆମେରିକାର ସାନ୍ ଫ୍ରାନ୍‌ସିସ୍କୋ ସହରରେ ଗୋଟିଏ ନଦୀ ଉପରେ ଅଛି ଏକ ବିରାଟ ଝୁଲାପୋଲ। ତା'ର ନାଁ ହେଉଛି ଗୋଲଡେନ୍ ଗେଟ୍ ବ୍ରିଜ୍। ଇଞ୍ଜିନିୟର ଜୋସେଫ୍ ବି ଷ୍ଟସ୍‌ଙ୍କ ବୁଦ୍ଧି ଓ କୌଶଳରେ ଏହା ନିର୍ମିତ ହୋଇଥିବାରୁ ସେଠାରେ ତାଙ୍କର ଓ ତାଙ୍କ ସହଯୋଗୀମାନଙ୍କ ନାମ ଫଳକରେ ଖୋଦିତ ହୋଇଛି। ଏଭଳି ଚିତ୍ର ଭାରତରେ ଦେଖିବାକୁ ମିଳେନାହିଁ। ଭାରତୀୟ ଗଣତନ୍ତ୍ରରେ ସମସ୍ତ ଶ୍ରେୟ ବିଧାୟକ/ସାଂସଦ/ମନ୍ତ୍ରୀମାନଙ୍କର। ସବୁ ଫଳକରେ ଥାଏ ସେମାନଙ୍କ ନାମ।

ସାଧାରଣ ଜୀବନରୁ ଆସିଥିବା ଲୋକେ ଏବେ ଶାସନ କଲେଣି, କିନ୍ତୁ ରାଜତନ୍ତ୍ରର ବିଳାସ ଯାଇନାହିଁ। ନେତାମାନଙ୍କ ଆଗମନ ସମୟରେ ଯେପରି ବାଦ୍ୟଯନ୍ତ୍ରର ବିକଟ ଧ୍ୱନି ଓ ନୃତ୍ୟ ମଧ୍ୟରେ ବ୍ୟୟବହୁଳ ଓ ଭଡ଼ାଟିଆ ସମର୍ଥକମାନଙ୍କ ଗହଣରେ ସମ୍ବର୍ଦ୍ଧନା ଦିଆଯାଉଛି, ତାହା ଦିନେ ରାଜତନ୍ତ୍ରରେ ମଧ୍ୟ ହେଉ ନଥିଲା। ଅତୀତରେ ରାଜା ରଥରେ ଗଲାବେଳେ ଯେପରି ମହାଡ଼ମ୍ବରରେ ପାତ୍ରମନ୍ତ୍ରୀ, ପାରିଷଦବର୍ଗଙ୍କ ଗହଣରେ ଯାଉଥିଲେ, ଆଜି ବି ଗଣତନ୍ତ୍ରର ଶାସକମାନେ ନିଜର ଅନୁଚରବର୍ଗ ଓ ଅଧୀନସ୍ଥ କର୍ମଚାରୀମାନଙ୍କ ଗହଣରେ ଯାଉଛନ୍ତି। ରଥ ସିନା ନାହିଁ, ତା'ର ଆକୃତି ବଦଳି ମୂଲ୍ୟବାନ କାର୍ ହୋଇଛି। ପୂର୍ବେ ଗଳାରେ ଫୁଲମାଳ ଦେଇ ରାଜାଙ୍କୁ ଅଭ୍ୟର୍ଥନା କରାଯାଉଥିଲା। ଏବେ ଆଉ ଗଳାରେ ଫୁଲମାଳ ଦିଆଯାଉ ନାହିଁ। ତିଆରି ହେଉଛି ହଜାର ହଜାର ଟଙ୍କା ବ୍ୟୟରେ ନିର୍ମିତ ଖୁବ୍ ମୋଟା ଓ ବିରାଟ ଫୁଲମାଳ। ନେତାମାନଙ୍କ ଅନୁଚରବର୍ଗ ତାକୁ ଟେକି ଧରୁଛନ୍ତି ଓ ନେତାମାନେ ଅର୍ଦ୍ଧବୃତ୍ତାକାର ଭଙ୍ଗୀରେ ଟେକି ଧରା ହୋଇଥିବା ଫୁଲମାଳ ପଛରେ ଠିଆହୋଇ ମୁଣ୍ଡଟିକୁ




ଫୁଲମାଳ ମଝିରେ ଗଳେଇ ସମ୍ବର୍ଦ୍ଧିତ ହେଉଛନ୍ତି। ଏଭଳି ଭବ୍ୟ ସମ୍ବର୍ଦ୍ଧନା ନେବା ପାଇଁ କେହି କେବେ ଅନିଚ୍ଛା ପ୍ରକାଶ କରି ନାହାନ୍ତି, ବରଂ ଏହା ପ୍ରାକ୍-ପ୍ରାୟୋଜିତ କାର୍ଯ୍ୟକ୍ରମ ହୋଇଥାଏ।

ଆଜିକାଲି ଯେ କୌଣସି ସରକାର ଆସିଲେ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳିତ ହେଉଛି। ବର୍ଷକ ମଧ୍ୟରେ କରିଥିବା କୀର୍ତ୍ତିକୁ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହେଉଛି। ଏଥି ପାଇଁ କୋଟି କୋଟି ଟଙ୍କା ବ୍ୟୟିତ ହେଉଛି। ସରକାର କ'ଣ ସବୁ କରନ୍ତି, ତାହା ଜନସାଧାରଣ ତ ଜାଣିଥାନ୍ତି, ତାକୁ ପୁଣି ଗାନ କରିବା ପାଇଁ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାର କୌଣସି ଯଥାର୍ଥ୍ୟ ନାହିଁ। ସେହି ଅର୍ଥ ଅନ୍ୟ ଜନହିତକର କାର୍ଯ୍ୟରେ ବିନିଯୋଗ କରାଯାଇ ପାରନ୍ତା। ଏହି ପ୍ରକାର ପ୍ରଚାର ଉତ୍ସବ କେବଳ ସରକାରଙ୍କ ଅହଙ୍କାର ପ୍ରଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏ ପ୍ରକାର କାର୍ଯ୍ୟକ୍ରମ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ସୀମିତ ହୋଇ ରହିନାହିଁ। ପ୍ରାୟ ସବୁ ରାଜନୈତିକ ଦଳ ଏହି ବ୍ୟାଧି ଦ୍ୱାରା ପୀଡ଼ିତ। ପୁନଶ୍ଚ, ଅତୀତରେ ଯେତେବେଳେ ଯୋଗ୍ୟ ମେଧାବୀ ଛାତ୍ରଛାତ୍ରୀ ଚାକିରି ପାଉଥିଲେ, ସରକାର ସେମାନଙ୍କୁ ନିଯୁକ୍ତି ପତ୍ର ପଠାଉ ଥିଲେ ଓ ସେମାନେ ସିଧାସଳଖ ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗ ଦେଉଥିଲେ। ଆଜିକାଲି ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ସରକାର ନିଜ ହାତରେ ନିଯୁକ୍ତି ପତ୍ର ବାଣ୍ଟି ପ୍ରଚାର କରିବାକୁ ଚାହୁଁଛନ୍ତି ଯେ ସେମାନେ ନିଯୁକ୍ତି ଦେଇ ଦେଶରେ ବେକାରୀ ସମସ୍ୟା ସମାଧାନ କରୁଛନ୍ତି। ସତେ ଯେପରି ଏହା ସେମାନଙ୍କ ଦୟା। ଏହା ଅହଙ୍କାରର ଏକ ବିକଟ ପ୍ରଦର୍ଶନ। ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଦୁଇ ପହର ବେଳ। ଭିକାରିଟିଏ ଦୁଆରେ ଭିକ ମାଗୁଥାଏ। ବୋହୂ ବାହାରି ଆସି କହିଲା, 'ଆଜି ଘରେ ଚାଉଳ ନାହିଁ, କାଲି ଆସ।' ଶାଶୂ ଶୁଣି ପକେଇଲେ। ସେ ସଙ୍ଗେ ସଙ୍ଗେ ବାହାରି ଆସି ଭିକାରିକୁ କହିଲେ, 'କାହିଁକି ଚାଲି ଯାଉଛ ?' ଭିକାରି କହିଲା, 'ବୋହୂ କହିଲେ, ଆଜି ଚାଉଳ ନାହିଁ କାଲି ଆସ।' ଶାଶୂ କହିଲେ, 'ସେ କିଏ ଏ କଥା କହିବାକୁ ? ମାଲିକାଣୀ ମୁଁ। ବର୍ତ୍ତମାନ ମୁଁ କହୁଛି, ଆଜି ଚାଉଳ ନାହିଁ କାଲି ଆସ।' ଠିକ୍ ସେହିପରି ମନ୍ତ୍ରୀମାନେ କହୁଛନ୍ତି, 'ବିଭାଗୀୟ ନିର୍ଦ୍ଦେଶକ କିଏ ? ସରକାର ଆମେ। ଏଣୁ ନିଯୁକ୍ତି ପତ୍ର ଆମେ ବାଣ୍ଟିବୁ।'

ପ୍ରତ୍ୟେକ ସରକାର କ୍ଷମତାରେ ଥିବାବେଳେ କହୁଛନ୍ତି ଆମେ ବିକାଶ କରୁଛୁ। ସେହି ତଥାକଥିତ ବିକାଶର ଚିତ୍ର ବଖାଣି ପୁଣି କିପରି କ୍ଷମତା ହାସଲ କରିହେବ, ସେଥିପାଇଁ ଉଦ୍ୟମ କରୁଛନ୍ତି। ଦେଶର ହିତ କରିବା ପାଇଁ ସେମାନେ ରାଜନୀତିକୁ ଆସିଛନ୍ତି ବୋଲି କହନ୍ତି। ମାତ୍ର କ୍ଷମତାସୀନ ହେବା ପରେ ସେମାନେ ଭାବି ନିଅନ୍ତି, ସେମାନେ ନିଜର ଯୋଗ୍ୟତା ବଳରେ ସେଠାରେ ପହଞ୍ଚିଛନ୍ତି। ତା' ପରେ ଆରମ୍ଭ ହୁଏ ଅହମିକା ପ୍ରଦର୍ଶନ। ଥରେ ଜଣେ ଯୁବନେତା ବିଶିଷ୍ଟ ଲେଖକ ମନୋଜ ଦାସଙ୍କୁ କହିଲେ, କ୍ଷମତାର ଯାଦୁ ଏପରି, ସେ ଅଚିରେ ମୂଳ ଉଦ୍ଦେଶ୍ୟ ଭୁଲାଇ ଦିଏ ଓ ମଣିଷ ଗର୍ବବୋଧ ଦ୍ୱାରା ଆକ୍ରାନ୍ତ ହୋଇ ବିବେକଠାରୁ ଦୂରେଇ ଯାଏ। ମନୋଜ ଦାସ କହିଲେ, 'ଗର୍ବ ବା ଅହଂବୋଧ କ୍ଷମତାରେ ନଥାଏ, ଥାଏ ଆମ ଚେତନାରେ। କ୍ଷମତା ତା'ର ପରିପ୍ରକାଶ ଦିଗରେ ସୁଯୋଗ ଦିଏ। କ୍ଷମତା ଅହଂର ହେତୁ ନୁହେଁ କି ସ୍ରଷ୍ଟା ନୁହେଁ। କ୍ଷମତାରେ ଥାଇ ଗର୍ବରୁ ଦୂରେଇ ରହିବା ସମ୍ଭବ ଯଦି ଜୀବନରେ ମହତ୍ତ୍ୱର ଲକ୍ଷ୍ୟ ଥାଏ।' ଏହି ପ୍ରସଙ୍ଗରେ ସେ ଆରବ୍ୟ ରଜନୀର ଏକ କାହାଣୀ ମନେ ପକାଇ ଦେଇଛନ୍ତି।

ଜଣେ ସାଧୁ ଭଗବାନଙ୍କଠାରୁ ଏକ ବର ପାଇଥିଲେ, ସିଏ ଯୁଆଡ଼େ ଯିବେ, ତାକୁ ଖରାରୁ ରକ୍ଷା କରିବା ପାଇଁ ଖଣ୍ଡେ ମେଘ ତାଙ୍କ ମୁଣ୍ଡ ଉପରେ ଭାସୁଥିବ। ଲୋକେ ତାଙ୍କୁ ଡାକୁଥିଲେ ମେଘର ମୁନିବ। ଏହି ଡାକ ଶୁଣି ସାଧୁ ଜଣକ ପୁଲକିତ ହେଲେ। କ୍ରମେ ତାଙ୍କର ଗର୍ବ ହେଲା ଓ ସେ ଭାବିନେଲେ ଭଗବାନ ତାଙ୍କ ଭକ୍ତିରେ ଅଭିଭୂତ ହୋଇ ସିନା ଏହି ବରଟି ଦେଇଛନ୍ତି। ସାଧୁଙ୍କ ଗର୍ବଭାବ ଜାଣିପାରି ଭଗବାନ ମେଘ ଖଣ୍ଡିକ ପ୍ରତ୍ୟାହାର କରିନେଲେ। ସାଧୁ ନିଜର ଭୁଲ୍ ବୁଝିଲେ, ଅନୁତାପ କଲେ ଓ ବରଟିକୁ ପୁଣି ଫେରାଇ ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ। ଭଗବାନ କହିଲେ, 'ଜଣେ ଗର୍ବଶୂନ୍ୟ ବ୍ୟକ୍ତି ଯଦି ତୁମ ତରଫରୁ ପ୍ରାର୍ଥନା କରନ୍ତି, ତୁମେ ପୁଣି ମେଘ ଖଣ୍ଡିକ ଫେରି ପାଇବ। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ସେହି ରାଜ୍ୟର ରାଜା।' ସାଧୁ ଚାଲିଲେ ସେହି ରାଜାଙ୍କୁ ଭେଟିବା ପାଇଁ। ରାଜଦ୍ୱାର ରକ୍ଷୀ କହିଲା, 'ରାଜା ସପ୍ତାହକୁ ଥରେ ଲୋକଙ୍କ ଗୁହାରି ଶୁଣନ୍ତି। ଆଜି ସେଦିନ ଥିଲା। ଏବେ ସମୟ ଗଡ଼ି ଗଲାଣି। ପୁଣି ଆସନ୍ତା ସପ୍ତାହକୁ ଆସନ୍ତୁ।' ପର ସପ୍ତାହରେ ସାଧୁ ରାଜାଙ୍କୁ ସାକ୍ଷାତ କରନ୍ତେ ରାଜା ତାଙ୍କୁ ସ୍ୱାଗତ କଲେ ଓ ଅନ୍ୟ ସମସ୍ତଙ୍କ ଗୁହାରି ଶୁଣିସାରି ତାଙ୍କୁ ବିଶାଳ ରାଜପ୍ରାସାଦର ବାହାରେ ଥିବା ଏକ ନିର୍ଜନ ଅଞ୍ଚଳକୁ ନେଇଗଲେ। ସେଠି ଥାଏ ଏକ ଛୋଟ କୁଡ଼ିଆ। ରାଜାଙ୍କ ସହ ସାଧୁଙ୍କୁ ପାଛୋଟି ନେଲେ ସାଧାରଣ ବସ୍ତ୍ର ପରିହିତା ରାଣୀ। ସ୍ୱୟଂ ରାଜା ରାଜକୀୟ ବସ୍ତ୍ର ଉତାରି ସାଧାରଣ ବସ୍ତ୍ର ପିନ୍ଧିଲେ। ରାଜାରାଣୀ ସାଧୁଙ୍କୁ ପରଷି ଦେଲେ ଅତି ସାଧାରଣ ଖାଦ୍ୟ।

ରାଜାଙ୍କ ଗର୍ବଶୂନ୍ୟ ବ୍ୟବହାର ଓ ସାଧାରଣ ଜୀବନଶୈଳୀ ଦେଖି ସାଧୁ ସ୍ତମ୍ଭୀଭୂତ ହେଲେ। ଏତେ ଐଶ୍ୱର୍ଯ୍ୟ ଓ କ୍ଷମତାର ଅଧିକାରୀ ଜଣେ ରାଜା ଏତେ ଅହମିକାଶୂନ୍ୟ ହୋଇପାରେ, ତାହା ସାଧୁଙ୍କ କଳ୍ପନା ବାହାରେ ଥିଲା। ସାଧୁ ଏ ପ୍ରକାର ଜୀବନଶୈଳୀର କାରଣ ପଚାରନ୍ତେ ରାଜା କହିଲେ, 'ବାଲ୍ୟକାଳରୁ ଈଶ୍ୱର ସନ୍ଧାନ କରିବା ଥିଲା ମୋର ଇଚ୍ଛା। ମୁଁ ଗୃହତ୍ୟାଗ କରି ଜଣେ ସାଧୁ ହେବାକୁ ଚାହିଁଥିଲି। ମାତ୍ର ବୟସ ବଢ଼ିବା ପରେ ମୁଁ ଭାବିଲି, ମୁଁ ଘରେ ରହି ଏକ ସାଧୁ ଭଳି ଜୀବନଯାପନ କରି ଈଶ୍ୱର ସନ୍ଧାନ କରି ପାରିବି ନାହିଁ କାହିଁକି ? ଏହିଭଳି ଚିନ୍ତାକରି ଜୀବନର ଚାକଚକ୍ୟରୁ ଦୂରେଇ ଯାଇ ଏକ ସାଧାରଣ ଜୀବନଯାପନ କଲି। ମୁଁ ଓ ମୋ ସ୍ତ୍ରୀ ସପ ବୁଣୁ ଏବଂ ସେହି ସପ ବଜାରରେ ବିକ୍ରି ହୁଏ। ସେହି ଧନରେ ଆମେ ଚଳୁ। ମୁଁ ରାଜଧନକୁ ନିଜ ପାଇଁ ବ୍ୟବହାର କରେନାହିଁ। ତାହା ପ୍ରଜାଙ୍କ ହିତରେ ବ୍ୟବହୃତ ହୁଏ।' ସ୍ତବ୍ଧ ହେଲେ ସାଧୁ। ରାଜା ସାଧୁଙ୍କୁ ମେଘ ଖଣ୍ଡିକ ଫେରାଇବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ସାଧୁଙ୍କୁ ବରଟି ପୁନଃପ୍ରାପ୍ତ ହେଲା। ଏହା ଏକ କାହାଣୀ ହୋଇପାରେ, ମାତ୍ର କଥାକାର ଯେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି, ତାହା ହେଲା- ନିରାଡ଼ମ୍ବର ଓ ନିରହଂକାର ଭାବରେ ଅତି ସାଧାରଣ ଜୀବନଯାପନ କରି ମଧ୍ୟ ପ୍ରଜାମାନଙ୍କୁ ଶାସନ କରିହୁଏ।●

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି କଲେଜ**
**ଟିଟିଲାଗଡ଼, ମୋ: ୯୪୩୭୩୨୯୨୬୩**

# ହଜାରେ ପାଇଁ ଲକ୍ଷେ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ନିକଟରେ ଉତ୍ତରପ୍ରଦେଶର ବିଭିନ୍ନ ସଂସ୍ଥାରେ ୨ ହଜାର ପଦବୀ ପାଇଁ ୨୯ ଲକ୍ଷ ପିଲା ଆବେଦନ କରିଥିବାର ଖବର ଆସିଥିଲା। ପୁଣି ଏକ ଖବର ଅନୁଯାୟୀ ଆଇଆଇଟିରୁ ପାସ୍ କରିଥିବା ୩୮ ପ୍ରତିଶତ ଯୁବକଙ୍କୁ ନିଯୁକ୍ତି ମିଳିନାହିଁ। କିଛି ଦିନ ତଳେ ପ୍ରାତଃ ଭ୍ରମଣରୁ ଫେରୁଥିଲୁ। ବାଟରେ ଏକ ସରକାରୀ ଅଫିସ ସମ୍ମୁଖରେ ଶହ ଶହ ଯୁବକ ଯୁବତୀଙ୍କୁ ଦେଖି ପ୍ରଶ୍ନ କରି ଜାଣିଲୁ ଯେ ସେମାନେ ହୋମଗାର୍ଡ ଚାକିରିର ଆଶାୟୀ ପ୍ରାର୍ଥୀ। କିଏ ଗ୍ରାଜୁଏଟ୍ ତ କିଏ ବିଟେକ୍ ଡିଗ୍ରୀଧାରୀ। ପ୍ରାୟତଃ ଦେଖାଯାଏ, ଯେତେବେଳେ କୌଣସି ସରକାରୀ ପଦବୀ ପାଇଁ ନିଯୁକ୍ତି ବାହାରେ, ହଜାରେ ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସେ- ସେହି ପଦବୀ ଛୋଟ ହେଉ କି ବଡ଼। ପଦବୀ ପାଇଁ ଯୋଗ୍ୟତାଠାରୁ ଅଧିକ ଯୋଗ୍ୟ ଆବେଦନକାରୀ ଆବେଦନ କରନ୍ତି। ଓଡ଼ିଶା, ବିହାର, ଉତ୍ତରପ୍ରଦେଶ କିମ୍ବା ଦେଶର ଅନ୍ୟ କୌଣସି ରାଜ୍ୟରେ ଯେତେବେଳେ କୌଣସି ପଦବୀ ପାଇଁ ଆଶାଠାରୁ ଅଧିକ ଆବେଦନ ମିଳେ, ପରିସ୍ଥିତି ଅନିୟନ୍ତ୍ରିତ ହୋଇଯାଏ। ଆଜି ସୋସିଆଲ ମିଡିଆରେ ଏପରି ଶହ ଶହ ସାକ୍ଷାତକାର ଦେଖିବାକୁ ମିଳେ, ଯାହା ବେକାରୀ ସମସ୍ୟା ସହିତ ସଂଘର୍ଷ କରୁଥିବା ଯୁବକଙ୍କ ହତାଶାକୁ ଦର୍ଶାଏ। ଯେତେବେଳେ ଯୁବକମାନେ ନିଯୁକ୍ତି ଦାବି କରି ରାସ୍ତାକୁ ଓହ୍ଲାନ୍ତି, ରାଜ୍ୟ ସରକାର ସେମାନଙ୍କୁ ମାଡ଼ ମାରିବା ପାଇଁ ପୁଲିସ ବ୍ୟବହାର କରନ୍ତି। ସରକାରୀ ଚାକିରିର ଆଶା ମରିଯିବା ପରେ ସେମାନେ ଘରୋଇ କ୍ଷେତ୍ରକୁ ଯାଆନ୍ତି। ସମସ୍ୟା ହେଉଛି, ଘରୋଇ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ମଧ୍ୟ ବେଶ୍ ଦ୍ରୁତ ଗତିରେ ହ୍ରାସ ପାଉଛି। ଚାକିରି ଆଶା ରଖି ଯୁବକମାନଙ୍କ ବୟସ ବଢ଼ିବାରେ ଲାଗିଛି। ସମାଜଶାସ୍ତ୍ର ଗବେଷକମାନେ ଏହି ବିଷୟରେ ଗବେଷଣା କରିବା ଉଚିତ ଯେ କୋଟି କୋଟି ବେକାର ଯୁବକଙ୍କ ହତାଶା ସମାଜ ଉପରେ କି ପ୍ରଭାବ ପକାଏ। ଦେଶର ଆର୍ଥିକ-ସାମାଜିକ ଗଠନକୁ ବିଚାରକୁ ନେଇ ସହରଗୁଡ଼ିକରେ ଅନୌପଚାରିକ ନିଯୁକ୍ତି ପରିମାଣ ଧୀରେ ଧୀରେ ହ୍ରାସ କରିବା ଏବଂ ଆନୁଷ୍ଠାନିକ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯିବା ଉଚିତ। ଦେଶର ସଂକୁଚିତ ଅର୍ଥନୀତି ଯୋଗୁଁ ବେକାରୀ ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି। ଏକ ଗବେଷଣା ଅନୁଯାୟୀ, ନିର୍ମାଣ କ୍ଷେତ୍ରରେ ୫୦%, ବାଣିଜ୍ୟ, ହୋଟେଲ ଏବଂ ଅନ୍ୟାନ୍ୟ ସେବାରେ ୪୭%, ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୩୯% ଏବଂ ଖଣି କ୍ଷେତ୍ରରେ ୨୩% ପର୍ଯ୍ୟନ୍ତ ବେରୋଜଗାରୀ ବ୍ୟାପିଛି। ଚିନ୍ତାର ବିଷୟ ହେଉଛି, ଏହି କ୍ଷେତ୍ରଗୁଡ଼ିକ ଦେଶକୁ ସର୍ବାଧିକ ନିଯୁକ୍ତି ପ୍ରଦାନ କରନ୍ତି। ତେଣୁ ଏହି ସଂଖ୍ୟାଗୁଡ଼ିକର ପ୍ରଭାବ ଭୟଙ୍କର।

ଏହି କ୍ଷେତ୍ରଗୁଡ଼ିକ ଦ୍ରୁତ ଗତିରେ ସଂକୁଚିତ ହେଉଛି, ଯାହା ବେକାରୀ ବୃଦ୍ଧି କରୁଛି। ଲକ୍‌ଡାଉନ୍ ଆରମ୍ଭ ହେବା ମାତ୍ରେ ଲକ୍ଷ ଲକ୍ଷ ଶ୍ରମିକ ନିଜ ଗାଁ ଆଡ଼କୁ ମୁହାଁଇଲେ। ସେମାନେ ନିଜ ପାଇଁ ଦିନକୁ ଦୁଇଓଳି ଖାଇବାର ବ୍ୟବସ୍ଥା ମଧ୍ୟ କରି ପାରିଲେ ନାହିଁ। ଉଲ୍ଲେଖନୀୟ ଯେ ଭାରତ ଦକ୍ଷିଣ ଏସିଆ ଦେଶଗୁଡ଼ିକ ମଧ୍ୟରେ ଅନୌପଚାରିକ ନିଯୁକ୍ତି କ୍ଷେତ୍ରରେ ଶୀର୍ଷରେ, ଯାହାର ଅର୍ଥ ହେଉଛି, ଦେଶର କୋଟି କୋଟି ଶ୍ରମିକ କମ୍ ମଜୁରୀରେ କଠିନ ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯେଉଁଠାରେ ସେମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ମିଳେନାହିଁ। ନିଯୁକ୍ତିଦାତା ସେମାନଙ୍କୁ ଯେତେବେଳେ ଚାହିଁବେ, ରଖି ପାରିବେ କିମ୍ବା ବାହାର କରି ପାରିବେ। କାରଣ ସେମାନଙ୍କର ଟ୍ରେଡ୍ ୟୁନିଅନରେ କୌଣସି ପ୍ରତିନିଧିତ୍ୱ ନାହିଁ। ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍ଓ) ଅନୁଯାୟୀ, ଭାରତରେ ୫୩.୫ କୋଟି ଶ୍ରମିକଙ୍କ ମଧ୍ୟରୁ ୩୯.୮ କୋଟି ଦୟନୀୟ ଅବସ୍ଥାରେ କାମ କରନ୍ତି, ଯାହାଙ୍କର ଦୈନିକ ଆୟ ୨୦୦ ଟଙ୍କାରୁ କମ୍। ବର୍ତ୍ତମାନ ସରକାରଙ୍କ ସମ୍ମୁଖରେ ଦୁଇଟି ବଡ଼ ଚ୍ୟାଲେଞ୍ଜ। ପ୍ରଥମ, ଗତ ୭ ବର୍ଷ ଧରି ବେକାରୀର ପ୍ରତିଶତ ନିରନ୍ତର ବୃଦ୍ଧି ପାଉଥିବାରୁ ସହରଗୁଡ଼ିକରେ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା। ଦ୍ୱିତୀୟତଃ, ସହରାଞ୍ଚଳ ଶ୍ରମିକଙ୍କ ଆୟ କିପରି ବୃଦ୍ଧି କରାଯିବ, ଯାହାଦ୍ୱାରା ସେମାନଙ୍କୁ ଅମାନବୀୟ ପରିସ୍ଥିତିରୁ ବାହାର କରାଯାଇ ପାରିବ। ଏଥିପାଇଁ ଅନେକ କାମ କରିବାକୁ ହେବ।



ସହରାଞ୍ଚଳ ନିଯୁକ୍ତି ବୃଦ୍ଧି ପାଇଁ ସ୍ଥାନୀୟ ସରକାରଙ୍କ ସହିତ ସମନ୍ୱୟରେ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏହାର ଲାଭ ସ୍ୱରୂପ ସହରୀକରଣ ଯୋଗୁଁ ଅବ୍ୟବସ୍ଥିତ ବିକାଶ ଏବଂ ବସ୍ତି ସୃଷ୍ଟିକୁ ବନ୍ଦ କରାଯାଇ ପାରିବ। ଏଥିପାଇଁ ସ୍ଥାନୀୟ ସରକାରଙ୍କୁ ଅଧିକ ସମ୍ବଳ ଦେବାକୁ ପଡ଼ିବ। ସ୍ଥାନୀୟ ସ୍ତରରେ ନିଯୁକ୍ତି ସୃଷ୍ଟି କରୁଥିବା ବିକାଶମୂଳକ ନୀତି କାର୍ଯ୍ୟକାରୀ କରିବାକୁ ହେବ। ସହରାଞ୍ଚଳ ଭିତ୍ତିଭୂମି ଉପରେ ଧ୍ୟାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସ୍ଥାନୀୟ ଅର୍ଥନୀତିରେ ମଧ୍ୟ ଉନ୍ନତି ହେବ। ଦେଖାଯାଇଛି ଯେ ବିକାଶ ପାଇଁ ଆବଣ୍ଟିତ ଟଙ୍କାର ଲାଭ କେବେ ବି ଶ୍ରମିକଙ୍କ ପାଖରେ ପହଞ୍ଚି ନପାରି ଉପର ସ୍ତରରେ ଥିବା ଲୋକଙ୍କ ପାଖରେ ଫସି ରହିଥାଏ। ତେଣୁ ପୌରପାଳିକାରେ ବିକାଶ ନାମରେ ଭାରି ମେସିନ କିଣାଯିବା ପରିବର୍ତ୍ତେ ମାନବ ଶ୍ରମ ଆଧାରିତ ସହରୀକରଣକୁ ପ୍ରୋତ୍ସାହିତ କରାଗଲେ ସହରଗୁଡ଼ିକରେ ନିଯୁକ୍ତି ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ଏବଂ ପରିମଳ ଭଳି କ୍ଷେତ୍ରରେ ଦ୍ରୁତ ବିକାଶ ଦ୍ୱାରା ସହରାଞ୍ଚଳ ନିଯୁକ୍ତି ଯୋଜନା ବୃଦ୍ଧି କରାଯାଇ ପାରିବ, କାରଣ ଆମର ଗ୍ରାମୀଣ ଅର୍ଥନୀତି ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରିବା ଅବସ୍ଥାରେ ନାହିଁ। ବର୍ତ୍ତମାନ ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ଧନ୍ଦାମୂଳକ ଏପରି ଏକ ଯୋଜନା ଆଣିବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ନିଯୁକ୍ତି ପାଇ ପାରିବେ। ଏହା ପରେ ବି କୋଟି କୋଟି ବେକାରଙ୍କ ମଧ୍ୟରୁ ଏକ ଛୋଟ ଅଂଶ ରୋଜଗାର ପାଇବେ। ଚିନ୍ତାଜନକ କଥା ହେଉଛି, ବର୍ତ୍ତମାନ ଅଧିକାଂଶ ଯୁବକ ବଡ଼ ଡିଗ୍ରୀ ପାଇବା ସତ୍ତ୍ୱେ ବେକାର ଅଛନ୍ତି। ସେମାନଙ୍କ କ୍ରୋଧ ବୃଦ୍ଧି ପାଇଛି। ଚାକିରି ପରିବର୍ତ୍ତେ ସରକାରୀ କଳ ଦ୍ୱାରା ଲାଠିଚାର୍ଜ ନିଆଁରେ ଘିଅ ଢାଳୁଛି। କିଛି ବର୍ଷ ତଳେ (୧୭ ସେପ୍ଟେମ୍ବର, ୨୦୨୨) ବେକାର ଯୁବକ ଯୁବତୀମାନେ ସୋସିଆଲ ମିଡିଆରେ ଏକ ବିଶାଳ ଅଭିଯାନ ଚଳାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ 'ବେକାରୀ ଦିବସ' ବୋଲି ଦର୍ଶାଇ ଥିଲେ। ସେତେବେଳେ ବିପକ୍ଷ କହିଥିଲେ ଯେ ଏହା ଏକ ବିପଦପୂର୍ଣ୍ଣ ଆରମ୍ଭ, ଯାହାକୁ କେବଳ ପ୍ରତିଶ୍ରୁତି ନୁହେଁ, ବରଂ ବହୁ ସଂଖ୍ୟକ ଶିକ୍ଷିତ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ପ୍ରଦାନ କରି ବନ୍ଦ କରିହେବ। ଏହା ମଧ୍ୟ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ନିର୍ବାଚନ ପ୍ରଚାରରେ ବେକାରୀ ଦୂର କରିବାର ସ୍ୱପ୍ନ ଦେଖାଉ ଥିବା ରାଜନୈତିକ ଦଳଗୁଡ଼ିକ କ୍ଷମତାକୁ ଆସିବା ପରେ ନିଜର ପ୍ରତିଶ୍ରୁତି ପୂରଣ କରନ୍ତି ନାହିଁ। ତେଣୁ ସମସ୍ତ ରାଜନୈତିକ ଦଳକୁ ଏକାଠି ବସି ଏହି ସମସ୍ୟାର ସମାଧାନ ପାଇଁ ଏକ ନୂତନ ଅର୍ଥନୈତିକ ନୀତି ଉପରେ ସହମତ ହେବାକୁ ପଡ଼ିବ, ଯାହା ମାଧ୍ୟମରେ ଦେଶର ସମ୍ପତ୍ତି ଅଳ୍ପ କେତେକଙ୍କ ହାତରେ ସୀମିତ ନ ରହି ନ୍ୟାୟପୂର୍ଣ୍ଣ ଭାବରେ ବଣ୍ଟନ କରାଯାଇ ପାରିବ।●

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

NITIDIN
ନିତିଦିନ
ବୁଧବାର, ୩୦ ଜୁଲାଇ, ୨୦୨୫

# ଚୋଳ ପରମ୍ପରା- ଇତିହାସ, ରାଜନୀତି

ଟିକିମିକିଆ ସିଲ୍‌କ ପୋଷାକ ପିନ୍ଧି ପବିତ୍ର ପାଣି ମାଠିଆଟିଏ ଛାତି ପାଖରେ ଦୁଇ ହାତରେ ଧରି ଗଙ୍ଗାଇକୋଣ୍ଡା ଚୋଳପୁରମ୍‌ର ସୁଶୋଭିତ ଉଚ୍ଚ ସ୍ତମ୍ଭ ପରିବେଷ୍ଟିତ ଇତିହାସ ପ୍ରସିଦ୍ଧ ବୃହଦୀଶ୍ୱରଙ୍କ ମନ୍ଦିର ପରିସର ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜଳାର୍ପଣ ନିମନ୍ତେ ଗମନ ସହିତ ଶବ୍ଦଚିତ୍ରର ସମାହାର ଅବଶ୍ୟ ଏକ ଉପଯୁକ୍ତ ଦୃଶ୍ୟ-ଶ୍ରାବ୍ୟ କାର୍ଯ୍ୟକ୍ରମ ଥିଲା। ଏହା ପାରମ୍ପରିକ ପୋଷାକରେ ଆବୃତ୍ତ ଠାକୁରଙ୍କ ଆଶୀର୍ବାଦକାମୀ ଜଣେ ଭକ୍ତଙ୍କର ଏକ ପ୍ରକୃଷ୍ଟ ଚିତ୍ର ଉପସ୍ଥାପନ କରୁଥିଲା। ତେବେ ଦୀର୍ଘ ବର୍ଷ ଧରି ମୋଦୀ ତାମିଲନାଡୁରେ ଯାହା ଘଟିବା ପାଇଁ କାମନା କରି ଆସୁଛନ୍ତି: ଏକ ରାଜନୀତିକ ସ୍ୱୀକୃତି, ଯାହା ତାଙ୍କ ଦଳ ବିଜେପି, ରାଜ୍ୟ ବିଧାନସଭାର ପରବର୍ତ୍ତୀ ନିର୍ବାଚନରେ ମେଣ୍ଟ କରି ପଛେ ହେଉ- ତାକୁ ଏହି ଚିତ୍ର ଜରିଆରେ ପ୍ରଦର୍ଶିତ ଭାବମୂର୍ତ୍ତି କେତେଦୂର ହାସଲ କରିବାରେ ସକ୍ଷମ ହେବ, ସେକଥା କେବଳ ସମୟ ହିଁ କହି ପାରିବ। ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ମାଳଦ୍ୱୀପରୁ ନିଜର ଗସ୍ତ କାର୍ଯ୍ୟକ୍ରମ ସାରି ବିମାନରେ ସିଧା ତାମିଲନାଡୁ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁର ଗଙ୍ଗାଇକୋଣ୍ଡାସ୍ଥିତ ଚୋଳପୁରମ୍‌ଠାରେ ଅନୁଷ୍ଠିତ ବାର୍ଷିକ ଆଦି ଥିରୁଭଥିରାଇ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦାନ କରି ପ୍ରାଚୀନ ରାଜା ରାଜେନ୍ଦ୍ର ଚୋଳଙ୍କ ପ୍ରତି ତାଙ୍କର ଶ୍ରଦ୍ଧାର୍ଘ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବ ଏକ ହଜାର ବର୍ଷ ପୂର୍ବେ ତାମିଲନାଡୁ ସହର ସହିତ ଉପରୋକ୍ତ ମନ୍ଦିର ଏବଂ ଏକ ବିଶାଳକାୟ ହ୍ରଦର ନିର୍ମାତା ତଥା ରାଜରାଜ ଚୋଳଙ୍କ ପିତା ରାଜେନ୍ଦ୍ର ଚୋଳଙ୍କ ଜନ୍ମବାର୍ଷିକୀକୁ ପାଳନ କରିବା ନିମନ୍ତେ ପ୍ରତି ବର୍ଷ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ତାମିଲନାଡୁବାସୀ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ପ୍ରାଚୀନ ସମ୍ରାଟଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିବାକୁ ଯାଇ କହିଥିଲେ ଯେ ସାମ୍ରାଜ୍ୟବାଦୀ ଚୋଳମାନଙ୍କ ଅଧୀନରେ ଭାରତ ଯେପରି ବ୍ୟବସାୟ ବାଣିଜ୍ୟ କାରବାରକୁ ସମ୍ପ୍ରସାରିତ କରି ତଥା ଭାରତର ସାର୍ବଭୌମତ୍ୱକୁ ସୁରକ୍ଷା ପ୍ରଦାନ କରି ସମୃଦ୍ଧି ଲାଭ କରିଥିଲା, ଠିକ୍ ସେହିପରି ସମସାମୟିକ ଭାରତ ନିଜର ଉଦ୍ୟମ ବଳରେ ସମୃଦ୍ଧି ହାସଲ କରିବ। ଏହି ଉତ୍ସବ ମଧ୍ୟ ରାଜେନ୍ଦ୍ର ଚୋଳଙ୍କ ଦକ୍ଷିଣ ଏସୀୟ ଅଞ୍ଚଳକୁ ସାମୁଦ୍ରିକ ଅଭିଯାନ ତଥା ଉପରୋକ୍ତ ବିଶାଳକାୟ ମନ୍ଦିର, ଯାହା ବର୍ତ୍ତମାନ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବରେ ଚିହ୍ନିତ, ତା'ର ନିର୍ମାଣର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ କରାଯାଇଥିଲା। ଚୋଳ ରାଜ ବଂଶର ଗୌରବାବହ ଅତୀତ ଅବଶ୍ୟ ଅବିସ୍ମରଣୀୟ, କାରଣ ଜଳ ପରିଚାଳନା, ଟିକସ ଏବଂ ଭୂ-ରାଜସ୍ୱ ଆଦାୟ ବ୍ୟବସ୍ଥା ତଥା ଗଣତାନ୍ତ୍ରିକ ଶାସନ ପଦ୍ଧତି ଭଳି କେତେକ ବିଧି ବ୍ୟବସ୍ଥା ଆଧୁନିକ ସମୟରେ ମଧ୍ୟ ଅନୁକରଣୀୟ ଯାହା ଆଧୁନିକ ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବାରେ ମାର୍ଗଦର୍ଶକ ସାଜିବାର ସାମର୍ଥ୍ୟ ରଖେ, ଯେଉଁସବୁର ଭୁରି ଭୁରି ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ।

ତେବେ ତାମିଲ ରାଜାଙ୍କର ଏଭଳି ଭୂୟସୀ ପ୍ରଶଂସା ତାମିଲନାଡୁବାସୀଙ୍କ ମନରେ କିଛି ଭିନ୍ନ ଭାବାବେଗ ସୃଷ୍ଟି କରିବାରେ ସକ୍ଷମ ହେବ କି ଯାହା ଆଧୁନିକ ସମୟ ପରିପ୍ରେକ୍ଷୀରେ ବିଜେପି ସପକ୍ଷ ଭୋଟ୍‌ରେ ପରିବର୍ତ୍ତିତ ହୋଇ ପାରିବ, ବିଶେଷକରି ଯେତେବେଳେ କି ସମ୍ପୃକ୍ତ ରାଜ୍ୟର ବର୍ତ୍ତମାନର ଶାସକ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଅନେକ ସଂଖ୍ୟକ ଶାଣିତ ବାଣ ମାରିବାକୁ ଯାଇ କହିଛନ୍ତି ଯେ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀ ଅନେକଗୁଡ଼ିଏ ଦାବି ରଖିବା ସହିତ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ଅଧୀନରେ ତାମିଲନାଡୁ ପାଇଁ ବରାଦ ହୋଇଥିବା ଅର୍ଥକୁ ରାଜ୍ୟକୁ ପ୍ରଦାନ କରୁ ନାହାନ୍ତି ! ଯଦି ବି ଏହି କଥାକୁ ଜଣେ ଅସନ୍ତୁଷ୍ଟ ବିଜେପି ବିରୋଧୀ ନେତାଙ୍କ କଥା ଭାବରେ ଧରି ନିଆଯାଏ ଏବଂ ଏହା କେବଳ ଲୋକଙ୍କୁ ଭୁଲ୍ ବାଟରେ ପରିଚାଳନା କରିବାର କୌଶଳ ବିବେଚନା କରାଯାଏ, ତା'ହେଲେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି, ଯାହା ହେଉଛି ରାଜ୍ୟରେ ବିଜେପି ସହିତ ମେଣ୍ଟ କରିବାକୁ ଆଗ୍ରହୀ ଥିବା ଏକ ଦଳ ସହିତ ବୁଝାମଣା କରିବା ନିମନ୍ତେ ମୋଦୀ କିଛି କରୁ ନାହାନ୍ତି, ଯିଏକି ଏକ ଉତ୍ତର ଦାବି କରୁଛି। ଏଆଇଏଡିଏମ୍‌କେର ପ୍ରମୁଖ ନେତା ଏଡାପାଡି ପାଲାନିସ୍ୱାମୀ ଏକ ସ୍ପଷ୍ଟ ଉତ୍ତର ଆବଶ୍ୟକ କରୁଛନ୍ତି, ବିଶେଷକରି ବିଜେପି ସହିତ ତାଙ୍କ ଦଳର ରହିଥିବା ମେଣ୍ଟର ସ୍ୱଭାବକୁ ନେଇ ଉଠିଥିବା ପ୍ରଶ୍ନର ଯାହା ଆଉ ମାତ୍ର ବର୍ଷେ ପାଖାପାଖି ବାକି ରହିଥିବା ବିଧାନସଭା ନିର୍ବାଚନ ପୂର୍ବରୁ ସେ ଆରମ୍ଭ କରିଥିବା ରାଜ୍ୟବ୍ୟାପି ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ଯଥେଷ୍ଟ ଅନିବାର୍ଯ୍ୟତାକୁ ବହନ କରେ। ଶତ୍ରୁମାନଙ୍କର ଥଟ୍ଟା ପରିହାସ ଭିତରେ, ଯେଉଁମାନେ କି ଆଶଙ୍କା କରନ୍ତି ଯେ ବିଧାନସଭା ନିର୍ବାଚନରେ ଏହି ଜାତୀୟ ସ୍ତରୀୟ ଦଳ ଯଦି କିଛି ଆସନ ଲାଭ କରିଯାଏ, ତା'ହେଲେ ତା' ପରେ ବଳଶାଳୀ ବଡ଼ ଦଳ ଭାବରେ ଏହା ଏଆଇଏଡିଏମ୍‌କେର ବିଲୟ ପାଇଁ ଉଦ୍ୟମ କରିବ, ଯାହାର ଏକ ସ୍ପଷ୍ଟୀକରଣ ଆବଶ୍ୟକ କରନ୍ତି ପାଲାନିସ୍ୱାମୀ।

ଯେହେତୁ ପାଲାନିସ୍ୱାମୀ ଦାବି କରୁଛନ୍ତି ଯେ ଏଆଇଏଡିଏମ୍‌କେ ହିଁ ରାଜ୍ୟରେ ମେଣ୍ଟର ନେତୃତ୍ୱ ନେବ, ଯେଉଁଥିରେ ବିଜେପି ଏକ ଅଂଶ ରହିବ ଏବଂ ମେଣ୍ଟର ବିଜୟ ହେଲେ ସେ ହିଁ ମୁଖ୍ୟମନ୍ତ୍ରୀ ହେବେ, ଯାହାକି ବିରୋଧୀ ପକ୍ଷରୁ ଅନ୍ୟ ଏକ ନକାରାତ୍ମକତାକୁ ଜାଗ୍ରତ କରାଉଛି, ସେତେବେଳେ ସେ ଅମିତ୍ ଶାହଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁଛନ୍ତି, ଯିଏକି ପ୍ରଥମେ ଏହି ମେଣ୍ଟର କଥା ଉଠାଇ ଥିଲେ ଏବଂ ଚେନ୍ନାଇ ଆସି ଏ ସମ୍ପର୍କରେ ଲୋକମାନଙ୍କ ସମ୍ମୁଖରେ ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିବେ ବୋଲି କହିଥିଲେ। ତେବେ ତାଙ୍କର ଏହି ବହୁ ପ୍ରତିକ୍ଷୀତ ଆଗମନକୁ ସାକାର କରାଇବାରେ ଶାହ ଅସମର୍ଥ ହୋଇଥିବା ବେଳେ ପାଲାନିସ୍ୱାମୀ ଅବଶ୍ୟ ଶ୍ରୀଯୁକ୍ତ ମୋଦୀ ତାଙ୍କର ଆଶଙ୍କାକୁ ଦୂର କରି ଏକ ସ୍ପଷ୍ଟ ଉତ୍ତର ପ୍ରଦାନ କରିବାର ଅପେକ୍ଷା ରଖନ୍ତି। କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ଯେ କେବଳ ପାଲାନିସ୍ୱାମୀଙ୍କ ସପକ୍ଷରେ ଗଲା ନାହିଁ, ତାହା ନୁହେଁ, ଏହା ମଧ୍ୟ ବିଜେପି ସପକ୍ଷରେ ଯାଇଛି ବୋଲି କ୍ୱଚିତ୍ କହିହେବ। ଜଣେ ପ୍ରଧାନମନ୍ତ୍ରୀଙ୍କର ଯେ ରାଜ୍ୟରେ ଏକ ସର୍ବପୁରାତନ ମନ୍ଦିରରେ ହଠାତ୍ ଭକ୍ତିଅର୍ଘ୍ୟ ନିବେଦନ କରିଦେବା ଯେ ଭୋଟରମାନଙ୍କ ମନକୁ ତାଙ୍କ ଆଡ଼କୁ ଢଳିବାରେ ବିଶେଷ ଭୂମିକା ନିର୍ବାହ କରିବ, ଏଭଳି ଭାବନାକୁ ଏକ ବୃଥା ଭାବନା କୁହାଯାଇପାରେ, ବିଶେଷକରି ସେହି ରାଜ୍ୟରେ ଯେଉଁଠି ଧାର୍ମିକ ଭାବନା ଏବଂ ତା' ସହିତ ମଧ୍ୟ ହେତୁବାଦ ବିନା କୌଣସି ବିବାଦରେ ଏକାଠି ଗତି କରିଥାନ୍ତି।●

# ତାଙ୍କ ସ୍ମରଣ ହିଁ ସମ୍ପଦ

ଟିକିଏ ଆନନ୍ଦ ସକାଶେ ଆମର ଧାଁ ଦୌଡ଼। ନାନାଦି ଯୋଜନା। କେବେ କୋଠା ବାଡ଼ିରେ ମାତୁ ତ କେବେ ଧନ ସମ୍ପତ୍ତିରେ। ଆଉ କେବେ ଗାଡ଼ିଘୋଡ଼ା, ପଦପ୍ରତିଷ୍ଠା ପଛରେ ପଡ଼ିଥାଉ। ସବୁ କିଛିର ଉଦ୍ଦେଶ୍ୟ ଆନନ୍ଦ ପାଇବା। ଟିକିଏ ସୁଖ-ଶାନ୍ତି ପାଇବା ପାଇଁ ମନ ବହୁତ ଭାର ବୁହେ। ବୁଝିବାକୁ ହେବ ସୁଖ ମିଳେ ଶରୀରକୁ। ଶାନ୍ତି ମିଳେ ମନକୁ। ଆଉ ଆନନ୍ଦ ଆତ୍ମିକ ସ୍ତରର କଥା। ସୁଖ-ଶାନ୍ତି ସକାଶେ ମନ ବହୁ ଭାର ବୁହେ। ଓଜନିଆ ହୋଇଯାଏ। ତା'ର ପ୍ରଭାବ ପଡ଼େ ଏ ଦେହ ଉପରେ। ମନ ଭାରାକ୍ରାନ୍ତ ଥିଲେ ମୁହଁ ଶୁଖିଯାଏ। ବିଷାଦ ଥିଲେ ଆଖି ଛଳଛଳ ହେଉଥାଏ। ପ୍ରତି ମୁହୂର୍ତ୍ତରେ ମନର ଚାପ ଶରୀରରେ ପ୍ରତିଫଳିତ ହୁଏ। ଜଳନ୍ତା ଚୁଲିରେ ବସିଥିବା ତାଓ୍ୱା ଗରମ ହେଲା ପରି ମନର ପ୍ରଭାବରେ ଶରୀର ପ୍ରଭାବିତ ହୁଏ। ଏମିତି ବି ହୁଏ, କିଛି ନଥାଇ ମଧ୍ୟ ଅଯଥା କଥା ମନ ଚିନ୍ତାକରେ। ଯୋଉ ମନ ଏତେଆଡୁ ଚିନ୍ତା କରୁଛି, ତାକୁ ଶିଖେଇ ଦିଆଯାଉ- ସେ ପରମାତ୍ମା, ଗୁରୁ ବା ନିଜର ଇଷ୍ଟଙ୍କୁ ସ୍ମରଣ କରୁ। ଭାର ଲାଘବ ହୋଇଯିବ। ଶରୀର ଉପରେ ସୁପ୍ରଭାବ ପଡ଼ିବ। ଅବଶ୍ୟ ଏକଥା ସତ୍ୟ ଯେ ଦୁଶ୍ଚିନ୍ତା ମନ ସିଂହାସନରେ ବସିଥିବା ବେଳେ ସେଠି ପରମାତ୍ମାଙ୍କୁ ଜାଗା ମିଳିବା କଷ୍ଟ। ତଥାପି ତାଙ୍କୁ ସ୍ମରଣ କରିବା ପାଇଁ ପୂର୍ବରୁ ଅଭ୍ୟାସ କରିବା ଉଚିତ୍।

ଏ ନେଇ ଉଦାହରଣଟିଏ। ଗୋଟିଏ ପରିବାରରେ ବିଶେଷ କାର୍ଯ୍ୟକ୍ରମ ପାଇଁ ବହୁତ ବନ୍ଧୁବାନ୍ଧବ ଯୋଗ ଦେଇଥିଲେ। ମାଆଙ୍କ ସାଥୀରେ ସେମାନଙ୍କ ପିଲା ବି ଥିଲେ। ପିଲାମାନେ ପରସ୍ପର ଭିତରେ ଖେଳ କୁଦରେ ମାତି ଯାଇଥିଲେ। ଖେଳ ଭିତରେ ପରସ୍ପର ମାଡ଼ ଗୋଳ ଆରମ୍ଭ କରିଦେଲେ। ଖଣ୍ଡିଆ ଖାବରା ହୋଇ କାନ୍ଦକଟା କଲେ। କାନ୍ଦକଟା ଶୁଣି ମାଆ ବାପା ଧାଇଁ ଆସିଲେ। ନିଜର ପିଲାଙ୍କୁ କୋଳେଇ ନେଲେ। ଲୁହ ପୋଛିଦେଲେ। ଦରକାରୀ ଔଷଧ ବି ଲଗେଇ ଦେଲେ। ସେମିତି ଆମ ମନ ସଂସାର ଅଗଣାରେ ଖେଳିଲା ବେଳେ କିଏ ନା କିଏ ଦୁଷ୍ଟ ପ୍ରବୃତ୍ତି ତାକୁ ମାରଧର କରେ। ମନକୁ ଭାରାକ୍ରାନ୍ତ କରିଦିଏ। ଏ ସ୍ଥିତିରେ ବୁଝିବାକୁ ହେବ ପରମାତ୍ମାଙ୍କୁ ସ୍ମରଣ କରିବାରେ ଅଭାବ ହୋଇଛି। ମାଆ ବାପା ପାଖରେ ଥିଲେ ପିଲାଙ୍କୁ ଆକଟ କରନ୍ତି। ପିଲା ଗଣ୍ଡଗୋଳ କରି ପାରନ୍ତିନି।

ପଦାରବିନ୍ଦ

ସେମିତି ମନ ଅଗଣାକୁ କେତେ ସମସ୍ୟା ଅଯାଚିତ ଭାବରେ ଧସେଇ ପଶନ୍ତି। ମନକୁ ଓଜନିଆ କରି ଦିଅନ୍ତି। ମନ ରକ୍ଷା ପାଇବାକୁ ବିକଳ ହୁଏ। ଏତିକି ବେଳେ ପରମାତ୍ମାଙ୍କୁ ଚିନ୍ତନ କରିବା ଦରକାର। ବାପା ମାଆ ଅନ୍ୟ ପିଲାଙ୍କୁ ଆଡ଼େଇ ଆଗ ନିଜ ପିଲାଙ୍କୁ ତୋଳି ନେଲା ଭଳି ପରମାତ୍ମା ଆସିଗଲେ ସମସ୍ୟା ଘୁଞ୍ଚି ଯାଆନ୍ତି। ମନର ସବୁ ଗୋଳମାଳ ଥମିଯାଏ। ସଂସାରରେ ତ ସମସ୍ତଙ୍କ ପାଇଁ ସମସ୍ୟା ଅଛି। କିନ୍ତୁ ଯିଏ ତାଙ୍କୁ ଯେତିକି ସ୍ମରଣ କରେ, ସମସ୍ୟା ସେତିକି ହାଲ୍‌କା ହୁଏ। ସମସ୍ୟା ହାଲ୍‌କା ହେଲେ ସୁଖ ଶାନ୍ତି ଆସି ଯାଆନ୍ତି। ସ୍ମରଣ ଯେତିକି କମ୍, ସମସ୍ୟା ସେତିକି ଭାରି। ତେଣୁ କୁହାଯାଇଛି, ତାଙ୍କୁ ବିସ୍ମରଣରେ ବିପଦ ଓ ସ୍ମରଣରେ ସମ୍ପଦ ଅଛି।●

# ଖୋର୍ଦ୍ଧାରେ ଜିଲ୍ଲା ଓ ପୁଲିସ ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି




**ଖୋର୍ଦ୍ଧା,୨୯।୭/ଏନ୍‌ଏନ୍‌ଏସ୍‌:** ଜିଲ୍ଲାର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ, ଗୋଡ଼ିପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଭାରପ୍ରାପ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ତହସିଲଦାର ବିଭାଷ ପାଣିଗ୍ରାହୀ, ବିଡିଓ କ୍ଷିରାବ୍ଧି ତନୟା ସାହୁ ମଞ୍ଚାସିନ ଥିଲେ। ଅଭିଯୋଗ ଶିବିରକୁ ମୋଟ ୨୪୮ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୨୩୬ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୨ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା। ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ୪ ଗୋଟି ଅଭିଯୋଗର ଅଭିଯୋଗ ସ୍ଥଳରେ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗୋଡିପଡା ଗ୍ରାମପଞ୍ଚାୟତର ଗୁରୁତର ଅସୁସ୍ଥ ଥିବା ଅନ୍ତୁ ମାଝୀଙ୍କ ସ୍ୱାମୀ ମହେନ୍ଦ୍ର ମାଝୀଙ୍କ ଚିକିତ୍ସା ନିମନ୍ତେ ଅନ୍ତୁ ମାଝୀଙ୍କ ଦରଖାସ୍ତକୁ ବିଚାର କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ପରେ ଜିଲ୍ଲାପାଳ ଓ ପ୍ରାଶାସନିକ ଅଧିକାରୀ ବୃନ୍ଦ ସରକାରଙ୍କର ବିଭିନ୍ନ ଅଗ୍ରଣୀ ଜନକଲ୍ୟାଣ ଯୋଜନାର ଷ୍ଟଲ ବୁଲି ଦେଖିଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ରଶ୍ମିତା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ , ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରି ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ , ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ଯୋଗଦେଇଥିଲେ।

# ରଘୁନାଥ ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା



**ଓଡ଼ଗାଁ,୨୯।୭/ଏନ୍‌ଏନ୍‌ଏସ୍‌:** ଓଡ଼ଗାଁ ଏନ୍‌ଏସିସ୍ଥିତ ରଘୁନାଥ ବିଦ୍ୟାପୀଠରେ ମଙ୍ଗଳବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ଏଥିରେ ମୋଟ ୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପ ଗୁଡ଼ିକୁ ବିଦ୍ୟାପୀଠର ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ,ବିଭୁରଞ୍ଜନ ଦାସ ଓ ଶଶିଶେଖର ଜେନା ମୂଲ୍ୟାୟନ କରିଥିବାବେଳେ ସେଥିମଧ୍ୟରୁ ୫ଟି ପ୍ରକଳ୍ପ ଇନସ୍ପାୟାର ପାଇଁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ବିଜ୍ଞାନ ଶିକ୍ଷୟତ୍ରୀ କାଦମ୍ବିନୀ ମହାନ୍ତି ପରିଚାଳନା କରିଥିବାବେଳେ ବିଦ୍ୟାପୀଠର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କଲ୍ୟାଣମଣ୍ଡପରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନାକୁ ନେଇ ଚର୍ଚ୍ଚା

**ନୟାହାଟ,୨୯।୭/ଏନ୍‌ଏନ୍‌ଏସ୍‌:** ନୟାହାଟ ହାଇସ୍କୁଲର ଜଣେ ଶିକ୍ଷକଙ୍କ ଚାକିରିକାଳ ସରିବାର ୩ମାସ ପରେ ନୟାହାଟ ହାଇସ୍କୁଲ ପରିସରରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆନଯାଇ ଗତ ଶୁକ୍ରବାର ଶିକ୍ଷକଙ୍କ ଘରପାଖ ହାଡ଼ିବନ୍ଧୁ କଲ୍ୟାଣମଣ୍ଡପରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନକୁ ନେଇ ନୟାହାଟ ଅଞ୍ଚଳରେ ଯୁବଗୋଷ୍ଠୀ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ପୂର୍ବରୁ ଯେତେ ଶିକ୍ଷକ ଅବସର ନେଇଛନ୍ତି ସମସ୍ତଙ୍କୁ ହାଇସ୍କୁଲ ମଧ୍ୟରେ ସମ୍ବର୍ଦ୍ଧନା ଦିଆଯାଇଛି। ହାଇସ୍କୁଲ ପରିସରରେ ସଭା ଆୟୋଜନ ନିମନ୍ତେ ଯଥେଷ୍ଟ ସ୍ଥାନ ରହିଥିଲେ ମଧ୍ୟ ଏକ ବିବାହ, ବ୍ରତ ଆୟୋଜନ କରାଯାଉଥିବା କଲ୍ୟାଣମଣ୍ଡପରେ ସଂପୃକ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନାକୁ ନେଇ କେତେକ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ନୟାହାଟ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷକ ଓ ଛାତ୍ରଛାତ୍ରୀ କେହି ଏଥିରେ ଯୋଗଦେଇନଥିବା ଜଣାଯାଏ। ପ୍ରକାଶଥାଉ କି ସଂପୃକ୍ତ ଶିକ୍ଷକଙ୍କ କାର୍ଯ୍ୟରେ ନୟାହାଟ ଅଞ୍ଚଳରେ ଶତକଡ଼ା ୯୦ଭାଗ ଲୋକ ଅସନ୍ତୁଷ୍ଟ ଥିବାବେଳେ ଶିକ୍ଷକଜଣକ ମୋବାଇଲ୍‌ରେ ଏକ ଗ୍ରୁପ୍ ଖୋଲି ପୁରାତନ ଛାତ୍ରମାନଙ୍କଠାରୁ ୫ରୁ ୨୫ହଜାର ପର୍ଯ୍ୟନ୍ତ ଟଙ୍କା ନେଇଥିବା ଚର୍ଚ୍ଚା ହେଉଥିବାବେଳେ ୨ରୁ ୩ଲକ୍ଷ ଟଙ୍କା ଆଦାୟ କରିବା ନେଇ ଅଭିଯୋଗ ହେଉଛି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିବ ବୋଲି ମତପ୍ରକାଶ ପାଇଛି।

# ନୟାହାଟ ଫାଣ୍ଡିରେ ନାହିଁ ଗାଡ଼ି, ପାଟ୍ରୋଲିଂ ଠପ୍

**ନୟାହାଟ,୨୯।୭/ଏନ୍‌ଏନ୍‌ଏସ୍‌:** ନୟାହାଟ ଫାଣ୍ଡି ଗୋପ ଥାନା ଅଧୀନରେ ଥିବା ବେଳେ ୬ଟି ପଞ୍ଚାୟତର ୭୫ଟି ଗ୍ରାମର ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଆଇନ ଶୃଙ୍ଖଳା ପାଇଁ ନୟାହାଟ ଫାଣ୍ଡି ଉପରେ ନିର୍ଭର କରୁଥିବା ବେଳେ ଏଠାରେ ପିସିଆର ବାଇକ୍ ଓ ପୁଲିସ ଭ୍ୟାନ୍ ନାହିଁ। ଯାହାଫଳରେ ରାତ୍ରୀକାଳୀନ ପାଟ୍ରୋଲିଂ ସେବା ସଂପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଏଠାରେ ଏକ ପିସିଆର୍ ବାଇକ୍ ଥିଲା ତାହା ଖରାପ ହୋଇଯିବା ଫଳରେ ତାକୁ ୩ମାସ ତଳେ ଜିଲ୍ଲା ପ୍ରଶାସନ ନେଇଯାଇ ଏକ ନୂତନ ବାଇକ୍ ଦେବ ବୋଲି କହି ଆଉ ଦେଇ ନାହାନ୍ତି। ଯାହାଫଳରେ ନୟାହାଟ ଅଞ୍ଚଳରେ ଚୋରି ଓ ଅପରାଧ ଘଟଣାରେ ପୋଲିସ ଘଟଣା ସ୍ଥଳକୁ ଅଟୋ ଭଡ଼ାକରି ଯାଉଛି। ଫାଣ୍ଡିକୁ ଗାଡ଼ି ଯୋଗାଇଦେବାକୁ ବାରମ୍ବାର ନୟାହାଟ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ଅଦ୍ୟାବିଧି ଗାଡ଼ି ଯୋଗାଇ ଦିଆନଯାଇଥିବାରୁ ଆଇନ୍‌ଶୃଙ୍ଖଳା ଉପରେ ପ୍ରଭାବ ପଡୁଛି। ରାତିରେ ଘଟୁଥିବା ଘଟଣା ସ୍ଥଳେ ପହଞ୍ଚିବାକୁ ବହୁ ବିଳମ୍ବ ଘଟୁଛି। ନୟାହାଟର ଜନସାଧାରଣ ଫାଣ୍ଡିକୁ ନ୍ୟାୟ ପାଇଁ ଆସୁଥିବା ବେଳେ ଘଟଣାସ୍ଥଳକୁ ଯିବା ପାଇଁ ପୁଲିସ ହାତରୁ ତେଲ ପକାଇ ଯିବାକୁ କୁଣ୍ଠାବୋଧ କରୁଛି। ଏ ଦିଗରେ ପୁରୀ ଏସ୍‌ପି ପିନାକ ମିଶ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ 'ବାଲ୍ ସଂସ୍କାର'

**ସାକ୍ଷୀଗୋପାଳ,୨୯।୭/ଏନ୍‌ଏନ୍‌ଏସ୍‌:** ସୋମବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ବାଲ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି। ପ୍ରଥମେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହିତ ଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଏବଂ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସାମୁହିକ ବନ୍ଦେମତରମ୍ ଗାନ କରାଯାଇ ଥିଲା। ଏହି କାର୍ଯକ୍ରମ କୁ ଉଦଘାଟନ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅମିତା ସେନାପତି ଓ ସଭାରେ ସଭାପତିତ୍ୱ କରିଥିଲେ ସମ୍ପର୍କ ସଚିବ ନବଘନ ଶତପଥୀ। ସମାଜରେ ତଥା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସୁସଂସ୍କର ଆଣିବା ପାଇଁ ଏହା ଏକ ପ୍ରୟାସ। ପୁରାତନ ସଭ୍ୟତାର ଦେଶ ଆମ୍ଭର ଏହି ଭାରତ ବର୍ଷର ମହାନ୍ ସଂସ୍କୃତି, ପରମ୍ପରା ଓ ବିଚାରଧାରା କୁ ବଞ୍ଚାଇ ରଖିବା ଏହାର ଉଦେଶ୍ୟ।ତେଣୁ ପିଲାମାନଙ୍କ ସହିତ ଶୈକ୍ଷିକ ବାତାବରଣ ମାଧ୍ୟମରେ ଏହା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମ ମାଧ୍ୟମରେ ବେଦ, ଉପନିଷଦ,ଗୀତା, ଭାଗବତ,ରାମାୟଣ, ମହାଭାରତ, ଦିନଚର୍ଯ୍ୟା, ଯୋଗ, ପ୍ରାଣା ୟମ,ଗୁରୁଭକ୍ତି ଆଦି ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ।ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଭାରତ ବିକାଶ ପରିଷଦ ର ରାଜ୍ୟ ସଭାପତି ସତ୍ୟବାଦୀ ଦାସ, ବିଦ୍ୟାଳୟ କମିଟି ସଭାପତି ଚକ୍ରଧର ମହାରଣା,ସଂସ୍କୃତ ବିଦ୍ୱାନ ମନମୋହନ ଦଳାଇ, ସେବା ସଚିବ ଦେବରାଜ ନାୟକ, ମହିଳା ସଚିବ ରିତା ତ୍ରିପାଠୀ, ବିଶାଖା ଦେବୀ, ଅନ୍ନଦା ସୁଆର, ସବିତା ବିଶ୍ୱାଳ, କୁଇଜ୍ ମାଷ୍ଟର ଦିଗନ୍ତ ପତି ବୃକ୍ଷ ପ୍ରେମୀ ସଂଗ୍ରାମ ମହାପାତ୍ର ଏଥିରେ ଭାଗ ନେଇଥିଲେ। ସହଯୋଗ କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ବୈଜୟନ୍ତୀ ମିଶ୍ର, ନିହରିକା ସେନାପତି,ସୁଚିତ୍ରା ଖଟାଇ ଓ ବସନ୍ତ କୁମାର ସ୍ୱାଇଁ। ଏ ସମସ୍ତ କାର୍ଯ୍ୟ କ୍ରମକୁ ସଂଯୋଜନା କରିଥିଲେ ପରିଷଦର ସଚିବ ବିଜୟ କୁମାର ପରିଡ଼ା। କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କୁ ଗୀତା ବହି ଓ କଲମ ବଣ୍ଟନ କରାଯାଇଥିଲା। ଶେଷରେ ରାଷ୍ଟ୍ରୀୟ ଗାନ କରାଯିବା ସହିତ ବିଦ୍ୟାଳୟ ପରିସରରେ ପନ୍ଦର ଗୋଟି ଫୁଲ ଚାରା ରୋପଣ କରାଯାଇ ପର୍ଯ୍ୟାବରନ୍ ସୁରକ୍ଷାର ବାର୍ତ୍ତା ପ୍ରଦାନ କରାଯାଇଥିଲା।

# ଶ୍ରୀମନ୍ଦିର ଭିତର ଚକଡ଼ା ଚିତ୍ର ସୋସିଆଲ୍ ମିଡିଆରେ ପ୍ରକାଶନ ଘଟଣାରେ ଏଏସ୍‌ଆଇକୁ ପତ୍ର

**ପୁରୀ,୨୯।୭/ଏନ୍‌ଏନ୍‌ଏସ୍‌:** ଶ୍ରୀମନ୍ଦିର ଭିତର ଚକଡା ଚିତ୍ର ସୋସିଆଲ୍ ମିଡିଆରେ ପ୍ରକାଶନ ଘଟଣାରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ ଅରବିନ୍ଦ ପାଢ଼ୀ। ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ରତା ତଥା ଆଧ୍ୟାତ୍ମିକତା ବଜାୟ ରଖିବା ପ୍ରତ୍ୟେକ ଭକ୍ତ ଏବଂ ଶ୍ରୀମନ୍ଦିର ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶ୍ରୀମନ୍ଦିର ସମ୍ପର୍କିତ ଚିତ୍ର ପ୍ରକାଶନ ସମୟରେ ଅଧିକ ସତର୍କ ହେବାକୁ ମୁଖ୍ୟ ପ୍ରଶାସକ ଏଏସଆଇ କୁ ପରାମର୍ଶ ଦେଇଛନ୍ତି। ସୂଚନା ଥାଉ ଯେ, ଗତକାଲି ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଭିତର ବେଢାର ଚିତ୍ର ଏଏସଆଇ ପକ୍ଷରୁ ସୋସିଆଲ ମିଡିଆରେ ପ୍ରକାଶନ କରାଯାଇଥିବା ନଜର କୁ ଆସିଥିଲା। ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏନେଇ ଏଏସଆଇ ମହାନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଆଣିଥିଲେ ଏବଂ ଏଏସଆଇ ପକ୍ଷରୁ ସମ୍ପୃକ୍ତ ଚିତ୍ର ଡିଲିଟ ମଧ୍ୟ କରାଯାଇଥିଲା। ଏହା ଭିତରେ କିନ୍ତୁ ଚିତ୍ର ଗୁଡିକ ସେୟାର୍ ହେବା ସହ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ନିଜ ଚିଠିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଜଣାଇଥିଲେ। ଏଏସଆଇ ମହାନିର୍ଦ୍ଦେଶକ ଙ୍କୁ ଲେଖିଥିବା ପତ୍ରରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କ୍ଷେତ୍ରରେ ଏଏସଆଇ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ତେବେ ଏନେଇ ସୂଚନା ଦେବାକୁ ଯାଇ ଶ୍ରୀମନ୍ଦିର ଭିତର ବେଢା ସହ ଶ୍ରୀମନ୍ଦିର ଚିତ୍ର ସୋସିଆଲ୍ ମିଡିଆ ରେ ପ୍ରକାଶନ କରିବା ଭକ୍ତଙ୍କ ଧର୍ମୀୟ ଭାବନାକୁ ପ୍ରଭାବିତ କରିଛି। ତେଣୁ ଏ ବିଷୟରେ ଯଥେଷ୍ଟ ସତର୍କ ହେବା ସହ ଏହି ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକ ଲେଖିଛନ୍ତି।

# ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ସହାୟକ ଉପକରଣ ବିତରଣ

**ସାକ୍ଷୀଗୋପାଳ,୨୯।୭/ଏନ୍‌ଏନ୍‌ଏସ୍‌:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ଉଚ୍ଚ ପ୍ରଥମିକ ବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ନିମନ୍ତେ ସହାୟକ ଉପକରଣ ବିତରଣ ଶିବିର ଓ ଭିନ୍ନକ୍ଷମତା ଆକଳନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳର ସମସ୍ତ ଶିକ୍ଷା ଅଧିକାରୀ, ସିଆରସିସି, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ, ଆଇଇଡି ଉପସ୍ଥିତ ରହି ପ୍ରଦିପ ପ୍ରଜ୍ୱଳନ କରି ଶିବିରକୁ ଉଦ୍ଘାଟନ କରିଥିଲେ। ଏଥିରେ ଅତିଥିଗଣ ଛାତ୍ରଛାତ୍ରୀ, ଅଭିଭାବକ ମାନଙ୍କ ମନୋବଳ ଦୃଢ଼ କରିବା ସହିତ ଏକ ଗଠନ ମୂଳକ ଦିଗରେ ପ୍ରେରଣ ଯୋଗାଇ ଦେବା ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ। ଏଥିରେ ସତ୍ୟବାଦୀ ବ୍ଲକର ୪୭ଜଣ ଭିନ୍ନକ୍ଷମଙ୍କୁ ଉପକରଣ ବିତରଣ କରାଯାଇଥିଲା ଏବଂ ୫୩ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏଥିରେ ୧୦୦ଜଣ ଅଭିଭାବକ ଉପସ୍ଥିତ ଥିଲେ। ତିନିଚକିଆ ସାଇକେଲ, ହୁଇଲ ଚେୟାର, ସିପି ଚେୟାର, ଏଲେବୋ ସ୍କ୍ରଚେସ, ବେଲ୍ କିଟ୍, ତଥା ଅନ୍ୟ କିଟ୍ ପ୍ରଦାନ କରାଯାଇଥିଲା।

# ବୋଲବମ୍ ପଦଯାତ୍ରୀଙ୍କୁ ସେବା କାର୍ଯ୍ୟ

**ବାଲିଅନ୍ତା,୨୯।୭/ଏନ୍‌ଏନ୍‌ଏସ୍‌:** ଧାରା ଶ୍ରାବଣରେ ଧାର୍ମିକ ପଦଯାତ୍ରା ସକାଶେ କାଉଡ଼ିଆ ମାନେ ନିଜର ମାନସିକ ପୂରଣ କରିବା ଲାଗି ବୋଲବମ ଯାତ୍ରା କରିଥାନ୍ତି। ଏହି ବୋଲବମ ପରିପ୍ରେକ୍ଷୀରେ ଶ୍ରାବଣ ମାସ ସୋମବାରରେ କାଉଡ଼ିଆମାନେ ବିଭିନ୍ନ ପବିତ୍ର ନଦୀରୁ ଜଳ ଧାରଣ କରି ବିଭିନ୍ନ ଶୈବପୀଠ ଗୁଡ଼ିକରେ ଜଳଲାଗି କରିଥାଆନ୍ତି। ଶ୍ରାବଣ ମାସର ତୃତୀୟ ସୋମବାରରେ ପ୍ରାୟ ୮୦ ହଜାରରୁ ଉର୍ଦ୍ଧ କାଉଡିଆ ଜଳାଭିଷେକ ଯାତ୍ରା କରିଛନ୍ତି। ରବିବାର ଦିନ ବାବା ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ପୀଠକୁ କାଉଡିଆ ଭାଇ ଭଉଣୀ ମାନେ ଯାଉଥିବା ଅବସରରେ ରାଜ୍ୟର ଅଗ୍ରଣୀ ସାମାଜିକ ସଂଗଠନ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ କାଉଡିଆ ଭାଇ ଭଉଣୀ ମାନଙ୍କ ପଥକଷ୍ଟ ଲାଘବ କରିବା ପାଇଁ ଭୁବନେଶ୍ୱର ପଲାଶୁଣୀ ସ୍ଥିତ ଦୁର୍ଗା ମଣ୍ଡପ ସମ୍ମୁଖରେ ସମସ୍ତ ପ୍ରକାର ସହାୟତା ବ୍ୟବସ୍ଥା କରାଯାଇଥିଲା। ମହାଦେବଙ୍କ ଭଜନରେ ପ୍ରକମ୍ପିତ ହେଉଥିଲା ସାରା ଅଞ୍ଚଳ। କାର୍ଯ୍ୟକ୍ରମକୁ ସବୁଦିନ ଟିଭି ଟ୍ରଷ୍ଟର ଅଧକ୍ଷ ସମାଜସେବୀ ହୃଦାନନ୍ଦ ସାହୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ଏଥିରେ ସବୁଦିନ ଟିଭି ଟ୍ରଷ୍ଟର ପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ସନାତନ ପରିଡା, ଟ୍ରଷ୍ଟର ସମ୍ପାଦକ ସାମ୍ବାଦିକ ଭବାନୀ ଶଙ୍କର ପାତ୍ର, ସାମ୍ବାଦିକ କିଶୋର କୁମାର, ପ୍ରଣୟ ସ୍ୱାଇଁ, ପ୍ରସନ୍ନ କୁମାର ସାହୁ , ଜ୍ଞାନେନ୍ଦ୍ର ସ୍ୱାଇଁ, ରମେଶ ସାହୁ, ଆମର ଆକବର, ପପୁ ସାହୁ, କାର୍ତ୍ତିକ ଲେଙ୍କା, ଗୌରାଙ୍ଗ ପରିଡା, ସିଲି ଲେଙ୍କା ଚକ୍ରଧର ପାତ୍ର, ରତିକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି କାଉଡିଆମାନଙ୍କୁ ସେବାକାର୍ଯ୍ୟ ଯୋଗାଇ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ଦେବ ଦେବ ମହାଦେବଙ୍କ ଭଜନ ପରିବେଷଣ କରି କାଉଡିଆ ଭାଇ ଭଉଣୀମାନଙ୍କୁ ଉତ୍ସାହିତ କରାଯାଇଥିଲା।

# ଶିଶୁ ମନ୍ଦିରରେ ଆଇନ ସଚେତନତା

**ବାଣପୁର,ଖୋର୍ଦ୍ଧା,୨୯।୭/ଏନ୍‌ଏନ୍‌ଏସ୍‌:** ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ବାଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଶିଶୁ ନ୍ୟାୟ(ଯତ୍ନ ଏବଂ ସୁରକ୍ଷା ) ଅଧିନିୟମ ଏବଂ ଶିକ୍ଷା ଅଧିକାର ଆଇନ ସମ୍ବନ୍ଧରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜକିଶୋର ଭୋପା, ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ, ବାଣପୁର ଓକିଲ ସଂଘ ପୂର୍ବତନ ସମ୍ପାଦକ ରଞ୍ଜନ ବେଦମତ୍ତା, ଉପସଭାପତି ପଦ୍ମଜା ପଟ୍ଟନାୟକ, ଫ୍ରଣ୍ଟ ଅଫିସ ରିଟେନର ଦେବୀପ୍ରସାଦ ସାମନ୍ତରାୟ, ଆଇନଜୀବୀ ସୀତାରାମ ଅଗ୍ରୱାଲ ଏବଂ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ। ଉକ୍ତ ଆଇନ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଚଳିତବର୍ଷ ନୂତନ ଭାବେ ଖୋଲିଥିବା ଯୁକ୍ତ୨ ବିଜ୍ଞାନ ପ୍ରଥମ ବର୍ଷ ଏବଂ ହାଇସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ଉପସ୍ଥିତ ଅତିଥିମାନଙ୍କଠାରୁ ବହୁ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ। ମୁଖ୍ୟ ଅତିଥି ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିଶୁ ନ୍ୟାୟ ଅଧିନିୟମ ଏବଂ ଶିକ୍ଷା ଅଧିକାର ଆଇନ ସମ୍ବନ୍ଧରେ ବୁଝାଇଥିଲେ। ସରକାରଙ୍କ ପକ୍ଷରୁ ଏଥି ନିମନ୍ତେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ପ୍ରତ୍ୟେକ ଶିଶୁ ଛାତ୍ର ଜୀବନରୁ ଉକ୍ତ ଆଇନକୁ ଅନୁସରଣ କଲେ ଭବିଷ୍ୟତରେ ସେ ଶୃଙ୍ଖଳିତ ନାଗରିକ ହୋଇପାରିବ ବୋଲି ବିଚାରପତି ଶ୍ରୀ ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ପରିଚାଳନା କରିଥିଲେ।

# ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ମାସିକ ବୈଠକକୁ ନେଇ ଅସନ୍ତୋଷ

**କୁଆଁପାଳ,୨୯।୭/ଏନ୍‌ଏନ୍‌ଏସ୍‌:** ମାହାଙ୍ଗା ବ୍ଲକରେ ଥିବା ବିଭିନ୍ନ ଆଞ୍ଚଳିକ ସାଧନକେନ୍ଦ୍ରରେ ମାସିକ ବୈଠକକୁ ନେଇ ଅନେକ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ବଢୁଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଏହି ମାସିକ ବୈଠକ ପ୍ରତିମାସର ତୃତୀୟ ଶନିବାର ଅନୁଷ୍ଠିତ ହୋଇଥାଏ। ମାହାଙ୍ଗା ବ୍ଲକରେ ଅନେକ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିଲା ବେଳେ କେତେକ ପ୍ରାଥମିକ ବିଦ୍ୟାଳୟରେ ଦୁଇଜଣ ଲେଖାଏଁ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରତ୍ୟେକ ଶନିବାର ଶିକ୍ଷକମାନେ ସକାଳ ୬ଟା ୩୦ମିନିଟ୍‌ରେ ବିଦ୍ୟାଳୟକୁ ଆସି ୧୨ଟା ୩୦ମିନିଟ୍‌ରେ ବିଦ୍ୟାଳୟ ଛାଡିଥାନ୍ତି। ପ୍ରତିମାସ ତୃତୀୟ ଶନିବାର ଦିନ ଏମ୍‌ସିଏମ୍ ବୈଠକରେ ଯୋଗଦାନ କରିବାପାଇଁ ଶିକ୍ଷକମାନଙ୍କୁ ଦିନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରହିବାକୁ ପଡିଥାଏ। ଯେଉଁସବୁ ବିଦ୍ୟାଳୟରେ ଜଣେ କିମ୍ବା ଦୁଇଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ମାସର ତୃତୀୟ ଶନିବାର ଦିନ ସକାଳ ୧୦ଟା ପୂର୍ବରୁ ବିଦ୍ୟାଳୟ ଛୁଟିକରି ଏମ୍‌ସିଏମ୍ ବୈଠକରେ ଯୋଗଦେଉଛନ୍ତି। ସେହି ଶନିବାର ସେମାନେ ୧୧ଘଣ୍ଟାରୁ ଉର୍ଦ୍ଧ୍ୱଧରି କାର୍ଯ୍ୟ କରୁଛନ୍ତି। ଅପରପକ୍ଷେ ପ୍ରତିମାସର ତୃତୀୟ ଶନିବାର ଦିନ ଏହି ବିଦ୍ୟାଳୟରେ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ଏହା କେଉଁ ସରକାରୀ ନିୟମ ଅଧିନରେ ରହିଛି ସେ ନେଇ ପ୍ରଶ୍ନ ଉଠିଛି। ଯେଉଁ ସବୁ ବିଦ୍ୟାଳୟରେ ୩ରୁ ଊର୍ଦ୍ଧ୍ୱ ଶିକ୍ଷକ ଅଛନ୍ତି ସେସବୁ ବିଦ୍ୟାଳୟରେ ଶିକ୍ଷାଦାନରେ କୌଣସି ସମସ୍ୟା ହେଉନାହିଁ।

# ରାବେରା ଗାଁକୁ ନାହିଁ ଲକ୍ଷ୍ମୀ ବସ୍ ସେବା, ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉଠିଲା ଦାବି

**ଓଡ଼ଗାଁ,୨୯।୭/ଏନ୍‌ଏନ୍‌ଏସ୍‌:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ରାବେରା ଗାଁକୁ ଲକ୍ଷ୍ମୀବସ୍ ସେବା କେବେ ବୋଲି ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଦୁଇଥର ଆପତ୍ତି କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରୁନଥିବା ଗ୍ରାମବାସୀ କହିଛନ୍ତି। ସେତିକି ନୁହଁ ରାବେରା ନାଁରେ ବୋର୍ଡ ମାରି ବସ୍ ଅନ୍ୟ ସ୍ଥାନକୁ ଯାଉଥିଲେ ମଧ୍ୟ ଗାଁକୁ ଗାଡ଼ି ନ ଯିବା ପଛର କାରଣ କ'ଣବୋଲି ଜାଣିବାକୁ ଚାହିଁଛନ୍ତି। ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପୁଣିଥରେ ଗ୍ରାମବାସୀ ଅଭିଯୋଗ କରିବେ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ସରକାର ପ୍ରତି ଗାଁକୁ ଲକ୍ଷ୍ମୀ ବସ୍ ସେବା କାର୍ଯ୍ୟକାରୀ କରିଥିବାବେଳେ ରାବେରା ଏହି ସୁବିଧାରୁ ବାଦ୍ ପଡ଼ିଛି। ଏହା ଏକ ପଞ୍ଚାୟତ ହୋଇଥିଲେ ମଧ୍ୟ ଗାଁକୁ ଗାଡ଼ି ନଯିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଲୋକମାନେ ଯାତାୟାତ ପାଇଁ ବହୁ ଅସୁବିଧାର ଶିକାର ହୋଇ ଅଟୋ କିମ୍ବା କାର୍ ଭଡ଼ାକରି ଅଯଥା ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ଓଡ଼ଗାଁରୁ ରାବେରା ୫ କିଲୋମିଟର ଦୂର ହୋଇଥିବା ବେଳେ ଅଧିକାଂଶ ଲୋକ ଲକ୍ଷ୍ମୀ ବସ୍ ଉପରେ ନିର୍ଭରଶୀଳ ଅଛନ୍ତି। ସେତିକି ନୁହଁ,ଗାଁକୁ ଅନ୍ୟକୌଣସି ବସ୍ ସେବା ମଧ୍ୟ ନାହିଁ। ଗାଁର ଲୋକମାନେ ବାଧ୍ୟ ହୋଇ ଅଟୋଭଡ଼ା କରି ଯିବାଆସିବା କରୁଛନ୍ତି। ଗାଁକୁ ବସ୍ ନ ଯିବା ପଛର କାରଣ କ'ଣ, ଏହା ପଛରେ କିଛି ଷଡ଼ଯନ୍ତ୍ର କରାଯାଇନି ତ ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି। ଗ୍ରାମବାସୀମାନେ ଆଞ୍ଚଳିକ ପରିବହନ, ବିଡିଓ, ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଦୁଇ ଦୁଇଥର ଆପତ୍ତି ଉଠାଇଥିଲେ ମଧ୍ୟ ଲକ୍ଷ୍ମୀ ବସ୍ ସେବା କାର୍ଯ୍ୟକାରୀ ନହେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ଦାସ କହିଛନ୍ତି। ଯଦି ଏହା କାର୍ଯ୍ୟକାରୀ ନହୁଏ ତେବେ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ସେ ସୂଚନା ଦେଇଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ବହୁ ପୁରାତନ ବିଦ୍ୟାଳୟ

# ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ନୂତନ ଗୃହ ନିର୍ମାଣ ଦାବି

**କଣ୍ଟିଲୋ,୨୯।୭/ଏନ୍‌ଏନ୍‌ଏସ୍‌:** ସମ୍ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ବ୍ୟୟରେ ଗାଁ ଗହଳିରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ, ଜିଲ୍ଲା ସଦର ମହକୁମାମାନଙ୍କରେ ନୂତନ ଶିକ୍ଷାନୁଷ୍ଠାନ ନିର୍ମାଣ କରିବା ସହିତ ପୁରାତନ ଶିକ୍ଷାନୁଷ୍ଠାନଗୁଡିକୁ ଭାଙ୍ଗି ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଓ ସୁରକ୍ଷା ପାଇଁ ନୂତନ ଭାବେ ଗୃହ ନିର୍ମାଣ କରୁଥିବା ବେଳେ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁସାହୁ ପାଟଣା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ପାଣ୍ଡୁ ସାହୁ ପାଟଣାର ଏହି ବିଦ୍ୟାଳୟଟି ଦୀର୍ଘ ୬୮ବର୍ଷ ପୂର୍ବେ ୧୯୫୭ ମସିହାରେ ନିର୍ମାଣ ହୋଇଥିଲା। ଏହା ମଧ୍ୟରେ କେତେ ସରପଞ୍ଚ, ବିଡ଼ିଓ, ଶିକ୍ଷା ଅଧିକାରୀ, ଜିଲ୍ଲାପାଳ, ବିଧାୟକ, ସାଂସଦ ଓ କେତେ ଗୁଡିଏ ସରକାର ନିଜ ନିଜର ଦାୟିତ୍ୱ ଶେଷ କରି ଗଲେଣି। ଅଥଚ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୧୨ରୁ ୧୩ ବର୍ଷର କୋମଳମତି ଛାତ୍ର ଛାତ୍ରୀମାନଙ୍କର ଜୀବନ ପ୍ରତି ଥିବା ବିପଦକୁ କାହାର ଚିନ୍ତା ନାହିଁ। ବିଦ୍ୟାଳୟ ଆରମ୍ଭରୁ ପଡ଼ିଥିବା ଟିଣ ଆଜସୁଦ୍ଧା ପରିବର୍ତ୍ତନ ହୋଇ ନଥିବାରୁ ଜଙ୍କ ଲାଗି ଲାଲ ରଙ୍ଗ ଦେଖା ଗଲାଣି।ଛପର ଟିଣ ଉଠି ଗଲାଣି। ଏହି ସ୍ଥାନରେ ଛାତ୍ର ଛାତ୍ରୀ ମାନେ ବସି ପାଠ ପଢିବା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପଢ଼ାଇବା ନିଶ୍ଚିତ ବିପଦକୁ ଏଡେଇ ହେବ ନାହିଁ। ତେଣୁ ଯଥାଶୀଘ୍ର ଏହି ବିପଦ ସଙ୍କୁଳ ଜରାଜୀର୍ଣ୍ଣ ବିଦ୍ୟାଳୟ କୁ ଭାଙ୍ଗି ନୂତନ ଗୃହ ନିର୍ମାଣକରି ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ଜୀବନର ସୁରକ୍ଷା ପାଇଁ ବିହୀତ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ସ୍ଥାନୀୟ ବିଧାୟକଙ୍କ ମାଧ୍ୟମରେ ବ୍ଲକ ଶିକ୍ଷାଧିକାରୀ, ବିଡ଼ିଓ, ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।



# ମହାପ୍ରଭୁଙ୍କ ମୁଖ ଶୃଙ୍ଗାର ନୀତି, ୪ଘଣ୍ଟା ଦର୍ଶନ ବନ୍ଦ

**କେନ୍ଦ୍ରାପଡ଼ା,୨୯/୭/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ା ମହାପ୍ରଭୁଙ୍କ ମୁଖ ଶୃଙ୍ଗାର ନୀତି । ଆସନ୍ତାକାଲି (ବୁଧବାର) ସକାଳ ୮ଟା ରୁ ୧୨ଟା ପର୍ଯ୍ୟନ୍ତ ଘଣ୍ଟା ଦର୍ଶନ ବନ୍ଦ । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜିଉଙ୍କର ମୁଖ ଶୃଙ୍ଗାର ନୀତି କରାଯିବ । ଶ୍ରୀ ୩୦ରୁ ଦ୍ୱାର ଫିଟାଇବା ମଙ୍ଗଳ ଆଳତି କରାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମାଳ ଓଲାଗି କରାଯାଇ ପ୍ରଭୁଙ୍କୁ ସୁବର୍ଣ୍ଣ ଚିତାକୁ ବଡ଼ ପଣ୍ଡା ଦାୟିତ୍ୱ ହସ୍ତାନ୍ତର ପରେ ଚିହ୍ନ ଦାସ ସେବକ ରତ୍ନ ସିଂହାସନକୁ ଯାଇ ଶ୍ରୀଅଙ୍ଗ ସ୍ୱର୍ଣ୍ଣ ପରେ ମୁଖ ଶୃଙ୍ଗାର ନୀତି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହା ଗୁପ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ହୋଇଥିବାରୁ ଭକ୍ତ ସର୍ବସାଧାରଣ ପାଇଁ ସକାଳ ୮ ରୁ ୧୨ଟା ଚାରିଘଣ୍ଟା ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ଜିଲ୍ଲାସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା



**ଯାଜପୁର,୨୯/୭/ଏନ୍‌ଏନ୍‌ଏସ୍‌:** ଜିଲ୍ଲା ସ୍ତରୀୟ ଏଚ୍‌ଆଇଭି ଏଡସ୍ କୁଇଜ୍ ପ୍ରତିଯୋଗିତା ପିଏମ୍‌ଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ, ଯାଜପୁର ଠାରେ ଓସାକ୍ସ ଓ କନିଷ୍ଠ ରେଡକ୍ରସ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ୧୦ଗୋଟି ବ୍ଲକ୍‌ର ୨୦ଟି ରେଡ ରିବନ୍ ବିଦ୍ୟାଳୟରୁ ୧୮ ଜଣ ବାଳକବାଳିକା ଅଂଶଗ୍ରହଣ କରିଥିଲେ । ପିଏମ ଶ୍ରୀ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିଶାରଣି ରାୟ ପ୍ରଥମ ସ୍ଥାନ ଓ ଶ୍ରିବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର ଛାତ୍ରୀ ସୋନାକ୍ଷୀ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଯୋଗଦାନ କରି କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଡସ୍ ରୋଗର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ତଥା ଏଡସ୍ ନୋଡାଲ ଅଫିସର ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଭଦ୍ରକ କ୍ଲଷ୍ଟରର ଦେବବ୍ରତ ମହାପାତ୍ର, ଯାଜପୁର ଜିଲ୍ଲା ଏଡସ୍ ନିୟନ୍ତ୍ରଣ ସୁପର ଭାଇଜର ଅଶୋକ କୁମାର ନାୟକ, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ବାସୁଦେବ ସେନାପତି, ଜୁନିୟର ରେଡକ୍ରସ୍ ଅଫିସର ଶଙ୍କର୍ଷଣ ବେହେରା ଯୋଗଦାନ କରି ଏଡସ୍ ରୋଗକୁ କିପରି ନିୟନ୍ତ୍ରଣ କରିହେବ ସେ ବିଷୟରେ ଆଲୋକପାତ୍ କରିଥିଲେ । ଜିଲ୍ଲା ଏଡସ୍ ସେଲର କର୍ମକର୍ତ୍ତା ମଧୁସୂଦନ ସାଥୁଆ ଓ ଦେବେନ୍ଦ୍ର ନାଥ ସ୍ୱାଇଁ, ସୁବାସ ଚନ୍ଦ୍ର ବାରିକ, ବିକାଶ ଚନ୍ଦ୍ର ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସହକାରୀ ଯନ୍ତ୍ରୀଙ୍କ ଲାଞ୍ଚମୋହ ଛାଡୁନି

**ଢେଙ୍କାନାଳ,୨୯/୭/ଏନ୍‌ଏନ୍‌ଏସ୍‌:** ଦୁଇ ଦୁଇ ଥର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ଜଣେ ସହକାରୀ ଯନ୍ତ୍ରୀଙ୍କର ତଥାପି ଛାଡୁନି ଲାଞ୍ଚ ମୋହ । ଏପରି ଏକ ଅଭାବନୀୟ ଘଟଣା ହିନ୍ଦୋଳ ବ୍ଲକ୍‌ରେ ଦେଖିବାକୁ ମିଳିଛି । ଯାହାକୁ ନେଇ ସାରା ହିନ୍ଦୋଳରେ ଏକ ଆଲୋଡ଼ନ ସୃଷ୍ଟି ହୋଇଛି । ପ୍ରକାଶ, ହିନ୍ଦୋଳ ବ୍ଲକର ଜନୈକ ସହକାରୀ ଯନ୍ତ୍ରୀ ସବୁ ପଞ୍ଚାୟତରେ କାମ ପୂର୍ବରୁ ମୋଟା ଅଙ୍କର ପିସି ମାଗୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି । ଦେଇନପାରିଲେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକର ବିଲ୍ ପାସ୍ କରୁନାହାନ୍ତି । ଯାହାଫଳରେ ପ୍ରାୟ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ସଂପୂର୍ଣ୍ଣ ଠପ୍ ହୋଇଯାଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ତାଙ୍କୁ ଦାୟିତ୍ୱରୁ ହଟାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଯଦି ସଂପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱରୁ ହଟାନଯାଏ ତେବେ ଆଗାମୀଦିନରେ ଏକ ଜନଆନ୍ଦୋଳନ ଦେଖାଦେବ ବୋଲି ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି । ହିନ୍ଦୋଳ ବ୍ଲକରେ ଦୁଇ ଦୁଇଜଣ ସହକାରୀ ଯନ୍ତ୍ରୀ ଥିବା ସତ୍ୱେ ପୂର୍ବରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ଜନୈକ ସହକାରୀ ଯନ୍ତ୍ରୀଙ୍କୁ କିଏ କେଉଁ ଉଦ୍ଦେଶ୍ୟରେ ଦାୟିତ୍ୱ ହସ୍ତାନ୍ତର କରିଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ରାଜନଗର,୨୯/୭/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ୍ କୋଇଲିପୁର ପଞ୍ଚାୟତର ଜଣେ ମହିଳାଙ୍କୁ ତାଙ୍କଠାରୁ କମ ବୟସର ଯୁବକ ତାଙ୍କୁ ଅସଦାଚରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ସଂପୃକ୍ତ ମହିଳାଙ୍କ ସ୍ୱାମୀ ବାହାରେ ରହୁଥିବାରୁ ଏହାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ଅସଦାଚରଣ କରିଥିଲେ । ରାଜନଗର ପୁଲିସ ୨୦୪/୨୫ରେ ମାମଲା ରୁଜୁ କରିବା ସହ ସଂପୃକ୍ତ ମହିଳାଙ୍କୁ ଡାକ୍ତରୀ ମାଇନା କରାଇଛି । ଅପରପକ୍ଷରେ ଯୁବକ ଜଣକ ଫେରାର ହୋଇଯାଇଛି ।

# ବିଦ୍ୟୁତ୍ ସଂଯୋଗ ଅନୁମତି ପାଇଁ ଦାବିପତ୍ର



**ତାଳଚେର,୨୯/୭/ଏନ୍‌ଏନ୍‌ଏସ୍‌:** ତାଳଚେର ବ୍ଲକ ହେଂସମୂଳ ଗ୍ରାମ ସହରସାହିକୁ ନୂତନ ବିଦ୍ୟୁତ୍ ସଂଯୋଗ ଅନୁମତି ଦେବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଘର ଠାରେ ଆୟୋଜିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପାଳ ମହମଦ୍ ଅବଦଲ ଅଖତରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହେଂସମୂଳ ଗ୍ରାମ ସହରସାହିଟି ସ୍ଥାୟୀ ବାସିନ୍ଦା ହୋଇଥିବାରୁ ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା ଅଧିଗ୍ରହଣ ହୋଇଛି । ଦୀର୍ଘ ୫୦ ବର୍ଷ ହେବ ଗ୍ରାମବାସୀମାନେ ସେଠାରେ ବସବାସ କରିଆସୁଅଛନ୍ତି । ସେମାନଙ୍କର ସ୍ଥାୟୀ ଭୂମି ପଟ୍ଟା ନାହିଁ । ଭୂମିହୀନ ହୋଇଥିବାରୁ କୋଇଲା ଖଣି କର୍ତ୍ତୃପକ୍ଷ ନଗଦ ଆକାରରେ କ୍ଷତିପୂରଣ ଲାଭ ପ୍ରଦାନ କରିଥିଲେ । ଗତ ୨/୩ ବର୍ଷ ହେଲା ସେମାନେ ମୌଜା ଜିଲିଣ୍ଡାରେ ସରକାରୀ ଜମିରେ ରହୁଅଛନ୍ତି । କିନ୍ତୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଉଲ୍ଲେଖ କରାଯାଇଛି । ସମାଜସେବୀ ସଞ୍ଜୟ ଜାଲଙ୍କ ନେତୃତ୍ୱରେ ଗ୍ରାମ ସଭାପତି ପ୍ରାଣବନ୍ଧୁ ବେହେରା, କବି ବେହେରା, ଦୁଃଶାସନ ଦେହୁରୀ, ଚତୁର୍ଭୁଜ ବେହେରା, ରୀନା ଖଟୁଆ, ମମତା ନାହାକ, ଡଳି ବେହେରା, ସୁକାନ୍ତି ଖଟୁଆ, ଗୀତା ବେହେରା, ପୁଟି ବେହେରା, ଯଶୋବନ୍ତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ୪ ୱାରେଣ୍ଟି ଗିରଫ

**କୁଆଖିଆ,୨୯/୭/ଏନ୍‌ଏନ୍‌ଏସ୍‌:** ରସୁଲପୁର ବ୍ଲକ ଅନ୍ତର୍ଗତ ଯାବରା ଗ୍ରାମର ପ୍ରଶାନ୍ତ ବେହେରା ବାପା ବାଇଧର, ଦେବବ୍ରତ ବେହେରା ବାପା କ୍ଷେତ୍ରବାସୀ, ଧନେଶ୍ୱର ବେହେରା ବାପା ପଦନ ବେହେରାଙ୍କୁ କୁଆଖିଆ ପୁଲିସ କେଶ ନଂ ୩୮୭/୨୦ ମସିହା ୱାରେଣ୍ଟିରେ ଆଜି ଗିରଫ କରାଯାଇଛି । ସେହିପରି ଗୋପୀନାଥପୁର ଗ୍ରାମର ଅନ୍ତରୀକ୍ଷ ପଟ୍ଟନାୟକ ଚେକ୍‌ବାଉନ୍ସ ମାମଲା ୱାରେଣ୍ଟିରେ ଗିରଫ ହୋଇଛନ୍ତି । ଏହି ୪ ଜଣଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି ।

# ରାସ୍ତା ଅବସ୍ଥା ଶୋଚନୀୟ

**ରାଜନଗର,୨୯/୭/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ ହାତିନା ପଞ୍ଚାୟତ କଏଥା ଦଳିତବସ୍ତିରେ ଥିବା ରାସ୍ତା ଅବସ୍ଥା ବର୍ଷାରେ ବେହାଲ ହୋଇପଡିଛି । ଘରୁ ବାହାରିବା ସେମାନଙ୍କୁ କଷ୍ଟକର ହେଉଛି । ମଙ୍ଗଳବାର ସେମାନେ ରାଜନଗର ବିଡିଓ ଅନିରୁଦ୍ଧ ବେହେରାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏହି ବସ୍ତିରେ ୭୦ଟି ପରିବାର ରହୁଛନ୍ତି । ସେମାନଙ୍କ ବସ୍ତିଦେଇ ଗ୍ରାମ୍ୟ ଉନ୍ନୟନ ରାସ୍ତାଯାଏ କଚ୍ଚାରାସ୍ତା ରହିଛି । ବର୍ଷାରେ ଟ୍ରାକ୍ଟର ଯାଇ ଗାଡ ସୃଷ୍ଟି କରିଦେଇଛି । ଏପରିକି ଗାଁ ମୁଣ୍ଡରେ ଥିବା ନଳକୂପରୁ ପିଇବା ପାଣି ଆଣିବା କଷ୍ଟକର ହେଉଛି । ବର୍ଷାଜଳ ଜମିରହିବା ସହ କାଦୁଅ ପଙ୍କରେ ଯିବା ଆସିବା କରିହେଉନାହିଁ । ଏହି ଗ୍ରାମର କାମିନୀ ଯେନା, ଚୁମୁକି ଯେନା, ସାନ୍ତିଲତା ଯେନା, କୌଶଲ୍ୟା ଦାସ, ପୁଷ୍ପଲତା ନାୟକ, ପାର୍ବତୀ ଦାସ, କବିତା ଦାସ, ରଞ୍ଜିତା ଯେନା, ରେଖା ଯେନା,ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ମହିଳାମାନେ ବ୍ଲକ ପରିସରକୁ ଆସି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ।

# ଚଳିତ ଖରିଫ୍‌ରେ ୧୦୦୮୧୫ ହେକ୍ଟର୍ ଜମିରେ କୃଷି କାର୍ଯ୍ୟ



**ଜଗତ୍‌ସିଂହପୁର,୨୯/୭/ଏନ୍‌ଏନ୍‌ଏସ୍‌:** ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ସଭା ଗୃହ ଠାରେ ଜିଲ୍ଲା କୃଷି ବିଭାଗ ଅନୁକୂଲ୍ୟରେ ଖରିଫ ଋତୁ ୨୦୨୫ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଯୋଗଦେଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ଖରିଫ ଋତୁ ୨୦୨୫ରେ ସମସ୍ତ ଫସଲକୁ ମିଶାଇ ମୋଟ ୧୦୦୮୧୫ ହେକ୍ଟର ଜମିରେ କୃଷି କାର୍ଯ୍ୟ ନିର୍ଦ୍ଧାରଣର ଲକ୍ଷ ରଖାଯାଇଛି । ସେଥି ମଧ୍ୟରୁ ୮୯୨୧୦ ହେକ୍ଟର ଜମିରେ ଖାଦ୍ୟଶସ୍ୟ, ୧୭୦ ହେକ୍ଟର ଡାଲି ଜାତୀୟ ଫସଲ, ୯୩୦୦ହେକ୍ଟର ଜମିରେ ପନିପରିବା ଚାଷ, ୧୪୫୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୨୦ହେକ୍ଟର ଜମିରେ ସବୁଜ ଗୋଖାଦ୍ୟ, ୫୯୫ ହେକ୍ଟର ଜମିରେ ଆଖୁ ଚାଷ ନିମନ୍ତେ ଲକ୍ଷ ରଖା ଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଏହା ବ୍ୟତିତ ତାଳଦଣ୍ଡା, ମାଛଗାଁ କେନାଲ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳ ସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୭୫୮୨୨ ହେକ୍ଟର ଜମିରେ ଜଳ ସେଚନ ସୁବିଧା ରହିଛି । ୫୨୦୦ କ୍ୱିଣ୍ଟାଲ ଧାନ ବିହନ, ୪୧୨ କ୍ୱିଣ୍ଟାଲ ଧଣୀଚା ମଞ୍ଜି, ୨କ୍ୱିଣ୍ଟାଲ ବିରି ମଞ୍ଜି ପାଇଁ ଇଟେଣ୍ଡର ଦିଆ ଯାଇଛି । ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ ଜରିଆରେ ୪୨୨୭୫୫.୯୩ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବାର ଲକ୍ଷ ରହିଛି । ଖସଡା ଧାନ ଚାଷ, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ, ଇ-ପେଷ୍ଟ, ସରଭେଲାନ୍ସ ମାଧ୍ୟମରେ କୀଟ ଦମନ, ଜୈବସାର, ଭର୍ମିକମ୍ପୋଷ୍ଟ, ମିଲେଟ୍ ମିଶନ, ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆ ଯାଉଛି । ଚଳିତ ବର୍ଷ ୧.୧୦ କ୍ୱିଣ୍ଟାଲ ମାଣ୍ଡିଆ ବିହନ, ୦.୩୦କ୍ୱିଣ୍ଟାଲ ଯୋୱାର, ୦.୧୦କ୍ୱିଣ୍ଟାଲ ବାଜରା ମଞ୍ଜି ଦିଆ ଯାଇଛି । ଚାଷୀ ମାନଙ୍କୁ ୯୯୫୫ କିଲୋ ଏନ୍.ପି.କେ ସାର ଯୋଗାଇ ଦିଆ ଯିବାର ଲକ୍ଷ ରଖା ଯାଇଥିବା ସୂଚନା ପ୍ରଦାନ କରିଥିଲେ । ଏହାବ୍ୟତିତ ଗତ ରବି ଋତୁରେ ଜିଲ୍ଲାରେ ୮୭୬୮୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା, ମୁଗ, ବିରି, କୋଳଥ, ମଟର, ବାଦାମ, ରାଶି ଆଦି ଚାଷ କରା ଯାଇ ଥିଲା । ମୋଟ୍ ୬୮୨୪୧ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରା ଯାଇଥିଲା । ଏହା ବ୍ୟତିତ ସୂର୍ଯ୍ୟମୁଖୀ, ଆଳୁ, ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ, ଧନିଆ, ଅଖାଡ଼ାଷ କରା ଯାଉଥିବା ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲାପାଳ ଜେ ସୋନାଲ ଅଧ୍ୟକ୍ଷତା କରି କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇ ପାରିବେ ସେଥିପ୍ରତି କୃଷି ବିଭାଗର ଅଧିକାରୀମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ସେସବୁ ଯୋଜନା ମଧ୍ୟରେ କୃଷକଙ୍କ ନିମନ୍ତେ ଥିବା ସମସ୍ତ ଯୋଜନା ଓ ସବସିଡ୍ ଯୋଜନାର ବ୍ୟପକ ପ୍ରଚାର ପ୍ରସାର, କୃଷକ ସମ୍ପର୍କରେ ମେଳା, କୃଷି ସଚେତନ କାର୍ଯ୍ୟକ୍ରମ, ଅଡିଓ ଓ ଭିଡିଓ କ୍ଲିପ୍, ୱାଲ ପେଣ୍ଟିଂ ଇତ୍ୟାଦି ହିତାଧିକାରୀଙ୍କ ପାଖରେ ପହଂଚାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ସିଏମ୍ କିଷାନ ଯୋଜନାରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଚାଷୀଙ୍କୁ ସଠିକ୍ ବିହନ ସଠିକ ସମୟରେ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସମବାୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅର୍ଗାନିକ ଫାର୍ମ ପଣ୍ଡର ସଦୁପଯୋଗ କରିବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ ଯୋଗ ଦେଇ, ବାତ୍ୟା ଓ ବନ୍ୟା ପ୍ରବଣ ଏହି ଜିଲ୍ଲାର ତଳିଆ ଅଂଚଳ ମାନଙ୍କରେ ଯେପରି ଅଧିକ ପାଣି ଜମି ନରୁହେ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ବ୍ୟତିତ ବୈଠକରେ ବିହନ ଯୋଗାଣ, ରସାୟନ ସାର, ଫସଲ ସୁରକ୍ଷା, ମୃତିକା ସଂରକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକଶ ଯୋଜନା, ଉଦ୍ୟାନ କୃଷି ଓ ମୃତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା କରା ଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଲିଡ୍ ବ୍ୟାଙ୍କ ମ୍ୟାନେଜର, ସହକାରୀ ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଅନିଲ କୁମାର ସେଠୀ, ମୃତିକା ସଂରକ୍ଷଣ ଅଧିକାରୀ, ତିର୍ତ୍ତୋଲ ଜିଲ୍ଲା କୃଷି ଅଧିକାରୀ ସୌଭାଗ୍ୟ କୁମାର ମହାନ୍ତି, ଜଗତସିଂହପୁର ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରିୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରାସ୍ତା ସମସ୍ୟାକୁ ନେଇ ଚକ ଅଖ ବନ୍ଦ



**ତାଳଚେର,୨୯/୭/ଏନ୍‌ଏନ୍‌ଏସ୍‌:** ତାଳଚେର ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ଗୋଡିବନ୍ଧ ଠାରୁ ବଅଁରପାଳ ପର୍ଯ୍ୟନ୍ତ ଭାୟା ବହ୍ଲର ରାସ୍ତା ଶୋଚନୀୟକୁ ନେଇ ଆଜି ତାଳଚେରରୁ ବସ୍ ଚଳାଚଳ ବନ୍ଦ ରହିଥିଲା । ତାଳଚେର ବସ୍ ମାଲିକ ସଂଘର ସଭାପତି ଇ. ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକ ମାନେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ଏବଂ ଏହି ଆଧାରରେ ଆଜି ବସ୍ ଚଳାଚଳ ବନ୍ଦ ରହିଥିଲା । ଉଲ୍ଲେଖ କରାଯାଇଅଛି ଯେ, ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ତାଳଚେରରୁ ଯାଉଥିବା ବସ୍ ଗୁଡିକର ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ ଓ ରାସ୍ତା ଅତ୍ୟନ୍ତ ସାଂଘାତିକ ଅବସ୍ଥା ହୋଇପଡ଼ିଥିବାରୁ ବସ୍ ଗୁଡିକର ଯାନ୍ତ୍ରୀକ କ୍ଷତି ହେବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାମାନ ଘଟୁଅଛି । ଯାହା ଫଳରେ ତାଳଚେର ବସ୍ ଗୁଡିକ ଅନ୍ୟ ଷ୍ଟାଣ୍ଡରେ ସମୟ ସାରଣୀ ଅନୁସାରେ ପହଞ୍ଚି ନପାରିବା, ଅନ୍ୟ ବସଷ୍ଟାଣ୍ଡ ଗୁଡ଼ିକରୁ ଯାତ୍ରୀ ଉଠାଇ ନପାରିବା ହେତୁ ମାଲିକ ମାନଙ୍କର ଆର୍ଥିକ କ୍ଷତି ଘଟୁଅଛି । ଏହାକୁ ସହୃଦୟତାର ସହ ସମାଧାନ ନକରିଲେ ବାଧ ହୋଇ ସଂଘ ପକ୍ଷରୁ ତା୨୯/୦୭/୨୦୨୫ ରିଖ ଠାରୁ ବସ୍ ଗୁଡିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଲିଖିତ ଭାବେ ଜଣାଇଥିଲେ । ଏହାର ନକଲ ରାଜ୍ୟ ପରିବହନ କମିଶନର, ଜିଲ୍ଲା ଆରକ୍ଷ ଅଧିକ୍ଷକ, ଉପଖଣ୍ଡ ଆରକ୍ଷି ଅଧିକ୍ଷକ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ବସ୍ ମାଲିକ ସଂଘ ଏବଂ ତାଳଚେର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ପ୍ରତିବାଦ ସଭା

**ମୂଷାଟିକିରି,୨୯/୭/ଏନ୍‌ଏନ୍‌ଏସ୍‌:** ଯାଜପୁର ଜିଲ୍ଲା,ଚଣ୍ଡୀଖୋଲ ସ୍ଥିତ ବି.ବି ସ୍ୱୟଂ ଚାଳିତ ମହାବିଦ୍ୟାଳୟ ଛାତ୍ର ସଂଗଠନ ପକ୍ଷରୁ ଏଫଏମ କଲେଜ ଛାତ୍ରୀ ସହିଦ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏକ ପ୍ରତିବାଦ ସଭା କଲେଜ କ୍ୟାମ୍ପସ ବାହାରେ ରାଜ୍ୟ ନବନିର୍ମାଣ ଯୁବଛାତ୍ର ସଂଗଠକ ସଂଯୋଜକ ଏମଡି,ମନୱର ଅଲିଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅଗଷ୍ଟ ମାସ ୪ ତାରିଖରୁ ଆରମ୍ଭ ପଦଯାତ୍ରା ଓ ସତ୍ୟାଗ୍ରହ ବାଲେଶ୍ୱର ଏଫ୍.ଏମ କଲେଜ ଠାରୁ ବାହାରି ୧୮ ତାରିଖ ଦିନ ଭୁବନେଶ୍ୱର ଲୋୟର ପିଏନଜି ଠାରେ ପହଞ୍ଚିବ ଓ ସମସ୍ତ ଛାତ୍ରଛାତ୍ରୀ ନ୍ୟାୟ ଦାବିରେ ଏହି ପଦଯାତ୍ରାରେ ସାମିଲ ପାଇଁ ଯୁବ-ଛାତ୍ର ସଂଗଠନ ତରଫରୁ ଅମିତ ଜେନା, ରଞ୍ଜିତ ପଟ୍ଟନାୟକ, ଜାହିର ଖାନ, ଅଶ୍ୱିନୀ ଜେନା, ଦିନେଶ ଦାସ, ସ୍ମୃତି ରଞ୍ଜନ ସାମଲ, ପ୍ରମୁଖ କର୍ମକର୍ତ୍ତା ଆହୁତ ଯୁବ ଓ ଛାତ୍ର ସଂଗଠନ ସମାବେଶରେ ଆହ୍ୱାନ ଦେଇ ଅଧ୍ୟାପକ ସମୀର କୁମାର ସାହୁ, ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ କଠୋର ଦଣ୍ଡ ବିଧାନ କରିବା ସହିତ ସେଠାକାର ଆଇଆଇସି,ଏସପି, ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷାନ ନିଆଯାଉ ଓ ନୈତିକତା ହରାଇଥିବା ସେଠାକାର ବିଧାୟକ,ସାଂସଦଙ୍କ ଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ,ସୌମ୍ୟାଶ୍ରୀଙ୍କ ଆତ୍ମାଙ୍କୁ ସମ୍ମାନ ଜଣାଇ ପଦଯାତ୍ରା ଓ ସତ୍ୟାଗ୍ରହର ମୂଳମନ୍ତ୍ର ବୋଲି ଛାତ୍ର ସଂଗଠନର କର୍ମକର୍ତ୍ତା ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ପ୍ରତିଷ୍ଠାତା ଅକ୍ଷୟ କୁମାର ଓ ସଂଯୋଜକ ଶେଷଦେବ ନନ୍ଦ ପ୍ରମୁଖ ଅତିଥି ଗଣ ପ୍ରତିବାଦ ସଭାରେ ଯୋଗଦେଇ ଆତ୍ମହତ୍ୟା ରାସ୍ତା ନୁହେଁ ସଂଘର୍ଷ ହି ଏକମାତ୍ର ବିକଳ୍ପ ର ନାରା ପ୍ରଦାନ କରିଥିଲେ ।

# କମ୍ପାନୀ ଆଗରେ ମୃତଦେହ ରଖି କ୍ଷତିପୂରଣ ଦାବି



**ପରଜଙ୍ଗ,୨୯/୭/ଏନ୍‌ଏନ୍‌ଏସ୍‌:** ପରଜଙ୍ଗ ବ୍ଲକ ଦେଇ ଯାଇଥିବା ପଙ୍ଗାତିରା ବଡ଼ କମର ପୂର୍ତ୍ତ ବିଭାଗ ରାସ୍ତାର କନ୍ଦର ସିଂହା ଶିଳ୍ପ ପ୍ରତିଷ୍ଠାନ ପାଖରେ ଲକ୍ଷ୍ମୀ ସିଭିଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡର ରାସ୍ତା ଉପରେ ଛିଡା ହୋଇଥିବା ଗାଡ଼ିରେ ଗତ ରବିବାର ରାତ୍ର ସମୟରେ ବାଡେଇ ହୋଇ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବ୍ୟକ୍ତି ଜଣଙ୍କ ହେଲେ କନ୍ଦର ସିଂହା ପଞ୍ଚାୟତ କଟରା ପଡ଼ା ଗ୍ରାମର ଜୟ ନାୟକଙ୍କ ପୁଅ ନେତ୍ରାନନ୍ଦ ନାୟକ (୩୫) । ତାଙ୍କ ମୃତଦେହ ଡାକ୍ତରଖାନାରୁ ଘରକୁ ଫେରିବା ପରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀମାନେ ମିଶି କମ୍ପାନୀ ସମ୍ମୁଖରେ ମୃତଦେହକୁ ରଖି କ୍ଷତିପୂରଣ ଦାବି କରିଛନ୍ତି । ଯାହାକୁ ନେଇ ପୂର୍ତ୍ତ ବିଭାଗ ରାସ୍ତା ୩ ରୁ ୪ ଘଣ୍ଟା ଅବରୋଧ ହୋଇ ରହିଥିଲା ପରଜଙ୍ଗ ପୁଲିସ ଖବର ପାଇ ସୁଶ୍ରୀ ଅନାମିକା, ଦେବଗ୍ରହୀ ମହାନ୍ତି ଓ ଯୁଗୋଳ କୁମାର ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ଜଗି ରହିଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚିଲା ପରେ କଥାବାର୍ତ୍ତା ହୋଇ ସମାଧାନ ବାହାରିବା ପାଇଁ ଲୋକମାନେ ଜିଦ୍ ଧରିଛନ୍ତି ।


**NIGAMANANDA SCIENCE HIGHER SECONDARY SCHOOL, CHARICHHAK,NIMAPADA, PURI**

**WALK-IN-INTERVIEW**

Wanted Junior Lecturers / PGTs (Minimum 55% marks in PG/MCA) and Demonstrators (Minimum 55% marks in B.Sc) in Physics, Chemistry, Mathematics, Botany, Zoology, Odia, English, Computer Science., Marketing Executive, Ladies & Gents warden. Candidates may appear in the interview with Bio data, original and photocopy of certificate and mark sheet three passport size photos on dated 10/08/2025 at 10AM in the college premises.

*Salary not a constraints for deserving candidates.

Contact : 9114304040, 7978684196 PRINCIPAL

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org

CAD-1314

ପତ୍ର ସଂଖ୍ୟା-୧୫୧ **ବିଜ୍ଞାପନ** ତା.୧୯.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ- ଏଲ.ଆଇ.ଜି-ବି-୧୭ (LIG-B-17), ଭୂମୁକ୍ତିମା, ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମଧୁସ୍ମିତା ରଥ, ସ୍ୱାମୀ-ଶ୍ରୀ ରଘୁନନ୍ଦନ ଷଡ଼ଙ୍ଗୀ, ସା/ପୋ/ଥାନା/ଜିଲ୍ଲା-ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମଧୁସ୍ମିତା ରଥ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଚିନ୍ମୟୀ ସାମଲ, ସ୍ୱାମୀ-ଶ୍ରୀ କବିନ୍ଦ୍ର ସାମଲ, ସା-ଭଦ୍ରା, ପୋ/ଥାନା-ଜଲେଶ୍ୱର, ଜିଲ୍ଲା-ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ/ ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

OIPR-13030/11/07802526 ସ୍ୱା/ - ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**AFFIDAVIT**

By virtue of affidavit before the Executive Magistrate, Berhampur, Ganjam, Odisha, I the undersigned S Pooja W/o- S Subrat permanent resident At/Po:Baxipalli, PS:Gopalpur, Dist:Ganjam,PIN-761002, Odisha declare that I have changed my name from **Pooja S** to **S Pooja**. Henceforth, I shall be known as **S Pooja** for all future purposes.

**AFFIDAVIT**

By virtue of an affidavit sl.no-2316, sworn before the Executive Magistrate, Banpur, dated 03/09/2024, I Rasmita Swain, aged about 34 yrs, W/o - Sarat Swain, resident of Vill-Ankulapadar, Po-Narendrapur, Ps-Banpur, Dist-Khordha, Odisha -752031 declare that in my aadhaar card name mentioned Rasmita Swain whereas in ration card mentioned Sarita Swain. So Rasmita Swain and Sarita swain is one and same person. So I have changed my name from Sarita Swain to Rasmita Swain. Henceforth, I shall be known as Rasmita Swain for all purposes.

**Rasmita Swain**

**AFFIDAVIT**

**I, Debadas Khatai, S/o-Dandapani Khatai, resident of Nachunibadi, PO- Subalaya, PS- Kabi Surya Nagar, Dist-Ganjam state that, my College Leaving Certificate, year- 1999 from Ravenshaw Autonomous College, Cuttack which has been completely destroyed by white ants and there is no chance of its recovery by affidavit Sl. No. 13052, Dt. 29. 07.2025 before the Executive Magistrate, Cuttack.**

**AFFIDAVIT**

By virtue of an Affidavit in the court of the Executive Magistrate, Kendrapara Dt. 24.02.2025 that Ramesh Kumar Malik, aged about 41 years, S/o-Raghunath Malik of Village- Deypur, Po-Ostapur, PS- Kendrapara Sadar, Dist- Kendrapara, Pin-754212 do hereby solemnly affirm and state that my son namely Manas Malik study in Class 9th of Govt. Saraswati High School, Deypur but at the time of publication is aadhar card vide no. 260527060286 issued by Govt. of India is name has been wrongly recorded as Manash Malik instead of Manas Malik, I declared that Manas Malik and Manasa Malik, S/o-Ramesh Malik of aforesaid address is one and same person. The facts stated above are all true. He shall be known as **Manas Malik** for all future purpose.

**OFFICE OF THE MUNICIPAL COUNCIL : SUNDARGARH**

C-764

Tender Call Notice No. 1620, Dt.22.07.2025
COMPETITIVE BIDDING THROUGH e-Procurement

**NOTICE INVITING TENDER**

**Bid Reference No. SNGM-05/2025-26 / Dt. 22.07.2025**

1. Total No. of works for which tenders invited : 10 Nos.
2. Place of Execution : Different locations of Sundargarh Municipality
3. Estimated cost of individual works excluding GST : Rs.2,40,000/- to Rs.18,53,000/-
4. Eligible Class of contractors : Registered Contractors of Class - 'D' to Class - 'C' as indicated against each work mentioned in the tender call notice.
5. Intending bidders have to participate through - "On-Line" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from 11.00 AM of dt.29.07.2025 to 5.00 PM of dt.12.08.2025 for online bidding.
7. Bids received will be opened on e-procurement system at 11.00 AM onwards on dt.13.08.2025.
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

OIPR-13130/11/0039/2526 Sd/- Executive Officer, Sundargarh Municipality

n-109

**OFFICE OF THE DISTRICT PROJECT CO-ORDINATOR, SAMAGRA SHIKSHA, KHORDHA**

**AT/PO-KHORDHA, DIST-KHORDHA, STATE-ODISHA, PIN-752055**

E-mail : dpckhurdassa.opepa@nic.in, Tel: (06755) 223525

**INVITATION FOR BIDS (IFB)**

**e-Procurement Notice**

**Bid Identification No. 01/CW/SS/2025-26**

**Tender Call Notice No. 2510/28.07.2025**

1. Name of the work : Construction of One no. Additional Class room in col. 2 of Annexure as per DTCN)
2. Total no. of work : 33 Nos. (Percentage Rate)
3. Amount put to tender : As mentioned in col. 3 of Annexure as per DTCN
4. Class of Contractor : As mention in col. 5 of Annexure as per DTCN
5. Period of completion : As mentioned in col.7 of Annexure as per DTCN
6. Bid Security / EMD : As mention in col.4 of Annexure as per DTCN
7. Paper cost : As mention in col.6 of Annexure as per DTCN
8. Other details :

| Tender inviting Authority | Bid Identification No. | Availability of tender online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| District Project Co-ordinator, S.S. Khordha | 01/CW/ SS/2025-26 | 3.00 PM of 04.08.2025 | 5.00 PM of 19.08.2025 | 5.00 PM of 16.08.2025 | 11.00 AM of 20.08.2025 |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website https://tendersodisha.gov.in

OIPR-27101/11/0007/2526 Sd/- District Project Co-ordinator, S.S, Khordha

## ପ୍ରଥମ ପୃଷ୍ଠାରୁ

## ଆକାଂକ୍ଷୀ ଜିଲ୍ଲାରେ ପୂରଣ ...

ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକ୍‌ରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି) କାର୍ଯ୍ୟକାରୀ ହେଉଛି। ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ, ସାରା ଭାରତବର୍ଷର ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ୍‌ଗୁଡ଼ିକରେ ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି ।ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଏବଂ ବ୍ଲକ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟ ନିମନ୍ତେ ଗୌରବର ବିଷୟ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି। ରାଜ୍ୟର ୧୦ ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଯେଉଁ ଜିଲ୍ଲାଗୁଡ଼ିକ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି, ସେମାନେ ନିରାଶ ନହୋଇ ଆହୁରି ଅଧିକ କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସପିରେସ୍‌ନାଲ୍ ଜିଲ୍ଲା ଓ ବ୍ଲକଗୁଡ଼ିକ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ଆଜି ପ୍ରଦାନ କରିଛନ୍ତି। ଆସପିରେସ୍‌ନାଲ୍ ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣପଦକ, କନ୍ଧମାଳ ଓ କୋରାପୁଟ ରୌପ୍ୟପଦକ ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟପଦକ ହାସଲ କରିଛନ୍ତି। ସେହିପରି ଆସପିରେସ୍‌ନାଲ୍ ବ୍ଲକ୍ କାର୍ଯ୍ୟକ୍ରମରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ -ଏହି ଚାରିଟି ବ୍ଲକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ୟ ୭ ବ୍ଲକ ରୌପ୍ୟପଦକ ଏବଂ ୩ ବ୍ଲକ କାଂସ୍ୟପଦକ ଏବଂ ୧୧ ବ୍ଲକ ତାମ୍ରପଦକ ପାଇଛନ୍ତି। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତଙ୍କୁ ନେଇ ଟିମ୍ ୱାର୍କ କରିବା ଏକ ବହୁତ ବଡ଼ ଉପଲବ୍ଧି। ଜିଲ୍ଲାରେ ଗ୍ରୋଥ୍ କରିବାର ମାନସିକତା ସହିତ କାମ କରିବା ହିଁ ପ୍ରକୃତ କାର୍ଯ୍ୟ ଦକ୍ଷତା। ସମସ୍ତ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଆଜି ନିଜର କାର୍ଯ୍ୟ ଦକ୍ଷତା ଦେଖାଇ ପୁରସ୍କୃତ ହେଉଛନ୍ତି ଏହା ଜାଣି ଅନେକ ଖୁସି ଲାଗୁଛି ଏବଂ ଏହା ହିଁ ଆଉ ଟିମ୍ ୱାର୍କର ଲକ୍ଷଣ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଅସ୍ପିରେସ୍‌ନାଲ୍ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମରୁ ଅତିଦୁର୍ଗମ ଅଞ୍ଚଳରେ ପହଞ୍ଚି ଯୋଜନା କାର୍ଯ୍ୟକାରୀ କରାଯାଇପାରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲରେ ଏହି ଯୋଜନା ସହାୟକ ହେବ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ସମସ୍ତ ଜନକଲ୍ୟାଣକାରୀ ଯୋଜନା କିପରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିପାରିବ ସେ ଦିଗରେ କାର୍ଯ୍ୟକରିବା। ପରିଶେଷରେ ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ ଓ ବିଡିଓମାନେ ଉପସ୍ଥିତ ଥିଲେ।

## ଅଗଷ୍ଟ ୨୯ରୁ ଏସ୍‌ସି ଏସ୍‌ଟି ...

ଓ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବାଚସ୍ପତି ଓଡ଼ିଶାକୁ ଏଭଳି ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଲୋକସଭାର ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ। ସେ କହିଥିଲେ ଯେ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ। ଓଡ଼ିଶା 'ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଥାଏ। ଏଣୁ ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରହେ ତାହା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବେ। ଏହିସବୁ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିବା ପାଇଁ ଲୋକସଭାର ନିର୍ଦ୍ଦେଶକ ଡ. ଯମ୍‌ନାମ୍ ଅରୁଣ କୁମାରଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଓଡ଼ିଶା ଗସ୍ତରେ ଅଛନ୍ତି। ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୁଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୮ କାଉଡ଼ିଆ ମୃତ, ୨୦ ...

ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ଘଟଣାର କାରଣ ଅତ୍ୟଧିକ ବେଗ ଓ ଚାଳକଙ୍କ ଅସାବଧାନତା ହୋଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଅଧିକାରୀମାନେ ଅତି କମ୍‌ରେ ୯ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଥିବା ବେଳେ, ବିଜେପି ସାଂସଦ ନିଶିକାନ୍ତ ଦୁବେ କିନ୍ତୁ ଦାବି କରିଛନ୍ତି ଯେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ତେବେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ବାସିନ୍ଦାମାନେ ପ୍ରଥମେ ମୋହନପୁର ପୁଲିସ୍ ଷ୍ଟେସନ୍ ପ୍ରଭାରୀ ପ୍ରିୟରଞ୍ଜନଙ୍କୁ ସୂଚନା ଦେଇଥିଲେ, ଯିଏ ତାଙ୍କ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ବ୍ଲକ ବିକାଶ ଅଧିକାରୀଙ୍କୁ ଜଣାଇଥିଲେ। ଆହତମାନଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ମୋହନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ନିଆଯାଇଥିଲା, ଏବଂ ପରେ ଅଧିକ ଚିକିତ୍ସା ପାଇଁ ଦେଓଘର ସଦର ହସ୍ପିଟାଲ୍‌କୁ ପଠାଯାଇଥିଲା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନକୁ ଆହତମାନଙ୍କ ପାଇଁ ଚିକିତ୍ସା ସୁବିଧା ସହିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଯୋଗାଇଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାବା ବୈଦ୍ୟନାଥ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଭକ୍ତଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏବଂ ଶୋକସନ୍ତପ୍ତ ପରିବାରକୁ ଏହି ଦୁଃଖଦ ମୁହୂର୍ତ୍ତକୁ ସହ୍ୟ କରିବା ପାଇଁ ଶକ୍ତି ଦିଅନ୍ତୁ ବୋଲି ସେ କହିଛନ୍ତି।

## ୨୪ ଘଣ୍ଟାରେ ୫ ଜିଲ୍ଲାକୁ ...

ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏସବୁ ଜିଲ୍ଲାରେ ଝଟକା ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ଆସନ୍ତାକାଲି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୱାର୍ଣ୍ଣିଂ ହୋଇଥିବା ଜିଲ୍ଲାଗୁଡ଼ିକରେ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ମୌସୁମୀ ଅକ୍ଷ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ବରଲା, ଗାଜାଟୋଲା, ... ଦୀଘା ଉପରେ ଏବଂ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଏବଂ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଗତି କରୁଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୫୯୬.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି ଯାହା ସ୍ୱାଭାବିକ ବର୍ଷା ୫୨୬.୪ ମିଲିମିଟର ଠାରୁ ୧୩ % ଅଧିକ। ଏହି ସମୟ ମଧ୍ୟରେ ୧ ଜିଲ୍ଲାରେ ଅତି ଅଧିକ, ୮ ଜିଲ୍ଲାରେ ଅଧିକ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍ ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୁଲରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୪.୦ ଡିଗ୍ରୀ ଓ ସର୍ବନିମ୍ନ ଫୁଲବାଣୀରେ ୨୦.୦ ଡିଗ୍ରୀ ରେକର୍ଡ ହୋଇଥିଲା।

## ଶ୍ରୀମନ୍ଦିର ଭିତରେ ହିଡେନ୍ ...

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀମନ୍ଦିରକୁ ହିଡେନ୍ କ୍ୟାମେରା ନେଇ ଯୁବକଙ୍କ ପ୍ରବେଶ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନା ପୁଲିସ ପଚରାଉଚରା କରିବା ସହିତ ନୋଟିସ୍ ଦେଇ ଛାଡ଼ି ଦେଇଛି। ତେବେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁରୀର ଅତିରିକ୍ତ ଏସପି ସୁଶୀଳ କୁମାର ମିଶ୍ର ସୂଚନା ଦେଇଥିଲେ।

## ୨୨ ମିନିଟ୍‌ରେ ନେଇଛୁ ...

ଭାରତର ପକ୍ଷ ଦେଖି ପାରୁନାହାନ୍ତି, ସେମାନଙ୍କୁ ଆଇନା ଦେଖାଇବା ପାଇଁ ଛିଡ଼ା ହୋଇଛନ୍ତି ବୋଲି ମୋଦୀ କହିଛନ୍ତି। ନିଜର ୧ଘଣ୍ଟା ୪୦ମିନିଟ୍ ଅବଧିର ଭାଷଣ ଅବସରରେ ମୋଦୀ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ପହଲଗାମ୍ ଘଟଣାରେ ଭାରତ କେବଳ ଅପରେସନ୍ ସିନ୍ଦୂର ପର୍ଯ୍ୟନ୍ତ ସୀମିତ ରହିନାହିଁ ବରଂ ପାକିସ୍ତାନ ବିପକ୍ଷରେ ସିନ୍ଧୁଜଳ ଚୁକ୍ତି ଭଳି ଅନେକ କୂଟନୈତିକ ନିଷ୍ପତ୍ତି ନେଇଛି ଯାହା ପାକିସ୍ତାନକୁ ବିକଳ ସ୍ଥିତିରେ ପକାଇଦେଇଛି। ପ୍ରଧାନମନ୍ତ୍ରୀ ମୋଦୀ ସଂସଦରେ ଉପସ୍ଥିତ ସମସ୍ତ ବିରୋଧୀ ତଥା ଦଳୀୟ ସାଂସଦଙ୍କୁ ସୂଚନା ଦେଇ କହିଥିଲେ ଯେ ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ଗୁଳି ମାରିଥିଲେ। ଏହା ଆତଙ୍କବାଦର ନିର୍ମମତାର ଚରମ ସୀମା ଥିଲା। ଭାରତ ମଧ୍ୟ ଏହାର ବଡ଼ ଜବାବ ଦେବାକୁ ଶପଥ ନେଇଥିଲା। ଦେଶବାସୀଙ୍କ ଏକତା ଏବଂ ସେନାର ସାମର୍ଥ୍ୟରୁ ସୃଷ୍ଟି ହୋଇଥିଲା ଅପରେସନ୍ ସିନ୍ଦୂର। ସେନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ୨୨ ଏପ୍ରିଲ ଘଟଣାକୁ ଦୃଷ୍ଟିରେ ରଖି ସେନାକୁ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ସେନାବାହିନୀ ହିଁ ନିଷ୍ପତ୍ତି ନେଇଥିଲେ କେବେ, କେଉଁଠାରେ ଓ କିପରି ଜବାବ ଦେବେ। ପହଲଗାମ ଘଟଣା ପରେ ପାକିସ୍ତାନ ମଧ୍ୟ ଏତେମାତ୍ରାରେ ଭୟଭୀତ ହୋଇପଡ଼ିଥିଲା ଯେ ଏହା ଭାରତକୁ ପରମାଣୁ ଆକ୍ରମଣର ଧମକ ମଧ୍ୟ ଦେଇଥିଲା। କିନ୍ତୁ ଭାରତ ପରମାଣୁ ଆକ୍ରମଣର ଧମକ ଆଗରେ ମୁଣ୍ଡ ନୁଆଁଇନଥିଲା ଏବଂ ପ୍ରବଳ ଆକ୍ରମଣ କରିଥିଲା। ଆତଙ୍କବାଦୀମାନଙ୍କୁ ଏଭଳି ଶାସ୍ତି ଦିଆଯାଇଛି ଯେ ସେମାନଙ୍କ ପାଳନକର୍ତ୍ତା ଏବଂ ଭାଗ୍ୟ ବିଧାତାଙ୍କ ନିଦ ହଜିଯାଇଛି। ଅପରେସନ୍ ସିନ୍ଦୂର' ପରିପ୍ରେକ୍ଷୀରେ ୧୯୦ରୁ ଉର୍ଦ୍ଧ୍ୱ ଦେଶ ସେନାଙ୍କ ସମର୍ଥନ କରିଛନ୍ତି ବୋଲି ମୋଦୀ କହିଛନ୍ତି। ତେବେ ଅପରେସନ୍ ସିନ୍ଦୂର ସମୟରେ ଦେଶବାସୀଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ସେ ସର୍ବଦା ଋଣୀ ରହିବେ ବୋଲି କହିବାକୁ ମୋଦୀ ଭୁଲିନଥିଲେ। ତେବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ବିରୋଧୀ ସାଂସଦଙ୍କ ଅନେକ ପ୍ରଶ୍ନର ଉତ୍ତର ମୋଦୀ ସିଧାସଳଖ ନଦେଇ ଡିପ୍ଲୋମାଟିକ୍ ଉତ୍ତର ଦେବା ଦେଖିବାକୁ ମିଳିଥିଲା। ରାହୁଲ କହିଥିଲେ ସାହସ ଥିଲେ ଯଦି ମୋଦୀ ସିଧାସିଧା କହନ୍ତୁ ଯେ ପାକିସ୍ତାନ ସହ ଅସ୍ତ୍ରବିରତି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମିଛ କହୁଛନ୍ତି। ଏହାର ଜବାବରେ ମୋଦୀ ଉତ୍ତର ଦେଇଥିଲେ ଯେ, ବିଶ୍ୱର କୌଣସି ଦେଶ ଅସ୍ତ୍ରବିରତି ପାଇଁ ଭାରତ ଉପରେ ଚାପ ପକାଇବାକୁ ସାହସ କରିନଥିଲେ କିମ୍ବା ଭାରତ କେଉଁ ଦେଶର ଚାପରେ ଆସି ଅସ୍ତ୍ରବିରତି କରିନାହିଁ। ମୋଦୀ ଦୋହରାଇଥିଲେ ଯେ ପାକିସ୍ତାନ ସେନାର ଡିଜିଏମ୍‌ଓ ସ୍ତରୀୟ ଅଧିକାରୀମାନେ ଏକାଧିକ ଥର ଫୋନ୍ କରି ଅସ୍ତ୍ରବିରତି ପାଇଁ ଗୁହାରି କରିଥିଲେ। ଭାରତ ମଧ୍ୟ ନିଜ ଲକ୍ଷ୍ୟ ସାଧନ କରିସାରିଥିବାରୁ ଏହା ଉପରେ ବିଚାର କରିଥିଲା ଏବଂ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲା। ସେହିପରି ରାହୁଲ କହିଥିଲେ ଯେ ପାକିସ୍ତାନକୁ ଅନ୍ତର୍ଜାତୀୟସ୍ତରରେ ସମର୍ଥନ ମିଳିଥିଲା। ଜବାବରେ ମୋଦୀ କହିଥିଲେ ଯେ ବିଶ୍ୱର ୧୯୬ଟି ଦେଶ ମଧ୍ୟରୁ କେବଳ ୩ଟି ଦେଶ ପାକିସ୍ତାନ ସପକ୍ଷରେ ମତ ଦେଇଥିଲେ, କିନ୍ତୁ ଭାରତ ପ୍ରତି ୧୬୦ରୁ ଉର୍ଦ୍ଧ୍ୱ ଦେଶ ସମର୍ଥନ ବ୍ୟକ୍ତ କରିଥିଲେ। ସେହିପରି ଭାରତୀୟ ସେନାର ଯୁଦ୍ଧ ବିମାନ ଖସିଥିବା ସମ୍ପର୍କରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଯେଉଁ ଚର୍ଚ୍ଚା ହେଉଛି ସେ ସମ୍ପର୍କିତ ରାହୁଲଙ୍କ ପ୍ରଶ୍ନ ଉପରେ ପ୍ରଧାନମନ୍ତ୍ରୀ କିଛି ବି କହିନଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ନିଜ ଭାଷଣ ରଖିଥିଲେ। ଶାହ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶାହ କହିଥିଲେ ଯେ ଯେଉଁ କଂଗ୍ରେସ ଆଜି ପିଓକେ କଥା ଉଠାଉଛି ସେହି କଂଗ୍ରେସ ହିଁ ପିଓକେ ପାଇଁ ଦାୟୀ। ଇତିହାସ ଏହାର ସାକ୍ଷୀ ହୋଇ ରହିଛି। ନେହରୁଙ୍କ ସମୟରୁ ହିଁ ଭାରତ ପାକିସ୍ତାନ ମଧ୍ୟରେ ପିଓକେ ବିବାଦୀୟ ପ୍ରସଙ୍ଗ ହୋଇ ଉଭା ହୋଇଥିଲା। ସେହିପରି ଦିନକ ପୂର୍ବେ ଭାରତୀୟ ସେନାର ଏନ୍‌କାଉଣ୍ଟର୍‌ରେ ପ୍ରାଣ ହରାଇଥିବା ୩ ଆତଙ୍କବାଦୀଙ୍କ ସମ୍ପର୍କରେ ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ଶାହ। ଶାହ କହିଛନ୍ତି, ପହଲଗାମ୍ ଘଟଣାରେ ସମ୍ପୃକ୍ତ ଏହି ୩ ଆତଙ୍କବାଦୀଙ୍କୁ ସେନା ଖୋଜିବା ଜାରି ରଖିଥିଲା। ସୁଚିନ୍ତିତ ଯୋଜନା କ୍ରମେ ସେମାନଙ୍କୁ ନିପାତ କରାଯାଇଛି। ପହଲଗାମ୍ ଘଟଣାର ୩ ମାସ ମଧ୍ୟରେ ଏମାନଙ୍କୁ ନିପାତ କରିବା ଭାରତୀୟ ସେନାର ସାମର୍ଥ୍ୟ ପ୍ରତିପାଦିତ କରୁଛି। ଯେତେବେଳେ ଏମାନେ ଲୁଚି ରହିଥିଲେ ସେତେବେଳେ ବିରୋଧୀ ଦଳ ପ୍ରଶ୍ନ କରୁଥିଲେ ଆଜି ପର୍ଯ୍ୟନ୍ତ କାହିଁକି ଆତଙ୍କବାଦୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ଆଉ ଆଜି ଯେତେବେଳେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେତେବେଳେ ମଧ୍ୟ ବିରୋଧୀ ପ୍ରଶ୍ନ କରୁଛନ୍ତି ଯେ, ସଂସଦରେ ଆଲୋଚନା ଚାଲିଥିବା ବେଳେ ଏହି ଆତଙ୍କବାଦୀଙ୍କୁ ସେନା କିପରି ଏନ୍‌କାଉଣ୍ଟର କରିପାରିଲା। ବିରୋଧୀଙ୍କ ଚରିତ୍ର ହେଉଛି ସେନାର ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇବା। ଏହାର କୌଣସି ଉତ୍ତର କିମ୍ବା ସମାଧାନ ନାହିଁ ବୋଲି ଶାହ କହିଛନ୍ତି।

# ଶେଷରେ ସୂର୍ଯ୍ୟମନ୍ଦିର ପ୍ରବେଶପଥରୁ ହଟିଲା ଟେନ୍‌ସାଇଲ୍ ଫାବ୍ରିକ୍ ସେଡ୍



**କୋଣାର୍କ,୨୯/୭/ଏନ୍‌ଏନ୍‌ଏସ୍:** ସୂର୍ଯ୍ୟମନ୍ଦିର ସମ୍ମୁଖରେ ନିର୍ମାଣ କରାଯାଉଥିବା ଟେନସାଇଲ୍ ଫାବ୍ରିକ୍ ସେଡ କୁ ସ୍ଥାନୀୟ କେତେକ ଗୋଷ୍ଠୀଙ୍କ ବିରୋଧକୁ ନଜରରେ ରଖି ଶେଷରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏଏସଆଇ ପକ୍ଷରୁ ଏହାକୁ ଖୋଲିଦିଆଯାଇଛି।

ଦେଶ ବିଦେଶ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ଟେନସାଇଲ୍ ଫାବ୍ରିକ୍ ସେଡ୍‌କୁ ମନ୍ଦିର ସମ୍ମୁଖ ରେ ଥିବା ଟିକେଟ କାଉଣ୍ଟର ଓ ପିଇବା ପାଣି ନିକଟରେ ଏହାକୁ ସ୍ଥାପିତ କରାଯିବ ବୋଲି ଏଏସ୍‌ଆଇର ପୁରୀ ସର୍କଲ ସୁପେରିଟେଣ୍ଡେଣ୍ଟ ଡକ୍ଟର ଡିବି ଗଡନାୟକ ସୂଚନା ଦେଇଛନ୍ତି। ସୂଚନାଥାଉ କି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ପାଇଁ ପ୍ରତିଦିନ ଦେଶ ବିଦେଶର ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଖରା ବର୍ଷାରେ ଟିକେଟ ଧରି ଲମ୍ବା ଧାଡିରେ ସୁରକ୍ଷିତ ଭାବେ ଧାଡିରେ ଠିଆ ହୋଇ ସୂର୍ଯ୍ୟମନ୍ଦିରକୁ ସ୍ୱତନ୍ତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ୍ ୧୦ଗୋଟି ଟର୍ଣ୍ଣଷ୍ଟାଇଲି ପ୍ରବେଶ ଗେଟ୍ ମାଧ୍ୟମରେ ପ୍ରବେଶ କରିବାପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ୩୦ମିଟର ଲମ୍ବା ଓ ୧୧ମିଟର ଚଉଡା ସହ ୫.୫ଫୁଟ ଉଚ୍ଚତା ବିଶିଷ୍ଟ ଟେନ୍‌ସାଇଲ୍ ଫାବ୍ରିକ୍ ସେଡ୍ ଗତ କିଛି ଦିନ ହେବ ନିର୍ମାଣ କରାଯାଇଥିଲା। ମାତ୍ର ଏହାକୁ ସ୍ଥାନୀୟ କେତେକ ଗୋଷ୍ଠୀ ସୂର୍ଯ୍ୟମନ୍ଦିରର ବାହାରର ସୌନ୍ଦର୍ଯ୍ୟ କମିଯିବା ଅଭିଯୋଗ କରି ବିରୋଧ କରିବାରୁ ତୁରନ୍ତ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

## ସ୍କୁଲ୍ ଗେଟ୍‌ରେ ତାଲାପକାଇ ଧାରଣା



**ବାରଙ୍ଗ,୨୯/୭/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ ରତାଗଡ଼ ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଜଗନ୍ନାଥ ମାରାଣ୍ଡିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଯାହାକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୩ ମସିହାରେ ଜଗନ୍ନାଥ ମାରଣ୍ଡି ଯୋଗଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭଲ ମନ୍ଦ ବୁଝି ସେ କ୍ରମାଗତ ଭାବରେ ଶିକ୍ଷାଦାନ କରିଆସୁଥିଲେ। ଯେଉଁଥି ପାଇଁ ସେ ପିଲାମାନଙ୍କର ପ୍ରିୟ ହୋଇପାରିଥିଲେ। ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଦାବିନେଇ ମଙ୍ଗଳବାର ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ଶୀଘ୍ର ସମାଧାନ ନିମନ୍ତେ ଉପରିସ୍ଥ ଅଧିକାରୀ ଓ ବିଇଓ କହିବା ପରେ ୧୨ଟା ସମୟରେ ଛାତ୍ରଛାତ୍ରୀମାନେ ଗେଟ୍ ଖୋଲି ବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ସାନମୁଣ୍ଡଳୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ପାଣ୍ଡବ ବେହେରା, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀମାନେ ଧାରଣାରେ ବସି ରହିଥିଲେ।

## କଦଳୀବନ୍ଧ ବିଦ୍ୟାଳୟରେ ବୃକ୍ଷରୋପଣ

## ଗଛ ଲଗାଇଲେ ତହସିଲଦାର୍

**ଓଡ଼ଗାଁ,୨୯/୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦଳୀବନ୍ଧରେ ମଙ୍ଗଳବାର 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ, ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ସାହୁ, ଖେଳମଣିଷ ଦିବାକର ନାୟକ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା,ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ, ବନରକ୍ଷୀ ସୌମ୍ୟରଂଜନ ଦଳେଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେଶ ପାଣିଗ୍ରାହୀ, ଯଶୋବନ୍ତ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ଗଣେଶ୍ୱର ସାହୁ, ସାରସ କୁମାର ମିଶ୍ର, ରାମକୃଷ୍ଣ ପରିଡା, ଫକିର ମହାରଣା ଏବଂ ଯୁବସଂଗଠକ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ସମସ୍ତ ଛାତ୍ରାଭିଭାବକ, ଛାତ୍ରଛାତ୍ରୀ ମାନଙ୍କ ଗହଣରେ ବିଦ୍ୟାଳୟ ହତାମଧ୍ୟରେ ଆମ୍ବ, ନଡ଼ିଆ, ପିଜୁଳି, ଚମ୍ପା, ବଉଳ, ଅମୃତଭଣ୍ଡା, ସଜନା, ଜାମୁ, କରମଙ୍ଗା, ଅଶୋକ, କଦଳୀ ଇତ୍ୟାଦି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପରିବେଶ ସଫାସୁତୁରା, ମଧ୍ୟାହ୍ନ ଭୋଜନ ବଗିଚା, ଛାତ୍ରଛାତ୍ରୀଙ୍କ ବ୍ୟବହାର ଦେଖି ଅତିଥିମାନେ ବହୁତ ଖୁସିବ୍ୟକ୍ତ କରିଥିଲେ। ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ଶିକ୍ଷୟିତ୍ରୀ ରିତା ପଣ୍ଡା ବିଦ୍ୟାଳୟରେ ଲଗାଯାଇଥିବା ଗଛର ଯତ୍ନନେବା, ପିଲାମାନଙ୍କୁ ମୋବାଇଲ ରୂପକ ସୈତାନ ଠାରୁ ଦୂରେଇ ରଖିବା, ପଲିଥିନର ବ୍ୟବହାର ନକରିବା ପାଇଁ ଶପଥପାଠ କରାଇଥିଲେ। ଜରିମୁଣାର ବ୍ୟବହାର ନକରିବା ପାଇଁ ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କୁ ଗୋଟିଏ ଲେଖାଏଁ ସୁତୁଲିବ୍ୟାଗ୍ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବୃକ୍ଷର ଯତ୍ନ ନେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ କଲମ ପୁରସ୍କାର ଦିଆଯାଇଥିଲା।




## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ଜଟଣୀ,୨୯/୭/ଏନ୍‌ଏନ୍‌ଏସ୍:** ଜଟଣୀ ଥାନା ଅନ୍ତର୍ଗତ ଗ୍ୟାସ ଫ୍ୟାକ୍ଟ୍ରି ରାସ୍ତାରେ ଥିବା ତାରିଣୀ ମନ୍ଦିର ନିକଟ ମଧୁସୂଦନ ନଗରରେ ନିଜର ବାସଭବନରେ ରୁବି ବିବି ନାମକ ୩୭ ବର୍ଷୀୟ ମହିଳା ପାରିବାରିକ କଳହ କାରଣରୁ ଘର କବାଟ ବନ୍ଦ କରି ନିଜ ଦେହରେ କିସରାସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସୂଚନା ମୁତାବକ ମହିଳା ଜଣକ ପାରିବାରିକ କଳହ କାରଣରୁ ନିଜ ଦେହରେ କିରିସିନ୍ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ ସମୟରେ ମହିଳା ଜଣକର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶ୍ରମ ବାହିନୀ ଏବଂ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଜଳନ୍ତା ଅବସ୍ଥାରେ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ସେମାନେ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲକୁ ରେଫର କରିଥିଲେ। ଜଟଣୀ ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଚଳାଉଥିବା ପ୍ରକାଶ ପାଇଛି।

## ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ଜେଲ୍‌ଗଲେ ଯୁବକ

**ଜଟଣୀ,୨୯/୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଟ୍ରାଫିକ କଲୋନୀ କ୍ୱାଟର ନଂ ଡି.୧୭/ସି ନିକଟରେ ଥିବା ଫୁଲ ତୋଳୁଥିବା ସମୟରେ ମହିଳାଙ୍କ ବେକରୁ ହୋଇଛି ସୁନା ଚେନ ଛିନ୍‌ତାଇ। ସୂଚନା ମୁତାବକ ଟ୍ରାଫିକ କଲୋନୀ କ୍ୱାର୍ଟର ନିକଟରେ ଥିବା ଫୁଲ ଗଛରୁ ସକାଳ ୯ ଘଟିକା ସମୟରେ ସାରଦାମଣି ସାହୁ ପୂଜା ନିମନ୍ତେ ଫୁଲ ତୋଳୁଥିବା ସମୟରେ ନିଶାସକ୍ତ ଅଭିଯୁକ୍ତ ସିମାଞ୍ଚଳ ବାରିକ ଓରଫ କୁଇନ ହଠାତ ଆସି ବେକରୁ ସୁନା ଚେନ ଛିଡାଇ ମହିଳାଙ୍କୁ ଧକା ପକାଇ ଦୌଡ଼ି ପଳାଇଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ ମହିଳାଙ୍କ ପୁଅ ରବୀନ୍ଦ୍ର କୁମାର ସାହୁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ କ୍ଷ ଅଭିଯୋଗକୁ ଆଧାର କରି ପୁଲିସ ଏହି ଘଟଣାର ତଦନ୍ତକରି ବିଶେଷ ସୂତ୍ରରୁ ଖବର ପାଇ ଅଚାନକ ଚଢ଼ାଉକରି ସ୍ଥାନୀୟ ଲୋକକଲୋନୀସ୍ଥିତ ସାଇ ବାବା ମନ୍ଦିର ନିକଟରୁ କାବୁ କରି ଥାନାକୁ ଆଣି ପଚାରିବାରୁ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲା। ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଗଞ୍ଜେଇ ଜବତ, ବେପାରୀ ଗିରଫ

**ମୁଣ୍ଡମୁହାଣ,୨୯/୭/ଏନ୍‌ଏନ୍‌ଏସ୍:** ତମାଣ୍ଡୋ ଥାନାର ଏସ.ଆଇ ଉମାକାନ୍ତ ସାହୁଙ୍କ ରିପୋର୍ଟ ଆଧାରରେ, ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଶଙ୍କର୍ଷଣ ପାଇକରାୟଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ସୋମବାର ରାତି ପ୍ରାୟ ୯ଟା ସମୟରେ ତମାଣ୍ଡୋ ଥାନାଧିକାରୀ, କଳିଙ୍ଗ ବିହାରର ଡିଏନ ମଲର ପଛ ପାର୍ଶ୍ୱରେ ଏକ ଜରି ବ୍ୟାଗରେ ଚୋରା ଗଞ୍ଜେଇ ନେଇ ବିକ୍ରି କରିବାକୁ ଅପେକ୍ଷା କରିଥିବା ଜଣେ ବ୍ୟକ୍ତି ବିଷୟରେ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ। ନିର୍ଦ୍ଦେଶକ୍ରମେ ଏସ.ଆଇ ଉମାକାନ୍ତ ସାହୁ ତାଙ୍କର ଟୀମଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିବା ପରେ, ଅଭିଯୁକ୍ତ ଶଙ୍କର୍ଷଣଙ୍କୁ, ଏକ ଜରି ବ୍ୟାଗ ସହିତ ଏକ ପାନ ଦୋକାନ ନିକଟରୁ ଗିରଫ କରିଥିଲେ। ତଲାସି ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ୧.୧୦୦ କିଲୋଗ୍ରାମ ଓଜନର ଗଞ୍ଜେଇ ଥିବା ଏକ ଧଳା ବ୍ୟାଗ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କ ଜେରା ସମୟରେ, ସେ ଗତ ଦୁଇ ମାସ ଧରି ଏପରି ଚୋରା ଦ୍ରବ୍ୟ ବ୍ୟବସାୟ କରିଆସୁଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି।

## ବୃହତ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମରେ ମନ୍ଥରତା

**ନୟାଗଡ଼,୨୯/୭/ଏନ୍‌ଏନ୍‌ଏସ୍:** ନୟାଗଡ଼କୁ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବସୁଧା ଓ ଜଳ ଜୀବନ ମିସନ ଜରିଆରେ ୬ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଏହି ପ୍ରକଳ୍ପର ମନ୍ଥରା ନେଇ ସମସ୍ତେ ଏବେ ଦ୍ୱନ୍ଦ୍ୱରେ ଅଛନ୍ତି। ଅବଧି ପରେ ଅବଧି ଗଡ଼ି ଚାଲୁଥିଲେ ମଧ୍ୟଏହି ପ୍ରକଳ୍ପଗୁଡ଼ିକ ଶେଷ ହୋଇପାରୁନାହିଁ।

ଚଳିତ ବର୍ଷ ଶେଷ ସୁଦ୍ଧା ଗୋଟିଏ ପ୍ରକଳ୍ପ ଓ ବାକି ୫ଟା ଆସନ୍ତା ୨୦୨୬ରେ ଶେଷ ହେବ ବୋଲି ପାନୀୟ ଜଳ ଓ ପରିମଳ ବିଭାଗ ଆର୍‌ଡବ୍ଲୁଏସ୍‌ଏସ୍ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ ଏବେ ବି ଆଶଙ୍କା ରହିଛି ।ଜିଲ୍ଲାର ସବୁଠାରୁ ବୃହତ୍ତ ମେଗା ପାନୀୟଜଳ ପ୍ରକଳ୍ପ ଖଣ୍ଡପଡ଼ା ବ୍ଲକ୍‌ରେ ନିର୍ମାଣ କରାଯାଉଛି। ଏଥିପାଇଁ ୬୦୩,୪୪ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଯୋଗୁ ନୟାଗଡ଼, ଖଣ୍ଡପଡ଼ା, ନୂଆଗାଁ ଓ ଭାପୁର ବ୍ଲକ୍‌ର ୭୯ଟି ପଞ୍ଚାୟତର ୪୯୮ଟି ଗାଁ ଉପକୃତ ହେବେ ବୋଲି ଆକଳନ କରାଯାଉଛି। ୨୦୧୯ମସିହାରେ ଏହି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଥିବା ବେଳେ ୨୦୨୧ ଡିସେମ୍ବର ୫ ତାରିଖରେ ଏହା ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଇତି ମଧ୍ୟରେ ଦୁଇଟି ଅବଧି ପରିବର୍ଦ୍ଧିତ ହୋଇ ସମୟସୀମା ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ ବିଭିନ୍ନ ସମସ୍ୟାରେ ଏହି ପ୍ରକଳ୍ପଟି ରହିଥିଲେ ମଧ୍ୟ ଚଳିତବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଜଳ ଜୀବନ ମିସନ ଅଧୀନରେ ଓଡ଼ଗାଁରେ ଆଉ ଏକ ପ୍ରକଳ୍ପ ତିଆରି ଚାଲିଛି। ଏହା ଦ୍ୱାରା ଓଡ଼ଗାଁର ୩୬ ଓ ରଣପୁର ବ୍ଲକ୍‌ର ୬ଟିକୁ ମିଶାଇ ମୋଟ୍ ୪୨ଟି ପଞ୍ଚାୟତ ଉପକୃତ ହେବା ସେଥିପାଇଁ ୨୩୬.୬୭ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ୨୫୧.୮୭ କୋଟି ଟଙ୍କା ବ୍ୟୟରେ ରଣପୁର ବ୍ଲକ୍‌ର ୩୧ ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦିଆଯିବ ଏହି ପ୍ରକଳ୍ପ ଦୁଇଟିକୁ ଆସନ୍ତା ୨୦୨୬ ଜୁନ୍ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୯୭.୬୬ କୋଟି ଟଙ୍କାରେ ଗଣିଆ ବ୍ଲକ୍‌ରେ ୮ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇଦେବା ପାଇଁ ଆଉ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଦଶପଲ୍ଲା ବ୍ଲକର ୨୦ଟି ପଞ୍ଚାୟତକୁ ପାଣି ଯୋଗାଇ ଦେବା ପାଇଁ ୨୪୨.୭୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି କରାଯାଉଛି। ନୂଆଗାଁ ବ୍ଲକରେ ୧୪୪.୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୪ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ତିନି ପ୍ରକଳ୍ପ ୨୦୨୩ ମାର୍ଚ୍ଚ ୧୫ ତାରିଖରେ ଆରମ୍ଭହୋଇଥିବା ବେଳେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ଏହା ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ସଦୃଶ ହୋଇଛି।

## ଆଜିର ଇତିହାସ

- ୧୮୮୬-ପ୍ରସିଦ୍ଧ ମହିଳା ଚିକିତ୍ସକ, ସାମାଜିକ କାର୍ଯ୍ୟକର୍ତ୍ତା ଓ ପଦ୍ମଭୂଷଣ ପ୍ରାପ୍ତ ଲକ୍ଷ୍ମୀଙ୍କ ଜନ୍ମଦିନ।
- ୧୯୨୩-ବିଂଶ ଶତାବ୍ଦୀର ଜଣାଶୁଣା ଚିନ୍ତକ, ସଂସ୍କୃତଜ୍ଞ ତଥା ସୌନ୍ଦର୍ଯ୍ୟଶାସ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ପାଣ୍ଡେଙ୍କ ଜନ୍ମଦିନ।
- ୨୦୦୪-ଭାରତ-ପାକିସ୍ତାନ ମଧ୍ୟରେ ତୁଲବୁଲ୍ ପରିଯୋଜନା ଉପରେ କଥାବାର୍ତ୍ତା ହୋଇଥିଲା।
- ୨୦୧୨-ଆନ୍ଧ୍ରପ୍ରଦେଶରେ ଏକ ଟ୍ରେନଗାଡ଼ିରେ ନିଆଁ ଲାଗିବାରୁ ୩୨ ଜଣ ଲୋକଙ୍କର ମୃତ୍ୟୁ ହେବା ସହିତ ୨୭ ଜଣ ଆଘାତପ୍ରାପ୍ତ ହୋଇଥିଲେ।
- ୨୦୧୨-ଦେଶରେ ପାୱାର ଗ୍ରିଡ୍ ଖରାପ ହେବା କାରଣରୁ ୩୦କୋଟି ଲୋକଙ୍କୁ ବିଜୁଳି ବିନା ରହିବାକୁ ପଡ଼ିଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୫୨୨୪୦

**ମେଷ** - ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ପ୍ରୟାସ ଉପରେ ଧ୍ୟାନ ଦେବେ। ପ୍ରଲୋଭନରେ ପଡ଼ିବେ ନାହିଁ। ପରିବାର ସଦସ୍ୟଙ୍କ ଠାରୁ କଟୁ ବଚନ ଶୁଣିବେ। ଯୋଜନା ପ୍ରସ୍ତୁତ କରିବେ।

**ବୃଷ** - ମିଶ୍ରିତ ଫଳ ପ୍ରାପ୍ତି ହେବ। କୌଣସି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ସମ୍ମିଳିତ ହେବେ। ଭାବୁକ ହୋଇ ନିର୍ଣ୍ଣୟ ନେଲେ ଭଲ ନୁହେଁ। ଛୋଟ ପିଲାଙ୍କ ସହିତ ମଉଜମସ୍ତି କରିବେ। ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବ।

**ମିଥୁନ** - ବାତାବରଣ ଆଜି ଆନନ୍ଦମୟ ହେବ। କାମ ଚାପ ପାଇଁ ଟେନ୍‌ସନ୍ ରହିବ। ବାହନର ପ୍ରୟୋଗ ସାବଧାନ ହୋଇ କରିବେ। ଖର୍ଚ୍ଚ ବଢ଼ିବ। ଦାୟିତ୍ୱରେ ଢ଼ିଲା କରିବେ ନାହିଁ। ଆଜି ଧୋକା ହୋଇପାରେ।

**କର୍କଟ** - ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କ ପାଇଁ ଦିନଟି ଉତ୍ତମ। ମନରେ କାମକୁ ନେଇ ଟେନ୍‌ସନ୍ ରହିବ। କୌଣସି ପଦ ପ୍ରାପ୍ତି ହୋଇପାରେ। ପାରିବାରିକ ସମ୍ପର୍କ ଖୁବ୍ ଭଲ ରହିବ।

**ସିଂହ** - ଦିନଟି ଆନନ୍ଦମୟ ରହିବ। ଅତିଥିଙ୍କ ଆଗମନ ହୋଇପାରେ। ମନର ଇଚ୍ଛା ପୂରା ହୋଇପାରେ। ଅଜଣା ଲୋକଙ୍କ ଉପରେ ଭରସା ନକଲେ ଭଲ। ପ୍ରେମୀମାନେ ରାତ୍ରିଭୋଜନ ପାଇଁ ଯାଇପାରନ୍ତି।

**କନ୍ୟା** - ରଚନାତ୍ମକ କାର୍ଯ୍ୟ ସହିତ ଜଡ଼ିତ ହୋଇ ରହିବେ। କିଛି ନୂଆ ଲୋକଙ୍କ ସହିତ ସମ୍ପର୍କ ବଢ଼ିବ। କ୍ୟାରିୟରରେ ଲାଭ ମିଳିବ। ପରିବାରରେ ଏକଜୁଟତା ରହିବ। ସମୟ ଥାଉ ଥାଉ ପ୍ରତିଜ୍ଞା ପୂରା କରିବେ।

**ତୁଳା** - ବ୍ୟବସାୟୀମାନେ ସାବଧାନ ରହିବେ। କାନୁନୀ ମାମଲାରୁ ମୁକ୍ତି ମିଳିବ। ବାତାବରଣ ଆନନ୍ଦମୟ ରହିବ। ପାରିବାରିକ ସମ୍ପର୍କ ମଜଭୁତ ରହିବ। ଈର୍ଷାଳୁଙ୍କ ପ୍ରତି ସାବଧାନ ରହିବେ।

**ବିଛା** - ଧାର୍ କରନ୍ତୁ ନାହିଁ। ବିପରୀତ ପରିସ୍ଥିତିରେ ଧୈର୍ଯ୍ୟ ବଜାୟ ରଖିବେ। କୌଣସି ବଡ଼ ନିବେଶ କରିଲେ କ୍ଷତି ସହିବେ। ଭାଗୀଦାରୀ କାମ ନକଲେ ଭଲ। ଭାଇ-ଭଉଣୀଙ୍କ ସାଥ୍ ପାଇବେ।

**ଧନୁ** - ଧନଧାନ୍ୟ ବୃଦ୍ଧି ଯୋଗ ଅଛି। ଚାକିରି ପରିବର୍ତ୍ତନ କରିପାରନ୍ତି। ମିତ୍ରଙ୍କ ସହିତ ସାକ୍ଷାତ ଆନନ୍ଦ ଦେବ। ସନ୍ତାନକୁ ଦାୟିତ୍ୱ ଦେଲେ କ୍ଷତି ସହିବେ। ଶ୍ରୀଘ୍ରତା ପାଇଁ କାମରେ ଭୁଲ୍ କରିବେ।

**ମକର** - କୌଣସି ବଡ଼ ଲକ୍ଷ୍ୟକୁ ପୂରା କରିବେ। ନିକଟ ସମ୍ପର୍କୀୟଙ୍କ ସହିତ ତାଳମେଳ ରକ୍ଷା କରିବେ। ଦୂର ଯାତ୍ରାରେ ଯାଇପାରନ୍ତି। ସାଥି ସହିତ ସାକ୍ଷାତ ହୋଇପାରେ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ।

**କୁମ୍ଭ** - ଆଜି ଉର୍ଜାବାନ ରହିବେ। ଅନେକଗୁଡ଼ିଏ କାମ ହାତକୁ ଆସିପାରେ। ସମସ୍ୟାକୁ ନେଇ କଥାବାର୍ତ୍ତା ହେବେ। କାମକୁ ନେଇ ଭ୍ରମଣ କରିପାରନ୍ତି। ଯୋଜନା ପ୍ରସ୍ତୁତ କରି ଆଗକୁ ବଢ଼ିବେ।

**ମୀନ** - ଔଦ୍ୟୋଗିକ କ୍ଷେତ୍ରରେ ଲୋକପ୍ରିୟ ହେବେ। ଟିମ୍ ୱାର୍କ ଜରିଆରେ ଖୁବ୍ ନାମ କମେଇବେ। ସନ୍ତାନ ମନ ଲଗେଇ କାମ କରିବେ। ନୂଆ କାମ କରିବାର ଇଚ୍ଛା ଜାଗ୍ରତ ହେବ।



ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍।। (୧୧/୧୦)
ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍।। (୧୧/୧୧)

ସେହି ଐଶ୍ୱରିକ ରୂପରେ ଅନେକ ମୁଖ, ଅନେକ ନେତ୍ର, ଅନେକ ଅଦ୍ଭୁତ ଦର୍ଶନୀୟ ବସ୍ତୁ, ଅନେକ ଦିବ୍ୟ ଅଳଙ୍କାର ଓ ଅନେକ ସଜ୍ଜିତ ଦିବ୍ୟାସ୍ତ୍ର ବିଦ୍ୟମାନ। ସେହି ବିଶ୍ୱରୂପ ଦିବ୍ୟମାଲ୍ୟ ଓ ଦିବ୍ୟବସ୍ତ୍ର ଦ୍ୱାରା ସୁଶୋଭିତ। ଦିବ୍ୟଗନ୍ଧ ଦ୍ୱାରା ଅନୁଲିପ୍ତ। ଅତି ଅଦ୍ଭୁତ ଦୀପ୍ତିଶାଳୀ ଓ ସର୍ବତ୍ର ମୁଖବିଶିଷ୍ଟ ଦୃଶ୍ୟମାନ ହେଉଥିଲା। ଶ୍ରୀ ରାମକୃଷ୍ଣ କହନ୍ତି - ମହାପୁରୁଷମାନେ ଭକ୍ତିର ଅଞ୍ଜନ ନେତ୍ରବିନ୍ଦୁରେ ଲେପନ କରିଥାନ୍ତି। ଶ୍ରୀମତୀ ରାଧା ତାଙ୍କର ସଖୀମାନଙ୍କୁ ଏକଦା କହିଥିଲେ ଯେ ସେ ଯେଉଁଆଡ଼କୁ ଚାହାନ୍ତି, ଦେଖନ୍ତି କେବଳ ଶ୍ରୀକୃଷ୍ଣଙ୍କୁ। ଏ କଥା ଶୁଣି ତାଙ୍କର ସଖୀମାନେ କହିଲେ - ଯେହେତୁ ତୁମର ନେତ୍ରବିନ୍ଦୁ ଭକ୍ତିର ଦିବ୍ୟ ଅଞ୍ଜନ ଦ୍ୱାରା ଅଭିଷିକ୍ତ, ସେଥିପାଇଁ ତୁମେ ତୁମର ପ୍ରିୟ ଶ୍ରୀକୃଷ୍ଣଙ୍କୁ ଏପରି ଭାବରେ ଦେଖିପାରୁଛ।

# ଲଞ୍ଚ୍ ହେବ ନୂଆ ଉପଗ୍ରହ



ଇସ୍ରୋ ଓ ନାସାର ସଂଯୁକ୍ତ ମିଶନ, ନାସା-ଇସ୍ରୋ ସିନ୍ଥେଟିକ୍ ଆପର୍ଚ୍ୟୋର୍ ରାଡାର (ନିସାର)କୁ ଆଜି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ୍ ଅନ୍ତରୀକ୍ଷ କେନ୍ଦ୍ରରୁ ଲଞ୍ଚ କରାଯିବାର ଯୋଜନା ରହିଛି। ଦେଶରେ ନିର୍ମିତ ଜିଏସ୍ଏଲ୍ଭି-ଏଫ୍୧୬ ରକେଟ୍ ଜରିଆରେ ଏହାକୁ ଅନ୍ତରୀକ୍ଷକୁ ପଠାଯିବ। ଏହି ଆଧୁନିକ ରାଡାର ଉପଗ୍ରହଟିକୁ ୭୪୦ କି.ମି ଉଚ୍ଚରେ ସ୍ଥାପିତ କରାଯିବ। ବାଦଲ ଓ ବର୍ଷା ସତ୍ତ୍ୱେ ବି ଏହା ୨୪ ଘଣ୍ଟା ପୃଥିବୀର ଫଟୋ ଉଠେଇପାରିବ। ଭୂସ୍ଖଳନ, ବିପର୍ଯ୍ୟୟ ପ୍ରବନ୍ଧନ ଓ ଜଳବାୟୁ ପରିବର୍ତ୍ତନ ଉପରେ ମଧ୍ୟ ଦୃଷ୍ଟି ରଖିପାରିବ ଏହି ଉପଗ୍ରହ। ତେବେ ଏହି ଉପଗ୍ରହ କେବଳ ଯେ ଭାରତ, ଆମେରିକା ପାଇଁ ଲାଭଦାୟକ ପ୍ରମାଣିତ ହେବ ତାହା ନୁହେଁ ପୁରା ଦୁନିଆ ପାଇଁ ମଧ୍ୟ ଲାଭକାରୀ ସାବ୍ୟସ୍ତ ହେବ ବୋଲି ଇସ୍ରୋର ଅଧ୍ୟକ୍ଷ କହିଛନ୍ତି। ଏହା ପୂର୍ବରୁ ୨୬ ଜାନୁଆରୀରେ ୧.୫ କି.ଗ୍ରା ଓଜନ ସହିତ ଲଞ୍ଚ କରାଯାଇଥିବା ଆଦିତ୍ୟ ଏଲ୍୧ ଉପଗ୍ରହ ସୂର୍ଯ୍ୟଙ୍କ ସମ୍ପର୍କରେ ତଥ୍ୟ ଦେଉଛି ଯେଉଁଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଉଛି। ଇସ୍ରୋ କେବଳ ତାମିଲନାଡୁ, କେରଳ ବା ଉତ୍ତର ଭାରତର ରାଜ୍ୟଗୁଡ଼ିକ ପାଇଁ ଅଲଗା ଅଲଗା ଭାବରେ କାମ ନକରି ପୁରା ଦେଶର ଆବଶ୍ୟକତା ଉପରେ ଅଧ୍ୟୟନ କରିଥାଏ। ଡିସେମ୍ବରରେ ଏକ ମାନବରହିତ ମିଶନ ଅନ୍ତରୀକ୍ଷକୁ ପଠାଯିବ। ଯଦି ଏହା ସଫଳ ରହିବ ତେବେ ଆସନ୍ତା ବର୍ଷ ଆଉ ଦୁଇଟି ମାନବରହିତ ମିଶନ ପଠାଯିବାର ଯୋଜନା ରହିଛି। ଏହାପରେ ୨୦୨୭ରେ ମାନବଯୁକ୍ତ ମିଶନ ଲଞ୍ଚ କରାଯିବ। ଇସ୍ରୋର ଅଧ୍ୟକ୍ଷ 'ଚନ୍ଦ୍ରଯାନ-୪' ମିଶନକୁ ନେଇ ମଧ୍ୟ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ମିଶନ ଚନ୍ଦ୍ରପୃଷ୍ଠରେ ଓହ୍ଲାଇ ସେଠାରୁ ନମୁନା ଆଣିବ। ଏହାକୁ ସଫଳ କରିବା ପାଇଁ ଇସ୍ରୋ ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ ରହିଛି।

# କଫି ଓ ବ୍ଲଡ୍ ସୁଗାର୍



ଦୁନିଆର ଲକ୍ଷାଧିକ ଲୋକଙ୍କ ପରି ଏକ କପ୍ କଫିରୁ ଆପଣଙ୍କର ସକାଳ ଆରମ୍ଭ ହେଉଛି କି? କିମ୍ବା ଦିନସାରା କାମ ବୋଝରୁ ମୁକ୍ତି ପାଇବା ପାଇଁ କଫି ବ୍ରେକ୍ ନେଉଛନ୍ତି କି? କଫି କେବଳ ଏକ ପାନୀୟ ନୁହେଁ ଅନେକ ଲୋକଙ୍କ ପାଇଁ ଏହା ଏନର୍ଜିର ସୋର୍ସ। ଦିନସାରା କ୍ଳାନ୍ତି ଦୂର କରିବାର ଏକ ଉପାୟ। କିନ୍ତୁ ଏହି ପସନ୍ଦଯୋଗ୍ୟ ପାନୀୟ ଆପଣଙ୍କ ବ୍ଲଡ୍ ସୁଗାର ଉପରେ କ'ଣ ପ୍ରଭାବ ପକଉଛି ସେ ବିଷୟରେ ଜାଣିଛନ୍ତି କି? କିଛି ଅଧ୍ୟୟନ ଅନୁସାରେ କଫିରେ ଥିବା କ୍ୟାଫିନ୍ କିଛି ସମୟ ପାଇଁ ସୁଗାର୍ ସ୍ତରକୁ ବୃଦ୍ଧି କରାଇପାରେ। କାରଣ କଫି ଚାପ ସୃଷ୍ଟି କରୁଥିବା ହର୍ମୋନ୍ ଆଡ୍ରେନାଲାଇନ୍‌କୁ ବୃଦ୍ଧି କରାଏ ଯାହା କୋଷିକାଗୁଡ଼ିକର ସୁଗାର୍ ସ୍ତରକୁ ପ୍ରୋସେସ୍ କରିବାର କ୍ଷମତାକୁ ଅସ୍ଥାୟୀ ଭାବରେ କମ୍ କରିଥାଏ। ଏହା ଇନ୍ସୁଲିନ୍ ସେନ୍ସିଟିଭିଟିକୁ ମଧ୍ୟ ପ୍ରଭାବିତ କରିପାରେ। ଏହାର ଅର୍ଥ କୋଷିକାଗୁଡ଼ିକ ଇନ୍ସୁଲିନ୍ ହର୍ମୋନ୍ ପ୍ରତି ସେତିକି ଭଲ ପ୍ରତିକ୍ରିୟା ଦିଅନ୍ତି ନାହିଁ ଯେତିକି ଦେବା ଉଚିତ। କଫିରେ କେବଳ କ୍ୟାଫିନ୍ ନଥାଏ ଅନ୍ୟ ବାୟୋଆକ୍ଟିଭ୍ ଯୌଗିକ ଆଣ୍ଟିଅକ୍ସିଡେଣ୍ଟ ଓ ମ୍ୟାଗ୍ନେସିୟମ୍ ପରି ତତ୍ତ୍ୱଗୁଡ଼ିକ ଥାଆନ୍ତି। ଏହି ତତ୍ତ୍ୱଗୁଡ଼ିକ ଶରୀରରୁ ସୁଗାର୍ କମ୍ କରି ଇନ୍ସୁଲିନ୍ ସେନ୍ସିଟିଭିଟିକୁ ବୃଦ୍ଧି କରିବାରେ ସାହାଯ୍ୟ କରିପାରନ୍ତି ଯେଉଁ କାରଣରୁ ଦୀର୍ଘ ସମୟ ଧରି ସୁଗାର୍ ସ୍ତରରେ ସୁଧାର ହୋଇପାରେ। ତେବେ କଫିରେ ଆପଣ ମିଶଉଥିବା ଚିନି, କ୍ରିମ୍ ବା ଫ୍ଲେଭର୍ଡ ସିରପ୍ ପରି ଜିନିଷ ସୁଗାର୍ ସ୍ତରକୁ ବୃଦ୍ଧି କରାଇପାରନ୍ତି। କିନ୍ତୁ ବିନା ଚିନି ଓ କ୍ଷୀରରେ ତିଆରି ବ୍ଲାକ୍ କଫିରେ କ୍ୟାଲୋରୀ ଓ କାର୍ବୋହାଇଡ୍ରେଟ୍ ବହୁତ କମ୍ ପରିମାଣରେ ଥାଏ। ତେଣୁ କଫି ପିଇବାର ସମୟ ଓ ମାତ୍ରା ଉପରେ ମଧ୍ୟ ଧ୍ୟାନ ଦେବା ଜରୁରୀ।

# ମହାଦେବ ପାହାଡ଼ର ଧାର୍ମିକ ମହତ୍ତ୍ୱ



କାଶ୍ମୀରର ମହାଦେବ ପାହାଡ଼ ପାଖରେ ହୋଇଥିବା ଏକ ବଡ଼ ଅପରେସନ୍ ଅନ୍ତର୍ଗତ ସୁରକ୍ଷା ବଳ ୨୨ ଏପ୍ରିଲ୍‌ରେ ପହଲଗାମ୍ ଆକ୍ରମଣରେ ସାମିଲ ହୋଇଥିବା ତିନି ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଦେଇଛନ୍ତି। ଏହି ପବିତ୍ର ପାହାଡ଼ ଉପରେ ହୋଇଥିବା ଏହି ଅପରେସନ୍‌ର ନାମ ରଖାଯାଇଥିଲା 'ଅପରେସନ୍ ମହାଦେବ'। ପ୍ରାଚୀନ ଗ୍ରନ୍ଥ ଓ କାଶ୍ମୀରର ଲୋକକଥାଗୁଡ଼ିକରେ ଉଲ୍ଲେଖ ଥିବା ଏକ ପବିତ୍ର ସ୍ଥାନ ହେଉଛି ମହାଦେବ ପାହାଡ଼। ୧୩,୦୦୦ ଫୁଟ୍ ଉଚ୍ଚରେ ଥିବା ଏହି ପାହାଡ଼କୁ ଶ୍ରୀନଗରର ସବୁଠାରୁ ଉଚ୍ଚ ବିନ୍ଦୁ ବୋଲି କୁହାଯାଏ ଓ କାଶ୍ମୀର ପରମ୍ପରା ମଧ୍ୟରେ ଏହା ଏକ ପୂଜନୀୟ ସ୍ଥାନ। ପହଲଗାମ୍ ଆକ୍ରମଣରେ ଧର୍ମ ଆଧାରରେ ଆତଙ୍କୀମାନେ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ସେହିପରି 'ଅପରେସନ୍ ମହାଦେବ'ର ସମୟ ମଧ୍ୟ ବହୁତ ଖାସ୍ ଥିଲା। ଶ୍ରାବଣ ପୂର୍ଣ୍ଣିମାର ଠିକ୍ ପୂର୍ବରୁ ଏହି ଅପରେସନ୍ କରାଯାଇଥିଲା। ହିନ୍ଦୁ ଧର୍ମରେ ଭଗବାନ ଶିବଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ପାଇଁ ଶ୍ରାବଣ ମାସରେ ବିଶେଷ ପୂଜାର୍ଚ୍ଚନା କରାଯାଏ। ଇତିହାସକାରଙ୍କ ଅନୁସାରେ କାଶ୍ମୀରୀ ପଣ୍ଡିତମାନେ ଏହି ପର୍ବତକୁ ତୀର୍ଥଯାତ୍ରା କରିବାକୁ ଯାଆନ୍ତି। ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପବିତ୍ର ସ୍ଥାନରେ ଏକ ପ୍ରାଚୀନ ଗ୍ଲାସିୟର ରହିଛି ଯାହା ବର୍ଷସାରା ଜମାଟ ବାନ୍ଧି ରହିଥାଏ ଯେଉଁଠାରୁ ବରଫ ଆଣି ଶ୍ରୀନଗରର ରାସ୍ତାରେ ଲୋକମାନେ ବିକ୍ରି କରନ୍ତି। ମହାଦେବ ପର୍ବତ ଶ୍ରୀନଗରର ଜବରୱାନ୍ ରେଞ୍ଜର ଅଂଶବିଶେଷ ଯାହାକୁ ସ୍ଥାନୀୟ ଭାଷାରେ ମହାଦେବ ଗଳି ବୋଲି କୁହାଯାଏ ଓ କାଶ୍ମୀରୀ ପଣ୍ଡିତମାନେ ଏହାକୁ ଭଗବାନ ଶିବଙ୍କ ନିବାସ ସ୍ଥାନ ଭାବରେ ମାନନ୍ତି। ଲୋକକଥା ଅନୁସାରେ ଭଗବାନ ଶିବ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ସମୟରେ ଏହି ରାସ୍ତା ଦେଇ ଅତିକ୍ରମ କରିଥିଲେ ଯେଉଁଠାରେ ସେ ମାତା ପାର୍ବତୀଙ୍କୁ ଶୁଣାଇଥିଲେ ଅମର କଥା। ତେବେ ପ୍ରାଚୀନ ଗ୍ରନ୍ଥ, ପୁରାଣ ଆଦିରେ ଓ ଦ୍ୱାଦଶ ଶତାବ୍ଦୀର 'ରାଜତରଙ୍ଗିଣୀ'ରେ ମହାଦେବଗିରି ବିଷୟରେ ଉଲ୍ଲେଖ ରହିଛି।

# ବନ୍ଧୁତା ଦିବସ




**ଦୁନିଆକୁ ଆସିବା ପୂର୍ବରୁ ଆମ ଜୀବନର ସବୁ ସମ୍ପର୍କ ସ୍ଥିର ହୋଇଥାଏ। କିନ୍ତୁ ବନ୍ଧୁତା ପରି ସମ୍ପର୍କକୁ ଆମେ ନିଜେ ଚୟନ କରିଥାନ୍ତି ଓ ସମୟ ସହିତ ଏହି ସମ୍ପର୍କ ଆମ ପାଇଁ ଖାସ୍ ହୋଇଯାଏ। ଏହି ବନ୍ଧୁ ଖରାପ ପରିସ୍ଥିତିରେ କାନ୍ଧକୁ କାନ୍ଧ ମିଶାଇ ଆମ ପାଖରେ ଛିଡ଼ା ହୋଇଥାଏ। ନିଜକୁ ସମସ୍ୟାରେ ପକାଇ ଆମକୁ ବିପଦ ଭିତରୁ ଟାଣି ଆଣିଥାଏ। ବନ୍ଧୁତାର ଏହି ସମ୍ପର୍କକୁ ସେଲିବ୍ରେଟ୍ କରିବା ପାଇଁ ପ୍ରତି ବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ ବନ୍ଧୁତା ଦିବସ।**



**ଇତିହାସ**-୧୯୫୮ରେ ଅନ୍ତର୍ଜାତୀୟ ନାଗରିକ ସଂଗଠନ, ୱାର୍ଲଡ ଫ୍ରେଣ୍ଡସିପ୍ କ୍ରୁସେଡ୍ ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ରଖିବା ପାଇଁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ରଖିଥିଲା। ୨୦୧୧ରେ ମିଳିତ ଜାତିସଂଘ ଆଜିର ଦିନରେ ଔପଚାରିକ ଭାବରେ ଏହି ଦିବସ ପାଳନ କରିବା ନେଇ ଘୋଷଣା କରିଥିଲେ। ଏହାପରେ ସମୟ ସହିତ ଧୀରେ ଧୀରେ ଏହି ଦିବସର ମହତ୍ତ୍ୱକୁ ବୁଝିବା ସହିତ ଲୋକମାନେ ପରସ୍ପର ପ୍ରତି ସ୍ନେହଭାବକୁ ବୃଦ୍ଧି କରିବା ପାଇଁ ଖାସ୍ ଉପାୟରେ ବନ୍ଧୁତା ଦିବସ ପାଳନ କରିବାକୁ ଲାଗିଲେ। ତେବେ କିଛି ଅନ୍ୟ ଦେଶ ଆର୍ଜେଣ୍ଟିନା, ଉରୁଗ୍ୱେ ଓ ବ୍ରାଜିଲ୍‌ରେ ଅଲଗା ଅଲଗା ଦିନରେ ବନ୍ଧୁତା ଦିବସ ପାଳନ କରାଯାଏ। ଆମ ଦେଶରେ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ବନ୍ଧୁତା ଦିବସ ପାଳନ କରାଯାଏ। ଲୋକମାନେ ଏହିଦିନ ସାଙ୍ଗସାଥିଙ୍କୁ ଶୁଭେଚ୍ଛା ଜଣାଇ ଉପହାର ଆଦି ଦିଅନ୍ତି ଯେପରି ସେମାନଙ୍କର ସମ୍ପର୍କ ଆହୁରି ମଜଭୁତ ହୋଇପାରିବ।






# ମାନବ ତସ୍କରୀ



ଆମ ଦେଶ ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ମାନବ ତସ୍କରୀ ଖୁବ୍ ସଫଳତାର ସହିତ ଚାଲିଛି। ଦକ୍ଷିଣ ଏସିଆ ଓ ପ୍ରଶାନ୍ତ କ୍ଷେତ୍ର ଆଜି ଦୁନିଆର ଅନ୍ୟ କୌଣସି ସ୍ଥାନ ତୁଳନାରେ ମାନବ ତସ୍କରୀ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। କିଛି ରିପୋର୍ଟ ଅନୁସାରେ ଆଧୁନିକ ଦାସତ୍ୱ ଦ୍ୱାରା ପ୍ରଭାବିତ ୬୨ ପ୍ରତିଶତ ଲୋକ ଏକାକୀ ଏହି କ୍ଷେତ୍ରରେ ରହନ୍ତି। ମିଳିତ ଜାତିସଂଘ ଅନୁସାରେ ବିଶେଷ ଭାବରେ ଦକ୍ଷିଣ ଏସିଆ ଯେଉଁଥିରେ ବାଂଲାଦେଶ, ଭୁଟାନ, ଭାରତ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଓ ଶ୍ରୀଲଙ୍କା ପରି ଦେଶଗୁଡ଼ିକ ସାମିଲ ଅଛନ୍ତି ସେଠାରେ ମାନବ ତସ୍କରୀରେ ଫସିଥିବା ପିଲାମାନଙ୍କର ସଂଖ୍ୟା ସବୁଠାରୁ ଅଧିକ ଯାହା ଉପ-ସାହାରା ଆଫ୍ରିକା ପରେ ଦ୍ୱିତୀୟ ସ୍ଥାନରେ ରହିଛି। ଆମ ଦେଶରେ ମାନବ ତସ୍କରୀ ଦ୍ୱାରା ପୀଡ଼ିତମାନଙ୍କର ସଂଖ୍ୟା ଅଧିକ ରହିଛି ଯେଉଁମାନେ ଜବରଦସ୍ତି ଭାବରେ ବା ବନ୍ଧୁଆ ମଜଦୁରୀ କାମ କରୁଛନ୍ତି। ସେମାନେ ଇଟାଭାଟି, କପଡ଼ା କାରଖାନା, କୃଷି ବା ପଥର ଖଣିଗୁଡ଼ିକରେ ଦିନରେ ୧୨ ଘଣ୍ଟା ବା ତା'ଠାରୁ ଅଧିକ ଘଣ୍ଟା ଧରି କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଚାକିରି ଓ ବଡ଼ ସ୍ତରରେ ପ୍ରମୋଶନ ଦେବାର ପ୍ରତିଜ୍ଞା କରି ଉତ୍ସାହିତ କରାଯାଇଥାଏ। ସେମାନଙ୍କର ଜୀବନ, ସେମାନଙ୍କର ପରିବାରର ଜୀବନ, ଆମାନବୀୟ କାର୍ଯ୍ୟକଳାପ ଓ ଜୀବନର ସ୍ଥିତିଗୁଡ଼ିକ ଦ୍ୱାରା ଭରି ରହିଥାଏ ଯାହା ମାଲିକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ଓ ସେମାନଙ୍କୁ ଏକ ବସ୍ତୁ ପରି ବ୍ୟବହାର କରାଯାଏ। କିଛି ପରିବାର ପିଢ଼ି ପରେ ପିଢ଼ି ଏହି କ୍ଷେତ୍ରରେ କାମ କରିବାକୁ ବାଧ ହୋଇଥାନ୍ତି। ଏଥିରେ ଶିକାର ହେଉଥିବା ଲୋକମାନଙ୍କ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କର ଅଧିକାରଗୁଡ଼ିକୁ ପ୍ରଚାର ଓ ସଂରକ୍ଷଣ କରିବା ପାଇଁ ଆଜିର ଦିନରେ ମିଳିତ ଜାତିସଂଘ ବିଶ୍ୱ ମାନବ ତସ୍କରୀ ନିଷେଧ ଦିବସ ପାଳନ କରେ।

# 'ବର୍ଡର୍-୨'ରେ ମେଧାଙ୍କ ଏଣ୍ଟ୍ରି





ସନି ଦେଓଲ ଅଭିନୀତ ଫିଲ୍ମ 'ବର୍ଡର୍-୨' ଆସନ୍ତା ବର୍ଷ ୨୩ ଜାନୁଆରୀରେ ବଡ଼ ପରଦାରେ ଦସ୍ତକ ଦେବ। ଏଥିରେ ସନିଙ୍କ ସହିତ ବରୁଣ ଧୱନ୍, ଦିଲଜିତ୍ ଦୋସାଂଝ ଓ ଅହାନ ସେଟ୍ଟି ମୁଖ୍ୟ ଭୂମିକାରେ ନଜର ଆସିବେ। ତେବେ ନିର୍ମାତାମାନେ ସୋସିଆଲ୍ ମିଡିଆରେ ଏକ ଖବର ସେୟାର୍ କରିଛନ୍ତି ଯାହା ଖୁବ୍ ଭାଇରାଲ୍ ହେଉଛି। ଏହି ଖବର ପରେ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି 'ବର୍ଡର-୨'। ଫିଲ୍ମରେ ବରୁଣଙ୍କ ଲଭ୍ ଇଣ୍ଟେରେଷ୍ଟ ଭାବରେ ଅଭିନେତ୍ରୀ ମେଧା ରାଣାଙ୍କୁ କାଷ୍ଟ କରାଯାଇଛି ଯେଉଁ ଖବର ପାଇବା ପରେ ମେଧାଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଖେଳିଯାଇଛି ଖୁସିର ଲହର। ନିକଟରେ ଫିଲ୍ମର ସୁଟିଂକୁ ନେଇ ଖବର ଆସିଥିଲା ଓ ଦିଲ୍‌ଜିତ ଏକ ଭିଡିଓ ମଧ୍ୟ ସେୟାର୍ କରିଥିଲେ। ଏହାପରେ ପୁଣି ଥରେ ମେଧାଙ୍କ ଏଣ୍ଟ୍ରି ନେଇ ଆସିଥିବା ଖବର ଦର୍ଶକମାନଙ୍କ ଉତ୍ସାହକୁ ଦୁଇ ଗୁଣ କରିଦେଇଛି। ତେବେ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଏହା ପୂର୍ବରୁ ମେଧା ଫିଲ୍ମ ଇସ୍କ୍ ଦି ଏୟାର୍, ଫ୍ରାଇଡେ ନାଇଟ୍ ପ୍ଲାନ୍‌ରେ କାମ କରିସାରିଛନ୍ତି। ଓଟିଟି ଦୁନିଆରେ ମେଧା ୨୦୨୨ରେ ଆସିଥିବା ୱେବ୍ ସିରିଜ 'ଲଣ୍ଡନ ଫାଇଲ୍ସ' ଜରିଆରେ ଡେବ୍ୟୁ କରିସାରିଛନ୍ତି। ଏହି ସିରିଜ ଜରିଆରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ ମେଧା। ଏଥିରେ ତାଙ୍କ ସହିତ ଥିଲେ ଅର୍ଜୁନ ରାମପାଲ୍ ଓ ପୂରବ କୋହଲି। ଅଭିନୟ ଜଗତକୁ ଆସିବା ପୂର୍ବରୁ ମେଧା ମଡେଲିଂ ଦୁନିଆରେ ମଧ୍ୟ ନିଜର ଛାପ ଛାଡ଼ିସାରିଛନ୍ତି। କେତେକ ମ୍ୟୁଜିକ୍ ଭିଡିଓଜ୍‌ରେ ମଧ୍ୟ କାମ କରିଛନ୍ତି ମେଧା। ଅର୍ମାନ ମଲିକଙ୍କ ଗୀତ 'ବରସାତ୍' ଓ ଅନୁଭ ଜୈନଙ୍କ ଗୀତ 'ଗୁଲ୍'ରେ ବି ମେଧା ନଜର ଆସିଥିଲେ। ଅଚାନକ ଚର୍ଚ୍ଚାର ପରିସରକୁ ଆସିଥିବା ମେଧାଙ୍କ ତୁଳନା କରାଯାଉଛି 'ସୈୟାରା' ଗାର୍ଲ ଅନୀତ ପଡ୍ଡାଙ୍କ ସହିତ। କିନ୍ତୁ ଦର୍ଶକଙ୍କ ଅନୁସାରେ ମେଧା ରାଣା ବଲିଉଡ୍‌ର ନୂଆ ବେଯୋଡ଼ ଫ୍ରେସ୍ ଫେସ୍ ହୋଇଯିବେ।

# ନାରୀ ସୁରକ୍ଷା ଓ ସ୍ୱାଭିମାନ ପାଇଁ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ଧାରଣା



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି । ଜଣେ ମହିଳା ଘରୁ ବାହାରିଲେ ତା'ର କର୍ମ କ୍ଷେତ୍ରକୁ ସୁରକ୍ଷିତରେ ଘରକୁ ଫେରିବ ବୋଲି ଏହି ବିଜେପି ସରକାରରେ କୌଣସି ଗ୍ୟାରେଣ୍ଟି ନାହିଁ । ବିଗତ ଦିନରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଗଭୀରତାର ସହ ନେଇ ବିଜୁ ଜନତା ଦଳର ସାଂସଦମାନେ ଆଜି ସଂସଦ ଭବନର ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିଥିଲେ । ଏସ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି କରିବା ସହ ବଳଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ । ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ ଦାବି କରିଥିଲେ । ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।

## ବୁଣାକାର ସେବା କେନ୍ଦ୍ର ସହ ମିଶନ୍ ଶକ୍ତିର ବୁଝାମଣା ସ୍ୱାକ୍ଷରିତ

# ବୟନ ପରମ୍ପରାକୁ ଆଗକୁ ନେଉଛନ୍ତି ସ୍ୱୟଂସହାୟକ ଗୋଷ୍ଠୀ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମତବ୍ୟକ୍ତ କରିଛନ୍ତି । ଆଜି ମିଶନ୍ ଶକ୍ତି ଭବନର ଅଡିଟରିୟମ ହଲ୍‌ରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ବୁଣାକାର ମା' ଓ ଭଉଣୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମିଶନ୍ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ରର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରେଇବାରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି ।

ନିକଟରେ ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିବା ମୟୂରଭଞ୍ଜର ସାନ୍ତାଳି ବୟନ ଶିଳ୍ପର ପୁନରୁଦ୍ଧାର ଓ କେଉଁଝର ଜିଲ୍ଲାର ମହିଳା ସଂକୀର୍ତ୍ତନ କଥାକୁ ଦୋହରାଇ ଶ୍ରୀମତୀ ପରିଡ଼ା କହିଲେ ଯେ ଆଜି ଓଡ଼ିଶାର ମା'ମାନେ ସମଗ୍ର ଦେଶରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ପୂର୍ଣ୍ଣ ଭାବେ ହାସଲ କରିବା ପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଜ, ସୁବିଧା ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆମେ ଲକ୍ଷପତି ଦିଦି ମା' ମାନଙ୍କୁ ଏବେ କୋଟିପତି କରିବାକୁ ପ୍ରୟାସ ଜାରି ରଖିଛୁ ବୋଲି ଶ୍ରୀମତୀ ପରିଡ଼ା ଦୃଢ଼ ମତ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘର ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଓଡ଼ିଶାର ଉଦ୍ୟୋଗୀ ମହିଳାଙ୍କ ପାଇଁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ଏକ ଉଦୀୟମାନ କ୍ଷେତ୍ର ଅଟେ । ହଜାର ହଜାର ଏସଏଚଜି ସଦସ୍ୟା ତନ୍ତ ବୁଣା, ସିଲାଇ, ଏମ୍ବ୍ରୋଇଡାରି ଏବଂ ଘରୋଇ ଉତ୍ପାଦକୁ ନିଜର ଜୀବନଜୀବିକା ଭାବେ ଗ୍ରହଣ କରିଥିବା ବେଳେ ଏହି ବୁଝାବଣା ପତ୍ର ଆଧୁନିକ, ଡିଜାଇନ୍ ଏବଂ ବଜାର ପ୍ରସ୍ତୁତ ଇକୋସିଷ୍ଟମ ନିର୍ମାଣ ଦିଗରେ ସହାୟକ ହେବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି । ବିଭାଗୀୟ ସହଭାଗିତାରେ ଏହି ପଦକ୍ଷେପ ଡିଜାଇନ୍ ମେଣ୍ଟରସିପ୍, ନମୁନା ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବ ସହ ଏକ ସ୍ଥାୟୀ ମହିଳା-ନେତୃତ୍ୱାଧୀନ ବୟନ ଉଦ୍ୟୋଗ ନିର୍ମାଣ ଏବଂ ବୟନ ମୂଲ୍ୟ ଶୃଙ୍ଖଳ ଗଢ଼ିବାରେ ସହାୟକ ହେବ ବୋଲି ବିଭାଗର ନିର୍ଦ୍ଦେଶକ, ଡ. ମୋନିକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ଆଲୋକପାତ କରି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିକାଶ କୁମାର, ଉପନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର କହିଛନ୍ତି ଯେ ଓଡ଼ିଶା ବୟନ ପ୍ରତିଭାର ଅନେକ କାରିଗର ଜାତୀୟସ୍ତରରେ ସ୍ୱୀକୃତି ପାଇଛନ୍ତି । ରାଜ୍ୟ ସରକାରଙ୍କ ସହିତ ଏହି ସହଭାଗିତା, ଓଡ଼ିଶା ବୟନ ସୃଜନଶୀଳତାକୁ ନୂଆ ରୂପ ଦେବା ସହ ଜାତୀୟ ବୟନ ଓ ହସ୍ତତନ୍ତ ମାନଚିତ୍ରକୁ ଆହୁରି ସଶକ୍ତ କରିବ । ଏହି ପଦକ୍ଷେପ ପାରମ୍ପାରିକ ବସ୍ତ୍ର ପ୍ରସ୍ତୁତି ଦକ୍ଷତାକୁ ଗଠନମୂଳକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିବ । ଏସ୍ଏଚ୍ଜି ସଦସ୍ୟାମାନଙ୍କ ସୃଜନଶୀଳ ସାମର୍ଥ୍ୟକୁ ବୁଣାକାର ସେବା କେନ୍ଦ୍ରର ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଯୋଡ଼ି ଏହି ବୁଝାମଣାପତ୍ର ଉନ୍ନତ ଜୀବିକା ସୃଷ୍ଟି, ଉତ୍ପାଦର ବ୍ୟାପାରିକ ଶକ୍ତି ବିକାଶ ଏବଂ ଦୀର୍ଘମିଆଦି ମୂଲ୍ୟ ସୃଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ ପ୍ରଦାନ କରିବ ।




## ବିଜେଡି, କଂଗ୍ରେସର ମହିଳା ବିରୋଧୀ ଆଭିମୁଖ୍ୟକୁ ବିଜେପିର ନିନ୍ଦା

# ପଦାରେ ପଡ଼ିଛି ଉଭୟ ଦଳର ଦୋମୁହାଁ ନୀତି

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ମହିଳା ସୁରକ୍ଷାକୁ ଆଳ କରି ଗତ କିଛି ଦିନ ହେଲା ଓଡ଼ିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ଉଭୟ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡ଼ିଶାବାସୀ ଦେଖୁଛନ୍ତି । ଅନ୍ୟ ପଟେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡ ବନ୍ଦ । ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି । ନିଜ ଅସଲ ଚିତ୍ର ଧରାପଡ଼ିବା ଭୟରେ ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଉଭୟ ଦଳ ।

ମଙ୍ଗଳବାର ଭୁବନେଶ୍ୱର ଜିଲ୍ଲା ତରଫରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ମନେ ପକାଇ ଦେବା ପାଇଁ ସମସ୍ତ ଜିଲ୍ଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ମହିଳା ଦୁଷ୍କର୍ମ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୂରେଇ ରଖିବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ଦଳ ଅପପ୍ରୟାସ ଆରମ୍ଭ କରିଦେଇଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ନିରଞ୍ଜନ ମିଶ୍ର କହିଛନ୍ତି । ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳାମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମୀରେଖା ଦାସ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁବାସିନୀ ପୃଷ୍ଟିଙ୍କ ସମେତ ଜିଲ୍ଲା ଓ ରାଜ୍ୟର ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ ।



# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ବୁଝାମଣା

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଭିତ୍ତିଭୂମି ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିଷ୍ଠାନ ପରିସର ମଧ୍ୟରେ ପାଠାଗାର କୋଠା, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ବାସଗୃହ, ହଷ୍ଟେଲ ଓ ଏକାଡେମିକ୍ ବ୍ଲକ୍‌ର ଅତିରିକ୍ତ ମହଲା ନିର୍ମାଣ ନିମନ୍ତେ ଏକ ବୁଝାମଣାପତ୍ର ଖାରବେଳ ଭବନଠାରେ ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ନିର୍ମାଣ ନିଗମ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଓ ଓଡ଼ିଶା ନିର୍ମାଣ ନିଗମ ମୁଖ୍ୟ କାର୍ଯ୍ୟାଳୟର ନିର୍ମାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଚୌଧରୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ମୋଟ ୨୬ କୋଟି ୫ ଲକ୍ଷ ଟଙ୍କା ବିନିମୟରେ ଏହି ସବୁ ନିର୍ମାଣ କାର୍ଯ୍ୟ କରାଯିବ । ଏଥି ନିମନ୍ତେ ଦୁଇବର୍ଷ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଓଡ଼ିଶା ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଅଧ୍ୟାପକ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଅସୁରକ୍ଷିତ ମହିଳା

# ଅଗଷ୍ଟ ୧ରୁ ୧୪ ଦୁଇ ପର୍ଯ୍ୟାୟରେ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ଅଭିଯୋଗରେ ବିଜୁ ଜନତା ଦଳ ଆନ୍ଦୋଳନ କରି ଆସୁଥିବା ବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଯୁବ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଅଗଷ୍ଟ ୧ରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

ବ୍ୟୋମକେଶ ରାୟ କହିଥିଲେ, ଗତ ୧୩ ମାସ ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବା ସହିତ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ଛାତ୍ରୀମାନେ ବେଳାଭୂମିଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସରେ ମଧ୍ୟ ସୁରକ୍ଷିତ ନାହାନ୍ତି । ବିଭିନ୍ନ ଛାତ୍ରୀ ନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି । ଛାତ୍ରୀ ଓ ନାରୀମାନେ ଅସୁରକ୍ଷିତ ହୋଇ ପଡ଼ିଥିଲା ବେଳେ ରାଜ୍ୟ ବିଜେପି ସରକାର ନିଘୋଡ଼ ନିଦରେ ଶୋଇଛନ୍ତି । ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜ ଷ୍ଟ୍ରାଇକ କରିଥିଲା । ବିଜୁ ଜନତା ଦଳ ତରଫରୁ ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ସହିତ ତିନି ଆରଡ଼ିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ, ଅଗଷ୍ଟ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯିବ । ଏଥିରେ ଛାତ୍ରଛାତ୍ରୀମାନେ ତାଙ୍କ ଅଞ୍ଚଳର ଥାନା ଓ ଏସ୍‌ପିଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୁଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ । ସେହିପରି, ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ରଛାତ୍ରୀମାନେ ରାଜ୍ୟର ଗୃହମନ୍ତ୍ରୀର ଦାୟିତ୍ୱ ତୁଲାଉଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲକ୍ଷାଧିକ ଚିଠି ପଠାଯିବ ବୋଲି ଶ୍ରୀ ରାୟ କହିଥିଲେ । ଅନ୍ୟପକ୍ଷରେ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ନିକଟରେ ଘଟି ଯାଇଥିବା ଘଟଣାମାନଙ୍କୁ ନେଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜା ଓ ନିନ୍ଦା ସାଉଁଟିଛି । ଆମେରିକା ରାଷ୍ଟ୍ରପତିଙ୍କ ଅଫିସରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜେରିରେ ଓଡ଼ିଶା ସମେତ ଦେଶର ଛଅଟି ରାଜ୍ୟକୁ ନଯିବା ପାଇଁ ଏହାର ନାଗରିକ ମାନଙ୍କୁ କହିଥିଲେ । ବିଶେଷକରି ନାରୀ ଅସୁରକ୍ଷିତ ଓ ଉଗ୍ରବାଦ ବୃଦ୍ଧି ଦର୍ଶାଇ ଏହି ବାରଣ କରା ଯାଇଥିବାରୁ ଓଡ଼ିଶା ପାଇଁ ଏହା ଲଜ୍ଜା ଓ ନିନ୍ଦା ଆଣିଥିଲା । ସେହିପରି ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି କହିଥିଲେ । ଏତେ ନିନ୍ଦା ଓ ଲଜ୍ଜା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ । ନାରୀ ନିର୍ଯାତନାର ପ୍ରତିବାଦରେ ବିଜୁ ଜନତା ଦଳ ତରଫରୁ ଅଗଷ୍ଟ ୧ ତାରିଖରୁ ଦୁଇ ଥାକିଆ ଆନ୍ଦୋଳନ କରାଯିବ । ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଆନ୍ଦୋଳନ ଜାରି ରଖିବ ।



# ସଂସଦରେ 'ଅପରେସନ୍ ସିନ୍ଦୂର' ଆଲୋଚନା: ଚର୍ଚ୍ଚାରେ ଦେବାଶିଷ ଓ ମୁନ୍ନା

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ସଂସଦରେ 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ଆଲୋଚନା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହେବାପରେ ଦଳର ଆଭିମୁଖ୍ୟ କ'ଣ ରହିବ ସେ ସମ୍ପର୍କରେ ବିଜେଡି ସାଂସଦମାନଙ୍କୁ ନବୀନ ନିବାସରୁ ହ୍ୱାଟସଅପ୍ ମାଧ୍ୟମରେ ୬ସୂତ୍ରୀୟ ଗୁରୁମନ୍ତ୍ର ଜାରି କରାଯାଇଛି । ବିଜେଡି ଲୋକସଭାରେ ମୂଳପୋଛ ହୋଇଥିବାବେଳେ ରାଜ୍ୟସଭାରେ ୭ଜଣ ସାଂସଦ ଅଛନ୍ତି । ନବୀନ ନିବାସରୁ ଯାଇଥିବା ହ୍ୱାଟସଅପ୍ ସନ୍ଦେଶକୁ ଦଳର ସମସ୍ତ ୭ ସାଂସଦଙ୍କୁ ବଣ୍ଟନ କରାଯିବା ପରେ ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାନ୍ ଚିହିଁକି ଉଠିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ।

ସେମାନେ ହ୍ୱାଟସଆପରେ ଯାଇଥିବା ସନ୍ଦେଶକୁ ସିଧାସଳଖ ଖାରଜ କରି 'ଅପରେସନ୍ ସିନ୍ଦୂର' ଆଲୋଚନାରେ ଦଳ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଦୋଷତ୍ରୁଟିକୁ ଗୃହ ବିବରଣୀରେ ରେକର୍ଡ କରୁ ବୋଲି ଚାହୁଁଥିଲେ । ବିଜେଡି ସୂତ୍ର ଅନୁସାରେ, ଦଳର ଏହି ଦୁଇ ବରିଷ୍ଠ ନେତାଙ୍କ ଏଭଳି ଆଭିମୁଖ୍ୟ ଦେଖି ଆଉ କେତେକ ବିଜେଡି ସାଂସଦ ସଙ୍ଗେସଙ୍ଗେ ନବୀନ ନିବାସକୁ ଅବଗତ କରାଇଥିଲେ । ଆଉ ସେଠାରୁ ଯେଉଁ ସନ୍ଦେଶ ଯାଇଥିଲା ତାହା ଦଳରେ ପୁଣିଥରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଉଭୟ ସାଂସଦଙ୍କୁ ଏହି ଆଲୋଚନାରୁ ଦୂରେଇ ରଖିବାକୁ ନବୀନ ନିବାସରୁ ଅଘୋଷିତ ସର୍ବେସର୍ବା ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି ।

ସୂଚନା ଯୋଗ୍ୟ ଯେ ରାଜ୍ୟସଭାରେ ଆଜି 'ଅପରେସନ୍ ସିନ୍ଦୁର'କୁ ନେଇ ହେବାକୁ ଥିବା ଆଲୋଚନା ପୂର୍ବରୁ ବିଜେଡିକୁ ପୁଣିଥରେ ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିବା ସୂଚନା ମିଳିଛି । ଗତ ଏପ୍ରିଲ ମାସରେ ଓ୍ୱାକଫ୍ ବିଲ୍‌କୁ ସମର୍ଥନ କରିବା ପ୍ରସଙ୍ଗରେ ବିଜେଡିର ସଂସଦୀୟ ଦଳରେ ଫାଟ ଯେଭଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା ଏବେ ଅନୁରୂପ ସ୍ଥିତି ପୁଣିଥରେ ଉପୁଜିବାର ଆଶଙ୍କା ଦେଖାଦେଇଛି । ଲୋକସଭାରେ ମୂଳପୋଛ ହୋଇସାରିଥିବା ବିଜେଡି ରାଜ୍ୟସଭାରେ 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ଆଲୋଚନାରେ କେଉଁ ଆଭିମୁଖ୍ୟ ଆପଣାଉଛି ତାକୁ ନେଇ ସଂଶୟ ଲାଗି ରହିଛି । ତେବେ ରାଜ୍ୟସଭାରେ ଆଲୋଚନାବେଳେ 'ଅପରେସନ୍ ସିନ୍ଦୂର'କୁ ପ୍ରଶଂସା ଓ ସକାରାତ୍ମକ ଚର୍ଚ୍ଚା କରିବା ନିମନ୍ତେ ବିଜେଡି ଜାରି କରିଥିବା ଫତଓ୍ୱାକୁ ଦଳର ଦୁଇ ସାଂସଦ ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାନ୍ ତୀବ୍ର ବିରୋଧ କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ଯେଉଁଥିପାଇଁ ଏହି ଦୁଇ ବରିଷ୍ଠ ନେତା ତଥା ଉଭୟ ସାଂସଦଙ୍କୁ ରାଜ୍ୟସଭାରେ ଆଲୋଚନାରୁ ଦୂରେଇ ରଖିବାକୁ ଅଘୋଷିତ ନିର୍ଦ୍ଦେଶନାମା ଜାରି ହୋଇଥିବା ବିଜେଡି ସୂତ୍ରରୁ ସୂଚନା ମିଳିଛି । ବିଜେଡିର ଅଘୋଷିତ ସର୍ବେସର୍ବାଙ୍କ ଦ୍ୱାରା ଜାରି ୬ସୂତ୍ରୀୟ ଗୁରୁମନ୍ତ୍ର ମଧ୍ୟ ଏବେ ଦଳୀୟ ମହଲରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି,ଯେଉଁଥିରେ ସାଂସଦମାନେ କିଭଳି କହିବେ, କ'ଣ ଓ କେତେ କହିବେ ସେସବୁକୁ ନବୀନ ନିବାସରୁ ନିୟନ୍ତ୍ରିତ ପାଇଁ ପ୍ରୟାସ ହୋଇଥିବା ଜଣାପଡ଼ିଛି ।

ଚଳିତ ଥର ସଂସଦ ଅଧିବେଶନ ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇନାହିଁ । ମାତ୍ର ଅପରେସନ୍ ସିନ୍ଦୂର ଆଲୋଚନାରେ ଦଳର ଆଭିମୁଖ୍ୟ କ'ଣ ରହିବ ତାକୁ ନେଇ ନବୀନ ନିବାସ ପକ୍ଷରୁ ସାଂସଦମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନା ମାଟି ଦଳର ନେତୃତ୍ୱଙ୍କ ଅନୁମୋଦନ କରାଯାଇଛି ବୋଲି ଉଲ୍ଲେଖ ଅଛି । ଯେଉଁ ୬ଟି ସୂତ୍ରୀୟ ଗୁରୁମନ୍ତ୍ର ପଠାଯାଇଛି ତାହା କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ସିଧାସଳଖ ଶ୍ରେୟ ଦେବା ପିରବର୍ତ୍ତେ 'ଭାରତୀୟ ସଶସ୍ତ୍ର ବାହିନୀ'ର ସାହସିକତା ଓ ପ୍ରଶଂସା କରି ପରୋକ୍ଷରେ ସମର୍ଥନ ଦେବା ଭଳି ହୋଇଛି । ସୂଚନା ଥାଉ କି ବିଜେଡି ନିଜର ମୌଳିକ ବିଚାରଧାରାରୁ ଓହରି ଗତ ଏପ୍ରିଲ ମାସରେ ଯେଭଳି ଢଙ୍ଗରେ କେନ୍ଦ୍ର ସରକାରଙ୍କ ଓ୍ୱକଫ୍ ବିଲକୁ ସମର୍ଥନ କଲା ତାକୁ ନେଇ ଦଳ ଭିତରେ ତୀବ୍ର ଆକ୍ରୋଶ ସୃଷ୍ଟି ହୋଇଥିଲା । କିଏ ସାଂସଦମାନଙ୍କୁ ଏଭଳି ନିଷ୍ପତ୍ତି ନେବାକୁ କହିଥିଲା ତାହା ସମସ୍ତେ ଜାଣିଥିଲେ ମଧ୍ୟ କେହି ସିଧାସଳଖ ମୁହଁ ଖୋଲିନଥିଲେ । ଏବେ ସେହି ପ୍ରସଙ୍ଗ ଥମି ନଥିବାବେଳେ 'ଅପରେସନ ସିନ୍ଦୂର'କୁ ନେଇ ଦଳର ଆଭିମୁଖ୍ୟ ପୁଣିଥରେ ସାଂସଦମାନଙ୍କ ଭିତରେ ଫାଟ ଓ ଆକ୍ରୋଶର କାରଣ ପାଲଟିଥିବା ଚର୍ଚ୍ଚା । ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହୋଇଥିବାରୁ ବିଭିନ୍ନ ପ୍ରସଙ୍ଗରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସିଧାସଳଖ ସମର୍ଥନ ଦେବା ଦ୍ୱାରା ରାଜ୍ୟରେ ଦଳୀୟ ସଂଗଠନ ଦୁର୍ବଳ ହେଉଥିବା କର୍ମୀ-ନେତାମାନେ ଅନୁଭବ କରୁଛନ୍ତି । ଯାହାକୁ ଆକଳନ କରି ଦେବାଶିଷ ଓ ମୁନ୍ନାଙ୍କ ଭଳି ପୁରୁଖା ବିଜେଡି ନେତାମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବଢୁଥିବା ମହିଳା ବିରୁଦ୍ଧ ହିଂସାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ଜାତୀୟସ୍ତରରେ ଲୋକଲୋଚନକୁ ଆଣିବା ପାଇଁ ସଂସଦ ଭବନ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ଦଳୀୟ ସାଂସଦମାନଙ୍କୁ ପ୍ରତିବାଦ କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା । ସଂସଦ ଅଧିବେଶନ ଆରମ୍ଭରୁ ଏହି କାର୍ଯ୍ୟକ୍ରମ କରିବାକୁ ଦଳୀୟସ୍ତରରେ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଅଘୋଷିତ ସର୍ବେସର୍ବାଙ୍କ ଗ୍ରୀନ୍ ସିଗନାଲ ନମିଳିବାରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ପ୍ରାୟ ଏକ ସପ୍ତାହ ଧରି ସମ୍ଭବପର ହୋଇପାରିନଥିଲା । ତେବେ ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ବାଦ୍ ଦେଇ ଦଳର ସାଂସଦମାନେ ଗାନ୍ଧିମୂର୍ତ୍ତି ତଳେ ଆଜି ମଙ୍ଗଳବାର ପୋଷ୍ଟରବ୍ୟାନର ଧରି ପ୍ରତିବାଦ କରିଥିବା ସୂଚନା ମିଳିଛି ।



## ରତ୍ନଭଣ୍ଡାର ମରାମତି ପରର ଫଟୋ ପ୍ରଘଟ ଘଟଣା

# ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ଉପରେ ଦେଇଛି ଆଘାତ : ବିଜେଡି

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଏଏସଆଇ ଦ୍ୱାରା ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମରାମତି ପରର ଫଟୋ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଜୁ ଜନତା ଦଳ ଆଜି ଏହାକୁ ଦୃଢ଼ ନିନ୍ଦା କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିର ଭିତରକୁ କ୍ୟାମେରା ବା କୌଣସି ଇଲେକ୍ଟ୍ରୋନିକ ଗ୍ୟାଜେଟ ନେବା ଆଇନ ଅନୁଯାୟୀ ଅସିଦ୍ଧ ହୋଇଥିବା ବେଳେ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସଆଇ କିପରି ରତ୍ନ ଭଣ୍ଡାର ଓ ଭୋଗ ମଣ୍ଡପର ପ୍ରବେଶ ଦ୍ୱାରର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରକାଶ କଲା, ତାହା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶ୍ରୀମନ୍ଦିରର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ଯୋଗୁ ବିଶ୍ୱର ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଦେଇଛି । ଏହି ଗୁରୁତର ତ୍ରୁଟି ପାଇଁ ଏଏସଆଇ ଅଧିକାରୀ ଜଗନ୍ନାଥ ପ୍ରେମୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ଏହି ତ୍ରୁଟି ପାଇଁ ଦାୟୀ ଥିବା ଅଧିକାରୀଙ୍କୁ ନିଲମ୍ବନ କରାଯାଉ । ଏହାଛଡା ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ଆଇନ ମନ୍ତ୍ରୀ ଏହି ତ୍ରୁଟି ସମ୍ପର୍କରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଡ. ଲେନିନ ମହାନ୍ତି ଦାବି କରିଛନ୍ତି ।



# କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତକଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀରେ କେନ୍ଦ୍ର ଶକ୍ତି, ଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରିଛନ୍ତି ଏବଂ ସେହି ପ୍ରସଙ୍ଗଗୁଡ଼ିକ ଉପରେ ଅନୁକୂଳ ବିଚାର ପାଇଁ ଅନୁରୋଧ ମଧ୍ୟ କରିଛନ୍ତି । ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ପୁନର୍ବିନ୍ୟାସ କ୍ଷେତ୍ର ଯୋଜନା ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଆଲୋଚନା ରହିଛି ।

ସୁନ୍ଦରଗଡ଼ ଜିଲ୍ଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବାରୁ ଏନ୍ଏଲ୍‌ସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ୍ ଆବଣ୍ଟନ କରିବାକୁ ଅନୁରୋଧ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏହା ଦ୍ୱାରା ସମୁଦାୟ ୩୨୦୦ ମେଗାୱାଟ ପ୍ରକଳ୍ପ କ୍ଷମତାରୁ ୧୨୦୦ ମେଗାୱାଟ ଓଡ଼ିଶା ପକ୍ଷରେ ରହିବ । ଏନ୍ଏଲ୍‌ସି ତଲାବିରା ପ୍ରଥମ ପର୍ଯ୍ୟାୟରେ ୪୦୦ ମେଗାୱାଟ କ୍ଷମତା ଓଡ଼ିଶାକୁ ଆବଣ୍ଟନ କରାଯାଇଥିଲା । ଓଡ଼ିଶା ଏହାର ବିଦ୍ୟୁତ୍ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି ।

ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟି-୨୦ ସିରିଜ୍

# ୫-୦ରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍




**ବାସେଟେରେ, ୨୯।୭/ଏଜେନ୍ସି:** ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ଟିକିଆ ଟି-୨୦ ସିରିଜ୍ ଶେଷ ହୋଇଛି। ପୂର୍ବ ୪ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟ ଲାଭ କରିଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ଅନ୍ତିମ୍ ଟି-୨୦ ମ୍ୟାଚ୍‌କୁ ମଧ୍ୟ ଜିତିବାରେ ସଫଳ ହୋଇଛି। ୫ମ ତଥା ଅନ୍ତିମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୩ ୱିକେଟରେ ପରାସ୍ତ କରି ସିରିଜ୍‌କୁ ୫-୦ରେ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ ଦଳ। ବାସେଟେରେ ଠାରେ ଖେଳାଯାଇଥିବା ପଞ୍ଚମ ତଥା ଶେଷ ମ୍ୟାଚ୍‌ରେ ଟିମ୍ ଡେଭିଡ୍, ମିଚେଲ୍ ଓ୍ୱେନ୍ ଏବଂ କ୍ୟାମେରନ୍ ଗ୍ରୀନ୍‌ଙ୍କ ଚମତ୍କାର ବ୍ୟାଟିଂ ପାଇଁ ଅଷ୍ଟ୍ରେଲିଆ ସହଜ ବିଜୟ ଲାଭ କରିପାରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୧୯.୪ ଓଭରରେ ୧୭୦ ରନ୍ ହିଁ କରିପାରିଥିଲା। ଜବାବରେ, ଅଷ୍ଟ୍ରେଲିଆ ୧୬ ଓଭରରେ ୭ ୱିକେଟ୍ ହରାଇ ୧୭୩ ରନ୍ କରି ଲକ୍ଷ୍ୟ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ପ୍ରଦର୍ଶନ ଆରମ୍ଭରୁ ଖରାପ ଥିଲା। ଓପନର୍ ଶାଇ ହୋପ୍ ମାତ୍ର ୧୪ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ, ଦ୍ୱିତୀୟ ଓପନର୍ ବ୍ରାଣ୍ଡନ୍ କିଙ୍ଗ୍ ୨୨ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପାୱାରପ୍ଲେରେ, ୱେଷ୍ଟଇଣ୍ଡିଜ୍ ୩ ୱିକେଟ ହରାଇ ୪୯ ରନ୍ କରିଥିଲା। ୧୦ ଓଭର (ଡ୍ରିଙ୍କସ୍) ପର୍ଯ୍ୟନ୍ତ ସ୍କୋର ୪ ୱିକେଟ ହରାଇ ୮୪ ରନ୍ ଥିଲା। ତେବେ ଶିମ୍‌ରନ୍ ହିଟମାୟାର୍‌ଙ୍କ ବିସ୍ଫୋରକ ଇନିଂସ ଯୋଗୁ ୱେଷ୍ଟଇଣ୍ଡିଜ୍ ସ୍କୋର ୧୫୦ ଅତିକ୍ରମ କରିପାରିଥିଲା। ହିଟ୍‌ମାୟାର ୩୧ ବଲ୍ ଖେଳି ୫୨ ରନ୍‌ର ପାଳି ଖେଳିଥିଲେ। ନିଜ ପାଳିରେ ସେ ୩ ଚୌକା ଏବଂ ୩ଟି ଛକା ମାରିଥିଲେ। ହିଟମାୟାରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ସେପରି ଆଖିଦୃଶିଆ ସ୍କୋର କରିପାରିନଥିଲେ। ତେବେ ରଦରଫୋର୍ଡ କେବଳ ୩୫ରନ୍‌ର ଚମତ୍କାର ଇନିଂସ ଖେଳିବାରେ ସଫଳ ହୋଇଥିଲେ। ସେ ୧୭ବଲ୍‌ରୁ ୩୫ ରନ୍ କରିଥିଲେ। ହୋଲ୍ଡର ୧୫ ବଲ୍‌ରେ ୨୦ ରନ୍ କରିଥିଲେ। ତେବେ ଏହି ଭାଗୀଦାରୀ ଯୋଗୁଁ ୱେଷ୍ଟଇଣ୍ଡିଜ୍ ସ୍କୋର ୧୭୦ରେ ପହଞ୍ଚିଥିଲା।

୧୭୧ ରନ୍‌ର ଟାର୍ଗେଟକୁ ପିଛା କରିବା ସମୟରେ ଅଷ୍ଟ୍ରେଲିଆର ଆରମ୍ଭ ମଧ୍ୟ ଭଲ ନଥିଲା। ଓପନର ଗ୍ଲେନ୍ ମ୍ୟାକ୍ସୱେଲ୍ ୧୨ ରନ୍ କରି ଆଉଟ୍ ହୋଇଥିଲେ। ଜୋଶ୍ ଇଙ୍ଗଲିସ୍ ୨୩ ରନ୍ ଏବଂ ମିଚେଲ୍ ମାର୍ଶ ୨୫ ରନ୍ କରି ପାଭିଲିୟନ୍ ଫେରିଥିଲେ। ପାୱାରପ୍ଲେରେ ଅଷ୍ଟ୍ରେଲିଆ ୪ ୱିକେଟ୍ ହରାଇ ୬୭ ରନ୍ କରିଥିଲା। ତେବେ କାମେରନ୍ ଗ୍ରୀନ୍ ଇନିଂସ ସମ୍ଭାଳିଥିଲେ କ୍ୟାମରନ୍ ଗ୍ରୀନ୍ ଅଷ୍ଟ୍ରେଲିଆ ଇନିଂସ ସମ୍ଭାଳିଥିଲେ ଏବଂ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ସେ ଟିମ୍ ଡେଭିଡ୍ ସହିତ ଚତୁର୍ଥ ୱିକେଟ୍ ପାଇଁ ୧୪ବଲ୍ ରେ ୩୫ ରନ୍ ଏବଂ ମିଚେଲ୍ ଓ୍ୱେନ୍ ସହିତ ପଞ୍ଚମ ୱିକେଟ୍ ପାଇଁ ୨୯ ବଲ୍‌ରେ ୬୩ ରନ୍ ର ଭାଗୀଦାରି କରିଥିଲେ। ଗ୍ରୀନ୍ ୧୮ ବଲ୍‌ରେ ୩୨ ରନ୍, ଡେଭିଡ୍ ୧୨ ବଲ୍‌ରେ ୩୦ ରନ୍ ଏବଂ ଓ୍ୱେନ୍ ୧୭ ବଲ୍‌ରେ ୩୭ ରନ୍ କରିଥିଲେ। ଉତ୍କର୍ଷ ପ୍ରଦର୍ଶନ ପାଇଁ ବେନ୍ ଡ୍ୱାରଶୁଇସ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ କ୍ୟାମେରନ୍ ଗ୍ରୀନ୍ ପ୍ଲେୟାର ଅଫ୍ ଦି ସିରିଜ୍ ଘୋଷିତ ହୋଇଛନ୍ତି।

ଗୁରୁବାର ଅନ୍ତିମ ଟେଷ୍ଟ: ଅପେକ୍ଷାରେ ଓଭାଲ୍ ଗ୍ରାଉଣ୍ଡ

# ନେଟ୍ସରେ ଝାଳ ବୁହାଇଲେ ଭାରତୀୟ ଖେଳାଳି



**ଲଣ୍ଡନ,୨୯।୭/ଏଜେନ୍ସି:** ଇଂଲଣ୍ଡ-ଭାରତ ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆସନ୍ତା ଗୁରୁବାର (୩୧ ଜୁଲାଇ) ଖେଳାଯିବ। ଏଥିଲାଗି ଉଭୟ ଦଳର ଖେଳାଳିମାନେ ନେଟ୍ସରେ ଜବରଦସ୍ତ ଅଭ୍ୟାସ କରିବା ସହ ଝାଳ ବୁହାଉଥିବାର ଦେଖିବାକୁ ମିଳିଛି। ଭାରତୀୟ ଦଳର ଖେଳାଳିମାନେ ମଙ୍ଗଳବାର ଦି ଓଭାଲ ଗ୍ରାଉଣ୍ଡରେ ପ୍ରାକ୍ଟିସ ଆରମ୍ଭ କରିଛନ୍ତି। ଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ସାଇ ସୁଦର୍ଶନ ପ୍ରଥମ ଖେଳାଳି ଭାବେ ନେଟ୍ସରେ ପହଞ୍ଚିଥିଲେ। ଗତ ୪ଟି ଯାକ୍ ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇନଥିବା ଯୁବ ସ୍ପିନର କୁଲଦୀପ ଯାଦବ ମଧ୍ୟ ସାଥୀ ଖେଳାଳିଙ୍କ ସହ ନେଟ୍ସରେ ଝାଳ ବୁହାଇଥିଲେ। ବୋଲିଂ କୋଚ ମର୍ନେ ମୋର୍କେଲଙ୍କ ତତ୍ତ୍ୱାବଧାନରେ ପଦାର୍ପଣ ଅପେକ୍ଷାରେ ଥିବା ବାମହାତୀ ପେସର ଅର୍ଶଦୀପ ସିଂହ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ବୋଲିଂ କରିଥିଲେ। ସେହିପରି ଶୁଭମନ୍ ଗିଲ୍, ରବୀନ୍ଦ୍ର ଜାଡେଜା ଆଦି ନେଟ୍ସରେ ଦୀର୍ଘସମୟ ଧରି ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।

ରିପୋର୍ଟ ଅନୁସାରେ ଭାରତ ବର୍ତ୍ତମାନ ସୁଦ୍ଧା ଓଭାଲ୍ ଷ୍ଟାଡିୟମ୍‌ରେ ଖେଳିଥିବା ୧୫ଟି ଟେଷ୍ଟମ୍ୟାଚ୍ ମଧ୍ୟରୁ ମାତ୍ର ୨ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ସେହିପରି ୭ଟି ମ୍ୟାଚ୍ ଡ୍ର' କରିବାରେ ସଫଳ ହୋଇଥିବା ବେଳେ ୬ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଅନ୍ୟପକ୍ଷେ ଇଂଲଣ୍ଡ ଏହି ଗ୍ରାଉଣ୍ଡରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୦୬ଟି ମ୍ୟାଚ୍ ଖେଳିଥିବା ବେଳେ ୪୫ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ୨୪ଟି ମ୍ୟାଚ୍‌ରେ ପରାଜୟ ବରଣ କରିଥିବା ଇଂଲଣ୍ଡ ୩୭ଟି ମ୍ୟାଚ୍ ଡ୍ର' କରିବାରେ ସଫଳ ହୋଇଛି। ଏହି ଦୃଷ୍ଟିକୋଣରୁ ଓଭାଲ୍ ଟେଷ୍ଟରେ ଭାରତ ତୁଳନାରେ ଇଲଣ୍ଡର ପଲ୍ଲା ଭାରି ରହିଥିବା ଅନୁମାନ କରାଯାଉଛି। କିନ୍ତୁ ୪ର୍ଥ ଟେଷ୍ଟରେ (ମାଞ୍ଚେଷ୍ଟର) ଭାରତ ଯେଉଁଭଳି ଲଢୁଆ ପ୍ରଦର୍ଶନ ପୂର୍ବକ ମ୍ୟାଚ୍‌କୁ ଫେରିଥିଲା ଏବଂ ହାର୍‌କୁ ସହଜରେ ଗ୍ରହଣ ନକରିବାର ମନୋଭାବ ପୋଷଣ କରିଥିଲା ସେଥିରୁ ଓଭାଲ୍ ଟେଷ୍ଟରେ ଭାରତର ପ୍ରଦର୍ଶନ ଇଂଲଣ୍ଡକୁ କଡା ଟକ୍କର ଦେବା ଭଳି ହେବ ବୋଲି ଆଶା କରାଯାଉଛି।

# ବିସିସିଆଇ ଅଫିସ୍‌ରୁ ଚୋରି

**ମୁମ୍ବାଇ,୨୯।୭/ଏଜେନ୍ସି:** ମୁମ୍ବାଇ ସ୍ଥିତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୱାଙ୍ଖେଡେ ଷ୍ଟାଡିୟମ କାର୍ଯ୍ୟାଳୟରେ ଚୋରି ହୋଇଥିବା ସମ୍ପର୍କରେ ସୂଚନା ମିଳିଛି। ତେବେ କୌଣସି ଟଙ୍କାପଇସା କିମ୍ବା ମୂଲ୍ୟବାନ ସାମଗ୍ରୀ ବଦଳରେ ଆଇପିଏଲ ଜର୍ସି ହୋଇଥିବା କୁହାଯାଇଛି। ତେବେ ଏହି ଚୋରି ପଛରେ କାର୍ଯ୍ୟାଳୟର ଜଣେ ୪୦ବର୍ଷୀୟ କର୍ମଚାରୀର ହାତ ଥିବା ଜଣାଯାଇଛି। ଫାରୁକ ଅସଲମ୍ ଖାନ୍ ନାମକ ଏହି କର୍ମଚାରୀ ବିସିସିଆଇ ଅଫିସ୍‌ରୁ ପ୍ରାୟ ୨୬୧ଟି ଜର୍ସି ଚୋରି କରିଛି। ଗୋଟିଏ ଜର୍ସିର ମୂଲ୍ୟ ପ୍ରାୟ ୨୫୦୦ ଟଙ୍କା ହିସାବରେ ସେ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରିଥିବା ବିସିସିଆଇ ସୂତ୍ରରୁ ଜଣାପଡିଛି।

ବିସିସିଆଇ ଅଫିସ୍‌ରେ ହୋଇଥିବା ଏହି ଚୋରି ସମ୍ପର୍କରେ ପୁଲିସ କହିଛି ଯେ ଫାରୁକ୍ ଅନ୍‌ଲାଇନରେ ଜୁଆ ଖେଳୁଥିଲା ଏବଂ ସେ ତାର ଜୁଆ ନିଶା ପାଇଁ ଏହି ଆଇପିଏଲ୍ ଜର୍ସି ଚୋରି କରିଥିଲା। ଫାରୁକ୍ ସୋସିଆଲ ମିଡିଆ ମାଧ୍ୟମରେ ହରିୟାଣାର ଜଣେ ଅନଲାଇନ୍ ଜର୍ସି ଡିଲରଙ୍କ ସହ ଯୋଗାଯୋଗରେ ଥିଲା, ଯାହାପାଖକୁ ସେ ଏସବୁ ଚୋରି ସାମଗ୍ରୀ କୋରିଅର ମାଧ୍ୟମରେ ପଠାଉଥିଲା। ତେବେ ଏହା ପୂର୍ବରୁ ମଧ୍ୟ ଫାରୁକ୍ ଅନେକ ଜର୍ସି ଏହିପ୍ରକାରେ ଚୋରି କରୁଥିଲା ଏବଂ ସେସବୁକୁ ବିକ୍ରି କରି ଭଲ ଟଙ୍କା ପାଉଥିଲା। କିନ୍ତୁ ଏସବୁ ସମ୍ପର୍କରେ ସେତେବେଳେ ଜଣାପଡୁନଥିଲା। ଏବେ ଯେତେବେଳେ ବିସିସିଆଇ ପକ୍ଷରୁ ଷ୍ଟକ୍ ଅଡିଟ୍ କରାଯାଇଛି ସେତେବେଳେ ଏହି କଥା ଧରାପଡ଼ିଛି। ଏହା ପରେ ସିସିଟିଭି ଫୁଟେଜ୍‌ରୁ ଫାରୁକ୍ ଏକ କାର୍ଟୁନ ବାହାରକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। ଏହା ପରେ ବିସିସିଆଇ ପକ୍ଷରୁ ମେରିନ ଡ୍ରାଇଭ୍ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ପୁଲିସ ଏପର୍ଯ୍ୟନ୍ତ ୫୦ଟି ଜର୍ସି ଜବତ କରିସାରିଥିବା ବେଳେ ଫାରୁକ୍‌କୁ ହେପାଜତ୍‌କୁ ନେଇଛି। ସେହିପରି ସେ ଯେଉଁ ଅନ୍‌ଲାଇନ୍ ଜର୍ସି ଡିଲରଙ୍କୁ ଏସବୁ ଚୋରି ସାମଗ୍ରୀ ବିକ୍ରି କରୁଥିଲା ତାଙ୍କୁ ଧରିବା ପାଇଁ ମଧ୍ୟ ପୁଲିସ୍ ଉଦ୍ୟମ ଆରମ୍ଭ କରିଛି।

# ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ଦୁଇ ଓଡ଼ିଆ ଖେଳାଳି




**ଭୁବନେଶ୍ୱର,୨୯।୭/ଏଜେନ୍ସି:** ୨୯ ଜୁଲାଇରୁ ୧ ଅଗଷ୍ଟ ୨୦୨୫ ଚେନ୍ନାଇ ଠାରେ ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣମେଣ୍ଟରେ ତିନୋଟି ଦଳ ଯଥା ଇଣ୍ଡିଆ ରେଡ୍, ଇଣ୍ଡିଆ ବ୍ଲୁ ଏବଂ ଇଣ୍ଡିଆ ଗ୍ରୀନ୍ ସାମିଲ ହେବେ। ତେବେ ଏହି ଟୁର୍ଣ୍ଣମେଣ୍ଟ ପାଇଁ ଓଡିଶାର ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଏମାନେ ହେଲେ ଦେବେନ୍ଦ୍ର ମେହେର ଏବଂ ରାଜେଶ କୁମାର ପ୍ରଧାନ। ଦେବେନ୍ଦ୍ରଙ୍କୁ ଇଣ୍ଡିଆ ବ୍ଲୁ' ପାଇଁ ଚୟନ କରାଯାଇଥିବା ବେଳେ ରାଜେଶ କୁମାରଙ୍କୁ ଇଣ୍ଡିଆ ରେଡ୍ ପାଇଁ ଚୟନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନକାରୀଙ୍କୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳ ରେ ସାମିଲ ହୋଇପାରିବେ ବୋଲି ଜଣାପଡିଛି। ଏହି ଦୁଇ ଓଡ଼ିଆ ଖେଳାଳିଙ୍କୁ ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈସୱାଲ୍ କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର, ଉପସଭାପତି ମଣ୍ଟୁ ଦାସ, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଜାର ଓ ଅଧିନାୟକ ରାଖାଲ୍ କୁମାର ସେଠି ଏବଂ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଓଭାଲ ପିଚ୍ କ୍ୟୁରେଟର୍‌ଙ୍କ ଉପରେ ରାଗିଗଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜର ପଞ୍ଚମ ଏବଂ ଶେଷ ମ୍ୟାଚ ଜୁଲାଇ ୩୧ରୁ ଖେଳାଯିବ। ପଞ୍ଚମ ଟେଷ୍ଟ ମ୍ୟାଚର ଦୁଇ ଦିନ ପୂର୍ବରୁ, ମଙ୍ଗଳବାର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଓଭାଲ ପିଚ୍ କ୍ୟୁରେଟରଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିବା ଜଣାପଡିଛି। ଏହି ଯୁକ୍ତିତର୍କ ସେତେବେଳେ ହୋଇଥିଲା ଯେତେବେଳେ ଟିମ ଇଣ୍ଡିଆ ଅଭ୍ୟାସ ସେସନ ପାଇଁ ଗ୍ରାଉଣ୍ଡରେ ପହଞ୍ଚିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ବିବାଦ ଏତେ ବଢ଼ି ଯାଇଥିଲା ଯେ ଗୌତମ ଗମ୍ଭୀର ପିଚ କ୍ୟୁରେଟରଙ୍କ ଉପରେ କ୍ରୋଧରେ ଚିତ୍କାର କରି କହିଥିଲେ ତୁମେ ଆମକୁ କ'ଣ କରିବାକୁ ହେବ ତାହା କହିବା ଦରକାର ନାହିଁ। ଓଭାଲ ଗ୍ରାଉଣ୍ଡ ଷ୍ଟାଫ୍ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ବିରୋଧରେ ଅଭିଯୋଗ କରିବାକୁ ମଧ୍ୟ ଧମକ ଦେଇଥିଲେ। ସୂଚନାଯୋଗ୍ୟ, କ୍ୟୁରେଟର ଲି ଫୋର୍ଟିସଙ୍କ ଆଚରଣ ଭ୍ରମଣକାରୀ ଦଳଙ୍କ ପାଇଁ ସର୍ବଦା ଖରାପ ରହିଆସିଛି।

## ଦେଶ ବିଦେଶ

### ନ୍ୟୁୟର୍କରେ ଅତର୍କିତ ଗୁଳିକାଣ୍ଡ: ୫ ମୃତ

**ନ୍ୟୁୟର୍କ, ୨୯।୭/ଏଜେନ୍ସି:** ଆମେରିକାର ନ୍ୟୁୟର୍କ ସହରରେ ପୁଣିଥରେ ଗୁଳିଫୁଟିଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ଆତତାୟୀ ଅତର୍କିତ ଭାବେ ଗୁଳିକାଣ୍ଡ ଭିଆଇଥିବା ବେଳେ ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ପୁଲିସ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ତେବେ ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିରେ ଆତତାୟୀଜଣକ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଛି। ନ୍ୟୁୟର୍କର ସେଣ୍ଟ୍ରାଲ ମନହାଟନରେ ଗୁଳିକାଣ୍ଡର ଭିଜୁଆଲ ସାମ୍ନାକୁ ଆସିଛି। ଆତତାୟୀଜଣକର ନାମ ସେନ୍ ତାମୁରା (୨୭) ଏବଂ ସେ ଲସ୍ ଭେଗାସର ସ୍ଥାୟୀବାସିନ୍ଦା ବୋଲି ଜଣାପଡିଛି। ଏନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ସିଏନଏନ ପକ୍ଷରୁ ରିପୋର୍ଟ ପ୍ରକାଶ କରିଛି। ଆତତାୟୀଜଣକ ମନହାଟନରେ ମଝି ସହରରେ ଥିବା ପାର୍କ ଆଭେନ୍ୟୁ ଲବିରୁ ପାଖରେ ଥିବା ଏକ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗୁଳି ଚଳାଇଥିଲା। ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୪୦ ମିନିଟ ସମୟରେ ଗୁଳିକାଣ୍ଡ ଘଟିଛି।

# ଆଣ୍ଡାମାନ୍ ନିକୋବରରେ ୬.୨ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ, ୨୯।୭/ଏଜେନ୍ସି:** ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ମଙ୍ଗଳବାର ସକାଳେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ୬.୨ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ସରକାରୀ ସୂଚନା ଅନୁଯାୟୀ, ଏହି ଭୂମିକମ୍ପ ପ୍ରାୟ ୧୨:୧୧ ସମୟରେ ଅନୁଭୂତ ହୋଇଥିଲା ଏବଂ ଏହାର ଉତ୍ପତ୍ତି ସ୍ଥଳ ୧୦ କିଲୋମିଟର ଗଭୀରତାରେ ରହିଥିବା ରେକର୍ଡ କରାଯାଇଛି। ତେବେ ଏହି ଭୂକମ୍ପନ ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ, କୌଣସି ଆହତ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ସାମ୍ନାକୁ ଆସିନାହିଁ। ପ୍ରକାଶ, ଶୁକ୍ରବାର ସନ୍ଧ୍ୟା ୬:୪୪ ସମୟରେ ମଧ୍ୟ ଆଣ୍ଡାମାନ ସାଗରରେ ସମାନ ଗଭୀରତାରେ ଅନୁଭୂତ ହୋଇଥିଲା, କିନ୍ତୁ ଏହାର ତୀବ୍ରତା ୪.୯ କମ୍ ଥିଲା। ଅନ୍ୟପକ୍ଷେ ସୋମବାର ସନ୍ଧ୍ୟା ୬:୩୬ ସମୟରେ ଅରୁଣାଚଳ ପ୍ରଦେଶର ତିରପ ଜିଲ୍ଲାରେ ୩.୫ ତୀବ୍ରତାର ଆଉ ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା। ଏହା ପୂର୍ବରୁ, ୨୧ ଜୁଲାଇରେ, ଅରୁଣାଚଳପ୍ରଦେଶର ଉପର ସୁବାନସିରି ଜିଲ୍ଲାରେ ୩.୪ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ସାରା ବିଶ୍ୱରେ ପ୍ରାୟ ପ୍ରତିଦିନ ଭୂମିକମ୍ପ ଅନୁଭୂତ ହେଉଛି। ୨୦ ଜୁଲାଇରେ, ରୁଷର କାମଚଟକା ଅଞ୍ଚଳରେ ୧୦ କିଲୋମିଟର ଗଭୀରତାରେ ୭.୪ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା। ୟୁରୋପୀୟ-ଭୂମଧ୍ୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏବଂ ଜର୍ମାନୀର ଜିଏଫ୍‌ଜେଡ୍ ଉଭୟ ୭.୪ ତୀବ୍ରତାର ଭୂମିକମ୍ପ ରିପୋର୍ଟ କରିଛନ୍ତି। ହାୱାଇରେ, ଆମେରିକାର ଜାତୀୟ ସୁନାମି ଚେତାବନୀ କେନ୍ଦ୍ର ଦ୍ୱାରା ପ୍ରଥମେ ସୁନାମି ଚେତାବନୀ ଜାରି କରାଯାଇଥିଲା କିନ୍ତୁ ପରେ ଏହାକୁ ବାତିଲ କରାଯାଇଥିଲା।

ବିମାନବନ୍ଦରକୁ ଫେରିଲା ବୋଇଂ ୭୮୭ ଡ୍ରିମ୍‌ଲାଇନର

# ପୁଣି ବୋଇଂ ବିମାନ ଇଞ୍ଜିନ୍‌ରେ ତ୍ରୁଟି

**ନୂଆଦିଲ୍ଲୀ, ୨୯।୭/ଏଜେନ୍ସି:** ଆଉ ଏକ ବୋଇଂ ବିମାନ ସମ୍ପର୍କରେ ସୂଚନା ମିଳିଛି ଯାହାକି ଯାନ୍ତ୍ରିକ ତ୍ରୁଟିର ଶିକାର ହୋଇ ବିମାନବନ୍ଦରକୁ ଫେରିବାକୁ ବାଧ ହୋଇଛି। ରିପୋର୍ଟ ଅନୁସାରେ ଗତ ଶୁକ୍ରବାର, ମଝି ଆକାଶରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବା ପରେ ମ୍ୟୁନିକ୍ ଯାଉଥିବା ୟୁନାଇଟେଡ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ୱାଶିଂଟନ୍ ଡଲେସ୍ ବିମାନବନ୍ଦରକୁ ଫେରିବାକୁ ବାଧ ହୋଇଥିଲା। ଉଡ଼ାଣର କିଛି ମିନିଟ୍ ପରେ ବିମାନର ବାମ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏକ 'ମେ ଡେ' ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ପ୍ରାୟ ୫ ହଜାର ଫୁଟ ଉଚ୍ଚତାରେ ଏହି ଘଟଣା ଘଟିଥିଲା, ଯାହା ଫଳରେ ବିମାନ କର୍ମଚାରୀମାନେ ଏକ ଜରୁରୀକାଳୀନ ଘୋଷଣା ଜାରି କରିଥିଲେ ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ବିମାନ ଟ୍ରାଫିକ୍ ନିୟନ୍ତ୍ରକଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ମୂଳତଃ ମ୍ୟୁନିକ ବିମାନବନ୍ଦରକୁ ଯାଉଥିବା ବିମାନଟି ୱାଶିଂଟନର ଉତ୍ତର-ପଶ୍ଚିମରେ ସୁରକ୍ଷିତ ଭାବରେ ଇନ୍ଧନ ପକାଇବା ଏବଂ ଅବତରଣ ପାଇଁ ରଖାଯାଇଥିଲା। ସୂଚନା ଅନୁସାରେ, ଇନ୍ଧନ ଡମ୍ପିଂ ଚାଲିଥିବା ସମୟରେ ପାଇଲଟ୍ ୬ ହଜାର ଫୁଟ ଉଚ୍ଚତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ବିମାନ ଟ୍ରାଫିକ୍ ନିୟନ୍ତ୍ରକମାନଙ୍କୁ ଏୟାରସ୍ପେସ୍ ସଫା କରିଥିଲେ ଏବଂ ବିମାନକୁ ୨୦ ଡିଗ୍ରୀ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଇନ୍ଧନ ଡମ୍ପିଂ ସମାପ୍ତ ହେବା ପରେ, କ୍ରୁ ରନୱେ ୧୯ ସେଣ୍ଟରରେ ଲ୍ୟାଣ୍ଡିଂ ପାଇଁ ଅନୁରୋଧ କରିଥିଲେ। ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ରିପୋର୍ଟରେ କୁହାଯାଇଛି।

# ୨୨ ପିଲାଙ୍କୁ ପୋଷ୍ୟ ଗ୍ରହଣ କରିବେ ରାହୁଲ

**ଶ୍ରୀନଗର,୨୯।୭/ଏଜେନ୍ସି:** ଅପରେଶନ ସିନ୍ଦୂର ବେଳେ ପାକିସ୍ତାନୀ ସେନାର ସେଲ୍ ମାଡ଼ରେ ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲାରେ ଅନାଥ ହୋଇଥିବା ୨୨ ଜଣ ପିଲାଙ୍କୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୋଷ୍ୟ ଭାବେ ଗ୍ରହଣ କରିବେ। ଏହି ପିଲାମାନେ ପାକିସ୍ତାନୀ ସେଲ୍ ମାଡ଼ରେ ସେମାନଙ୍କ ମା'ବାପାଙ୍କୁ ହରାଇଥିବା ଜମ୍ମୁ-କାଶ୍ମୀର କଂଗ୍ରେସର ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା କହିଛନ୍ତି। ରାହୁଲ ଉକ୍ତ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ମେ' ୭ରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିବା ବେଳେ ପାକିସ୍ତାନୀ ସେନା ୪ ଦିନ ଧରି ଜୋରଦାର ସେଲ୍ ମାଡ଼ କରିଥିଲା। ଏଥିରେ ସୀମାନ୍ତ ଜିଲ୍ଲା ପୁଞ୍ଛ୍ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ୧୩ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ ୭୫ ଜଣ ଆହତ ହୋଇଥିଲେ ଏବଂ ଶତାଧିକ ଘର ଧ୍ୱଂସ ହୋଇଥିଲା।

# ଆଜି ଉତ୍କ୍ଷେପଣ ହେବ 'ନିସାର'

## ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବ ନାସା-ଇସ୍ରୋର ଏହି ମିଳିତ ଉପଗ୍ରହ



**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:** ନାସା ଓ ଇସ୍ରୋ ଦ୍ୱାରା ମିଳିତ ଭାବରେ ବିକଶିତ ଏକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ 'ନିସାର', ଜୁଲାଇ ୩୦ରେ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଉତ୍କ୍ଷେପଣ କରାଯିବ। ଏହି ଉପଗ୍ରହକୁ ଜିଏସ୍‌ଏଲ୍‌ଭି-ଏଫ୧୬ରେ ଉତକ୍ଷେପଣ କରାଯିବ ଏବଂ ଏହାକୁ ୭୩୪ କିଲୋମିଟର ଦୂର ସୂର୍ଯ୍ୟର ସମାନ କକ୍ଷପଥରେ ରଖାଯିବ। ଏହି ଉପଗ୍ରହ ପ୍ରତି ୧୨ ଦିନରେ ସମଗ୍ର ବିଶ୍ୱକୁ ସ୍କାନ କରିବ, ଯାହା ପୃଥିବୀ ପୃଷ୍ଠର ଏକ ବିସ୍ତୃତ ଚିତ୍ରର ଏକ ଶୃଙ୍ଖଳା ପ୍ରଦାନ କରିବ। ଦୁଇଟି ରାଡାର ସିଷ୍ଟମ୍ ସହିତ, ଏହି ଉପଗ୍ରହ ସମସ୍ତ ପ୍ରକାରର ପାଣିପାଗ ପରିସ୍ଥିତିରେ ଏବଂ ଦିନ ଏବଂ ରାତି ଉଭୟ ସମୟରେ ବହୁତ ଉଚ୍ଚ-ରିଜୋଲ୍ୟୁସନ୍‌ଯୁକ୍ତ ତଥ୍ୟ ପ୍ରଦାନ କରିପାରିବ। ଏହି ଉପଗ୍ରହ ସମାନ ଭୂଖଣ୍ଡରେ ବାରମ୍ବାର ପର୍ଯ୍ୟବେକ୍ଷଣ ସମୟରେ ଏକ ସେଣ୍ଟିମିଟର ଆକାରର ଛୋଟ ପରିବର୍ତ୍ତନଗୁଡ଼ିକୁ କଏଦ କରିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ। ସୁତରାଂ ଏହା ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟାଗୁଡ଼ିକ, ଯେପରିକି ହିମବାହ, ସମୁଦ୍ର ବରଫର ଗତି, ଝଡ଼ର ପଥ, ଉଦ୍ଭିଦ ଏବଂ ଜଙ୍ଗଲରେ ପରିବର୍ତ୍ତନ, ଏବଂ ଭୂମିକମ୍ପ ଓ ଆଗ୍ନେୟଗିରିର ଗତିବିଧି ଅଧ୍ୟୟନ କରିପାରିବ। ଏହି ଉପଗ୍ରହ ଜଳବାୟୁ ପରିବର୍ତ୍ତନ କିମ୍ବା ପ୍ରାକୃତିକ ବିପଦ ଭଳି ପ୍ରକ୍ରିୟାଗୁଡ଼ିକ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ୨୩୯୨ କିଲୋଗ୍ରାମ ଓଜନ ବିଶିଷ୍ଟ, ନିସାର ଏକ ଭିନ୍ନ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଏବଂ ଏହା ପ୍ରଥମ ଥର ପାଇଁ ଦୁଇଟି ଫ୍ରିକ୍ୱେନ୍ସିରେ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। ଏହା ନାସା ଓ ଇସ୍ରୋ ସିନ୍ଥେଟିକ୍ ଆପର୍ଚର ରାଡାର ପାଇଁ ବ୍ୟବହୃତ ହୁଏ। ନିସାର ନାସାର ଏଲ-ବ୍ୟାଣ୍ଡ ଏବଂ ଇସ୍ରୋର ଏସ-ବ୍ୟାଣ୍ଡ ଫ୍ରିକ୍ୱେନ୍ସିରେ ପୃଥିବୀକୁ ପରିକ୍ରମା କରିବ। ଗୋଟିଏ ଉପଗ୍ରହରେ ଦୁଇଟି ରାଡାର ସିଷ୍ଟମ ରଖିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା କାରଣ ଦୁଇଟି ସିଷ୍ଟମକୁ ହାର୍ଡୱେରର ବିଭିନ୍ନ ସେଟ୍ ଆବଶ୍ୟକ, ଏବଂ ପରସ୍ପର ସହିତ ହସ୍ତକ୍ଷେପ ନକରି ପରିପୂରକ ଢଙ୍ଗରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ପ୍ରାୟ ୧.୫ ବିଲିଅନ୍ ଆମେରିକୀୟ ଡଲାର ମୂଲ୍ୟର ଏହି ଉପଗ୍ରହ ବିଶ୍ୱର ସବୁଠାରୁ ମହଙ୍ଗା ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ, ଇସ୍ରୋ ଏହି ସାଟେଲାଇଟ୍ ପାଇଁ ୪୬୯.୪ କୋଟି ଟଙ୍କା ପ୍ରଦାନ କରିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra